ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us: Facebook YouTube Twitter

ବର୍ଷ-୬ | ସଂଖ୍ୟା-୪୫ | ଗୁରୁବାର | ୦୮ ମଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-45 | Thursday | 08 May 2025 | Bhubaneswar | Pages-8 | Rs. 2.00

## ରାଷ୍ଟ୍ରପତିଙ୍କୁ ଭେଟି ଅପରେସନ ସିନ୍ଦୂର ସଂପର୍କରେ ତଥ୍ୟ ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୭।୫ (ହି.ସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ତାଙ୍କୁ ପାକିସ୍ତାନରେ ଆତଙ୍କବାଦୀ ଠିକଣା ଉପରେ ଭାରତର ଐତିହାସିକ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ କରାଯାଇଥିବା ଅପରେସନ ସିନ୍ଦୂର ସଂପର୍କରେ ସୂଚନା ଦେଇଛନ୍ତି । ଭାରତୀୟ ସଶସ୍ତ୍ର ବଳ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପୀଡ଼ିତ ଲୋକଙ୍କୁ ନ୍ୟାୟ ଦେବା ପାଇଁ ଅପରେସନ୍ 'ସିନ୍ଦୂର' ଚାଲାଇଥିଲେ ଓ ପାକିସ୍ତାନ ଏବଂ ପାକିସ୍ତାନ ଦ୍ୱାରା ଅଧିକୃତ ଜମ୍ମୁ-କଶ୍ମୀରରେ ଥିବା ନଅଟି ଆତଙ୍କୀ ଶିବିରକୁ ଲକ୍ଷ୍ୟ କରି ନଷ୍ଟ କରିଛନ୍ତି। ୨୨ ଏପ୍ରିଲ୍ ୨୦୨୫ ରେ ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କୀମାନେ ୨୬ ଜଣଙ୍କୁ ହତ୍ୟା କରିଥିଲେ। ରାଷ୍ଟ୍ରପତି ଭବନ ପକ୍ଷରୁ ଉଭୟ ନେତାଙ୍କର ଫଟୋ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇ କୁହାଯାଇଛି ଯେ, "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ କରିଛନ୍ତି ଓ ତାଙ୍କୁ ଅପରେସନ୍ 'ସିନ୍ଦୂର' ବିଷୟରେ ସୂଚନା ଦେଇଛନ୍ତି।" ଏହି ପୂର୍ବରୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ୟାବିନେଟ୍ ବୈଠକରେ ତାଙ୍କର ସହଯୋଗୀମାନେଙ୍କୁ ଅପରେସନ୍ 'ସିନ୍ଦୂର' ବିଷୟରେ ସୂଚିତ କରିଥିଲେ ଓ ଏହାକୁ ଦେଶ ପାଇଁ ଗର୍ବର ଅବସର ବୋଲି ବର୍ଣ୍ଣନା କରିଥିଲେ। ବୈଠକ ଆରମ୍ଭରେ ସମସ୍ତ ମନ୍ତ୍ରୀମାନେ ପାକିସ୍ତାନ ଏବଂ ପାକିସ୍ତାନ ଦ୍ୱାରା ଅଧିକୃତ ଜମ୍ମୁ-କଶ୍ମୀରରେ ଥିବା ନଉଟି ଆତଙ୍କୀୟ ଶିବିରକୁ ସଠିକ୍ ଭାବେ ସେନା ଆକ୍ରମଣ କରି ନଷ୍ଟ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅପରେସନକୁ ସଶସ୍ତ୍ର ବଳ ଏକ ଉତ୍ତମ ଆକ୍ରମଣ ବୋଲି ବର୍ଣ୍ଣନା କରିଥିଲେ ଓ ପ୍ରଧାନମନ୍ତ୍ରୀ ତାଙ୍କୁ କିପରି ପାକିସ୍ତାନ ଭିତରେ ଯାଇ ଆକ୍ରମଣ କରାଯାଇଛି ବିଷୟରେ ସୂଚିତ କରିଥିଲେ।

## ଆୟୁଷ ଚିକିତ୍ସାର ଉନ୍ନତି ପାଇଁ ରାଜ୍ୟ ସରକାର ୩ଟି ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରିବେ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୭।୫ (ଡିକେ ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଭୁବନେଶ୍ୱର ସ୍ଥିତ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ସେଠାରେ ଏକ ନୂତନ ଏମରଜେନ୍ସି ୟୁନିଟର ଶିଳାନ୍ୟାସ କରିବା ସହିତ କଲେଜରେ ଏକ ହୋମିଓପାଥି ଗବେଷଣା ଓ ବିଶ୍ଲେଷଣ ବିଭାଗ ଖୋଲାଯିବ ବୋଲି ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ରକ୍ତଦାନ ଶିବିରର ଉଦ୍‌ଘାଟନ ମଧ୍ୟ କରିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡିଶାରେ ହୋମିଓପାଥିକ୍ ଶିକ୍ଷାର ପ୍ରସାର ଓ ହୋମିଓପାଥିକ୍ ଚିକିତ୍ସାର ଲୋକପ୍ରିୟତା ବୃଦ୍ଧି ଦିଗରେ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଅବଦାନ ଅତୁଳନୀୟ। ଏହି କଲେଜ୍ ରାଜ୍ୟର ଏକ ପ୍ରତିଷ୍ଠିତ କଲେଜ୍। ହୋମିଓପାଥିକ୍ ଶିକ୍ଷା, ଗବେଷଣା ଓ ପ୍ରଶିକ୍ଷଣ କ୍ଷେତ୍ରରେ ଏହା କେବଳ ରାଜ୍ୟ କାହିଁକି, ସାରା ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଦୀର୍ଘ ୫୬ ବର୍ଷ ଧରି ଏହା ଅବିରତ ଭାବେ ଶିକ୍ଷାର ପ୍ରସାର କରି ଚାଲିଛି ଏବଂ ଅନେକ ସୁନାମଧନ୍ୟ ଡାକ୍ତର ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ କହିଥିଲେ ଯେ, ଏହି ମହାବିଦ୍ୟାଳୟର ଏକ ବିଶେଷତ୍ୱ ହେଉଛି ଯେ, ଏହା ଏକ ହୋମିଓପାଥିକ ଔଷଧ ତିଆରି କାରଖାନା ପରିଚାଳନା କରୁଛି। ଏଥିରୁ ପ୍ରସ୍ତୁତି ଔଷଧ ବିଭିନ୍ନ ହସ୍ପିଟାଲକୁ ଯୋଗାଇ ଦିଆଯାଉଛି। ଏହା ନିଶ୍ଚିତ ଭାବେ ଖୁବ୍ ପ୍ରଶଂସାଯୋଗ୍ୟ। ରାଜ୍ୟରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ରାଜ୍ୟ ସରକାର କ୍ରମାଗତ ଭାବେ ଉଦ୍ୟମ କରିଚାଲିଛନ୍ତି। ଅନୁସନ୍ଧାନରୁ ଜଣାଯାଇଛି ଯେ, ସାରା ଭାରତର ଆୟୁଷ ଅର୍ଥନୀତିର ପ୍ରାୟ ୧୫ ପ୍ରତିଶତ ହୋମିଓପାଥିକ ଚିକିତ୍ସା ବ୍ୟବସ୍ଥା ଦ୍ୱାରା ପରିଚାଳିତ। ରାଜ୍ୟରେ ବର୍ତ୍ତମାନ ଏହି ମହାବିଦ୍ୟାଳୟକୁ ମିଶାଇ ୪ଟି ସରକାରୀ ହୋମିଓପାଥିକ୍ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଅଛି। ଏହା ସହିତ ୫୬୨ଟି ସରକାରୀ ହୋମିଓପାଥିକ୍ ଡାକ୍ତରଖାନା ମଧ ଅଛି। ଆୟୁଷ ଚିକିତ୍ସାର ଉନ୍ନତି ପାଇଁ ରାଜ୍ୟ ସରକାର ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱର ଠାରେ ତିନୋଟି ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଥିଲେ। ସେ ପୁଣି କହିଥିଲେଯେ, ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ବଜେଟରେ ୨୩ ହଜାର ୬୩୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। • ପୃଷ୍ଠା ୭ ଦେଖନ୍ତୁ...

# ପାକିସ୍ତାନ ୧୦୦କି.ମି ଭିତରେ ପଶି ପ୍ରହାର କରିଥିଲା 'ସିନ୍ଦୂର'

### ୨୫ ମିନିଟରେ ୯ ଆତଙ୍କବାଦୀ ସଙ୍ଗଠନ ଧ୍ୱଂସ




ନୂଆଦିଲ୍ଲୀ, ୭।୫ (ହି.ସ): ପାକିସ୍ତାନ ଏବଂ ପାକିସ୍ତାନ ଅବୈଧ ଭାବରେ ଅଧିକୃତ କଶ୍ମୀରରେ ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା 'ଅପରେଶନ ସିନ୍ଦୂର' ଆକ୍ରମଣ ପରେ ସରକାର ଏବଂ ସେନା ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏହି ସମୟରେ କର୍ଣ୍ଣେଲ ସୋଫିଆ କୁରେଶୀ ଏବଂ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। ଏହି ସମୟରେ କୁହାଯାଇଥିଲା ଯେ 'ଅପରେଶନ ସିନ୍ଦୂର' ରାତି ୧.୦୫ରୁ ୧.୩୦ ମଧ୍ୟରେ କରାଯାଇଥିଲା। ଏହି ସମୟରେ ଆତଙ୍କବାଦୀଙ୍କ ଆଡ୍ଡାଗୁଡ଼ିକୁ ଟାର୍ଗେଟ • ପୃଷ୍ଠା ୭ ଦେଖନ୍ତୁ...

### ଅପରେଶନ ସିନ୍ଦୂରକୁ ନେଇ ଆସିଲା ମୋଦିଙ୍କ ପ୍ରଥମ ପ୍ରତିକ୍ରିୟା

ନୂଆଦିଲ୍ଲୀ, ୭।୫ (ହି.ସ): ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଭାରତୀୟ ବାୟୁସେନା ପକ୍ଷରୁ ମେ'୭ରେ ପାକିସ୍ତାନ ଉପରେ ବଡ଼ ଧରଣର ବିମାନ ଆକ୍ରମଣ କରିଛି। ବହୁ ଯୋଜନା ପରେ ଏହି ମିଶନ ସଫଳ ହୋଇଛି। ଯାହାର ନାମ ରଖାଯାଇଛି, 'ଅପରେଶନ ସିନ୍ଦୂର'। ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ୟାବିନେଟ ବୈଠକରେ କହିଛନ୍ତି, 'ଆଜି ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ଦିନ।' ସମଗ୍ର କ୍ୟାବିନେଟ ଭାରତର ବାୟୁସେନା ଆକ୍ରମଣକୁ ପ୍ରଶଂସା କରିଛି। ଅପରେଶନ ସିନ୍ଦୂର ପରେ ବୁଧବାର ପ୍ରଧାନମନ୍ତ୍ରୀ ମୋଦି ସିଏସ୍‌ସି ବୈଠକରେ ଯୋଗ ଦେଇଥିଲେ। ଏହା ପରେ ଏକ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା, ପ୍ରଧାନମନ୍ତ୍ରୀ ମଧ ଏଥିରେ ଅଂଶଗ୍ରହଣ କରିଥିଲେ। କ୍ୟାବିନେଟ ମଧ ଭାରତୀୟ ସେନାର କାର୍ଯ୍ୟକୁ ପ୍ରଶଂସା କରିଛି। ଭାରତ ଅପରେଶନ ସିନ୍ଦୂର ମାଧ୍ୟମରେ ପହଲଗାମ ସମେତ ଅନେକ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି। ସେନା ମେ ୬ ଏବଂ ୭ ତାରିଖରେ ପାକିସ୍ତାନ ଏବଂ ପିଓକେରେ ଥିବା ୯ଟି ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରି ଧ୍ୱଂସ କରିଥିଲା। ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ସେନାର ଏହି କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ଆମ ସମସ୍ତଙ୍କ ପାଇଁ ଏହା ଏକ ଗର୍ବର ଦିନ।'

### ସଶସ୍ତ୍ର ବାହିନୀଙ୍କୁ ସାଲ୍ୟୁଟ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୫ (ଡିକେ ନ୍ୟୁଜ୍): 'ଅପରେଶନ ସିନ୍ଦୂର' ନେଇ ଟୁଇଟ୍ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତାଙ୍କ ଏକ୍ସ ଯୋଗେ ସେ ଲେଖିଛନ୍ତି, ଭାରତ ଏକତାର ସହ ଛିଡ଼ା ହୋଇଛି। ଆମ ସାହସୀ ସଶସ୍ତ୍ର ବାହିନୀଙ୍କୁ ସାଲ୍ୟୁଟର ଆତଙ୍କବାଦ ବିରୋଧରେ ପ୍ରତ୍ୟେକ ଆକ୍ରମଣ ଏକ ବାର୍ତ୍ତା ଦେବ। ଆମ ସାର୍ବଭୌମତ୍ୱକୁ ଆକ୍ରମଣ ସହ୍ୟ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସରେ ଲେଖିଛନ୍ତି। ପାକିସ୍ତାନ ଓ ପାକ ଅଧିକୃତ କଶ୍ମୀର ଉପରେ ଥିବା ଆତଙ୍କୀ ଆଡ୍ଡା ଉପରେ ଭାରତର ମଧରାତି ଆକ୍ରମଣ। ବ୍ରହ୍ମୋସ ମିଶାଇଲ ମାଡ଼ କରି ଧ୍ୱଂସ କଲା ଆତଙ୍କବାଦୀଙ୍କଆଡ୍ଡା ସ୍ଥଳ। ପାକିସ୍ତାନ ଉପରେ ଏହି ଏୟାର ଷ୍ଟ୍ରାଇକ ପରେ ଦେଶରେ ଲେକେ ଖୁସି ମନାଇବା ସହ କହିଛନ୍ତି 'ଆମ ସହ ପଙ୍ଗା ନେଲେ, ଆମେ ଛାଡ଼ିବୁନି, ତମ ଦେଶ ଭିତରେ ପଶିକି ମାରିବୁ'। ପାକିସ୍ତାନରେ ଭାରତୀୟ ସେନାର ଏହି ରାତିଅଧିଆ • ପୃଷ୍ଠା ୭ ଦେଖନ୍ତୁ...

## ସୀମାରେ ଗୁଳି ବିନିମୟ: ୨୬ ମାଓବାଦୀ ନିହତ

ମାଲକାନଗିରି, ୭।୫ (ଡିକେ ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଓ ତେଲଙ୍ଗାନା ସୀମାବର୍ତ୍ତୀ ଅଞ୍ଚଳ କେରାଗୁଟା ଜଙ୍ଗଲରେ ଆଜକୁ ୧୬ ଦିନ ଧରି ସିଆରପିଏଫ୍, ଡିଆରଜି, ଏସ୍‌ଟିଏଫ୍ ଯବାନମାନେ ଅପରେଶନ ଜାରି ରହିଛି। ତେବେ କେରାଗୁଟା ଜଙ୍ଗଲରେ ଏକ ହଜାରରୁ ଉର୍ଦ୍ଧ୍ୱ ମାଓବାଦୀ ରହିଥିବା ଗୋଇନ୍ଦା ସୁତ୍ରରୁ ଖବର ପାଇ ୧୬ ଦିନ ପୁର୍ବରୁ ଯବାନମାନେ ସମ୍ପୂର୍ଣ୍ଣ କେରାଗୁଟା ଜଙ୍ଗଲ, ପାହାଡ଼କୁ ଘେରାଉ କରି ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି। ଉକ୍ତ ଜଙ୍ଗଲରେ ଗତ ଏକ ସପ୍ତାହ ପୂର୍ବରୁ ମାଓବାଦୀଙ୍କ କ୍ୟାମ୍ପ ଠାବ କରିଥିବା ବେଳେ ବହୁ ଅସ୍ତ୍ରଶସ୍ତ୍ର ମଧ ଜବତ କରିଥିଲେ। ତେବେ ବୁଧବାର କେରାଗୁଟା ପାହାଡ଼ରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨୬ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଅପରେଶନରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଯବାନମାନେ ସମ୍ପୂର୍ଣ୍ଣ ଜଙ୍ଗଲ ଓ ପାହାଡ଼କୁ ଘେରାବନ୍ଦୀ କରି ରଖିଥିବାବେଳେ ଏହି ଜଙ୍ଗଲ ଓ ପାହାଡ଼ରେ ଟପ୍ କ୍ୟାଡର ମାଓବାଦୀମାନେ ଓ ମାଓବାଦୀ ନେତାମାନେ ଉପସ୍ଥିତ ଥିବା ଜଣାପଡ଼ିଛି। ଏହି ଆକ୍ରମଣରେ ପ୍ରାୟ ୬ଜଣ ଯବାନ ନିହତ ହୋଇଥିବାବେଳେ ଶତାଧିକ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ଏହି ଅଞ୍ଚଳ ମାଓବାଦୀଙ୍କ ଆଡ୍ଡା ହୋଇଥିବାବେଳେ ଏଠାରେ ମାଓବାଦୀଙ୍କ ଦ୍ୱାରା ଶହ ଶହ ଲ୍ୟାଣ୍ଡମାଇନ ବିଛାଯାଇଛି ଏବଂ ତାଙ୍କ ନିକଟରେ ମଧ ବନ୍ଧୁକ, ଗୋଳାବାରୁଦ ବିପୁଳ ସଂଖ୍ୟାରେ ଥିବା • ପୃଷ୍ଠା ୭ ଦେଖନ୍ତୁ...




## ଆମ ରକେଟ୍ ୧୪୦କୋଟି ଭାରତୀୟଙ୍କ ସ୍ୱପ୍ନକୁ ନେଇ ଚାଲିଥାଏ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୭।୫ (ହି.ସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର କହିଛନ୍ତି ଯେ, ଭାରତୀୟ ରକେଟ ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନକୁ ନେଇ ଚାଲିଥା,। ସେ କହିଛନ୍ତି ଯେ, ଭାରତର ମହାକାଶ ଭିଜନ ବସୁଧୈବ କୁଟୁମ୍ବକମର ପ୍ରାଚୀନ ଦର୍ଶନରେ ନିହିତ ରହିଛି। ପ୍ରଧାନମନ୍ତ୍ରୀ ଭିସି ଜରିଆରେ ଗ୍ଲୋବାଲ କନଫରେନ୍ସ ଅନ୍ ସ୍ପେସ୍ ଏକ୍ସପ୍ଲୋରେସନ ୨୦୨୫କୁ ସଂବୋଧିତ କରିଛନ୍ତି। ସାରା ବିଶ୍ୱରୁ ଆସିଥିବ ଆସିଥିବା ପ୍ରତିନିଧି, ବୈଜ୍ଞାନିକ ଓ ମହାକାଶ ଯାତ୍ରୀଙ୍କ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ଜିଏଲଇଏକ୍ସ ୨୦୨୫ରେ ଭାରତର ଉଲ୍ଲେଖନୀୟ ମହାକାଶ ଯାତ୍ରା ଉପରେ ଆଲୋକପାତ କରି କହିଛନ୍ତି ଯେ, ମହାକାଶ କେବଳ ଏକ ଗନ୍ତବ୍ୟ ନୁହେଁ, ବରଂ ଏହା ଜିଜ୍ଞାସା, ସାହାସ ଓ ସାମୂହିକ ପ୍ରଗତିର ଘୋଷଣା କରିଛନ୍ତି । ୧୯୬୩ରେ ଏକ ଛୋଟ ରକେଟ୍କୁ ଲଂଚ କରିବାରୁ ନେଇ ଚନ୍ଦ୍ରର ଦକ୍ଷିଣ ଧ୍ରୁବ ନିକଟରେ ଅବତରଣ କରିବାର ପ୍ରଥମ ଦେଶ ହେବା ଯାଏ, ଆମର ଯାତ୍ରା ଉଲ୍ଲେଖନୀୟ ଅଟେ । ସେ କହିଛନ୍ତି ଯେ, ଭାରତୀୟ ରକେଟ୍ ପେଲୋଡରୁ ବହୁତ ଅଧିକ ନେଇକରି ଯାଇଥାଏ । ତାହା ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନକୁ ନେଇ ଯାଇଥାଏ । ଭାରତର ମହାକାଶ ପ୍ରଗତି ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ମାଇଲଖୁଂଟ ଅଟେ ଏବଂ ଏହା ତାର ପ୍ରମାଣ ଅଟେ ଯେ, ମାନବୀୟ ଭାବନା ଗୁରୁତ୍ୱାକର୍ଷଣକୁ ଚ୍ୟାଲେଂଜ ଦେଇପାରିବ । ସେ ୨୦୧୪ ରେ ପ୍ରଥମ ପ୍ରୟାସରେ ମଙ୍ଗଳ ଗ୍ରହରେ ପହଂଚିବା ପାଇଁ ଭାରତର ଐତିହାସିକ ସଫଳତାକୁ ସ୍ମରଣ କରିଥିଲେ। ସେ ଏହି କଥାକୁ ମନେ ପକାଇ କହିଛନ୍ତି ଯେ, ଚନ୍ଦ୍ରୟାନ-୧ ଚନ୍ଦ୍ରମାରେ ପାଣି ଅବିଷ୍କାର କରିବାରେ ସାହାଯ୍ୟ କରିଥିଲା, ଚନ୍ଦ୍ରୟାନ-୨ ଚନ୍ଦ୍ରପୃଷ୍ଠର ସର୍ବାଧିକ ଉଚ୍ଚ-ରିଜୋଲୁସନ୍ ଚିତ୍ର ପ୍ରଦାନ କରିଥିଲା, ଏବଂ ଚନ୍ଦ୍ରୟାନ-୩ ଚନ୍ଦ୍ରମାର ଦକ୍ଷିଣ ଧ୍ରୁବ ସମ୍ବନ୍ଧୀୟ ବୁଝିବାରେ ଅଧିକ ଅଗ୍ରଗତି କରିଥିଲା। ସେ କହିଥିଲେ, "ଭାରତ ରେକର୍ଡ ସମୟ ମଧ୍ୟରେ କ୍ରାୟୋଜେନିକ୍ ଇଞ୍ଜିନ୍ ବିକାଶ କରିଛି, ଏକ ମିଶନ୍‌ରେ ୧୦୦ଟି ଉପଗ୍ରହ ଲଂଚ କରିଛି ଏବଂ ଭାରତୀୟ ଲଂଚ ବାହାନ ଦ୍ୱାରା ୩୪ଟି ଦେଶ ପାଇଁ ୪୦୦ରୁ ଅଧିକ ଉପଗ୍ରହ ସଫଳ ଭାବେ ପ୍ରସ୍ଥାପିତ କରିଛି।" ସେ ଏହି ବର୍ଷ ଭାରତର ନୂତନତମ ସଫଳତା ଭାବେ ମହାକାଶରେ ଦୁଇଟି ଉପଗ୍ରହକୁ ଡକ୍ କରିବାକୁ ଉଲ୍ଲେଖ କରି, ଏହାକୁ ଅନ୍ତରିକ୍ଷ ଅନ୍ୱେଷଣରେ ଏକ ବଡ଼ ପଦକ୍ଷେପ ବୋଲି • ପୃଷ୍ଠା ୭ ଦେଖନ୍ତୁ...




## ସୀମାନ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀ ସହ କେନ୍ଦ୍ର ଗୃହମନ୍ତ୍ରୀଙ୍କ ବୈଠକ




ନୂଆଦିଲ୍ଲୀ, ୭।୫ (ହି.ସ): ସୀମାନ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଏକ ଜରୁରୀକାଳିନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନଫରେନସିଂ(ଭିସି) ଜରିଆରେ ଗୃହମନ୍ତ୍ରୀ ଅମିତ ଶାହ ସୀମାନ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ବୈଠକ କରିଥିଲେ। ଜମ୍ମୁ-କାଶ୍ମୀର, ପଞ୍ଜାବ, ରାଜସ୍ଥାନ, ଗୁଜରାଟ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ସିକିମ, ପଶ୍ଚିମବଙ୍ଗ ଏବଂ ଲଦାଖର ମୁଖ୍ୟମନ୍ତ୍ରୀ ଓ ଉପରାଜ୍ୟପାଳମାନଙ୍କ ସହିତ ଏହି ବୈଠକରେ ଗୃହମନ୍ତ୍ରୀ ଶ୍ରୀ ଶାହ ଆଲୋଚନା କରିଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ ମଧ ସାମିଲ ହୋଇଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ଜମ୍ମୁ-କାଶ୍ମୀର, ପଞ୍ଜାବ ଏବଂ ରାଜସ୍ଥାନ ସମେତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ସହିତ ଏକ ବୈଠକ କରିଛନ୍ତି। ଜମ୍ମୁ-କାଶ୍ମୀର, ପଞ୍ଜାବ, ରାଜସ୍ଥାନ, ଗୁଜରାଟ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ସିକିମ ଏବଂ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ। ଜମ୍ମୁ-କାଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳର • ପୃଷ୍ଠା ୭ ଦେଖନ୍ତୁ...



## ପୁଣି ମହଙ୍ଗା ହୋଇପାରେ ରନ୍ଧନ ଗ୍ୟାସ୍ !



**ନୂଆଦିଲ୍ଲୀ/ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ପୁଣିଥରେ ବଢ଼ିପାରେ ରନ୍ଧନ ଗ୍ୟାସ୍ ମୂଲ୍ୟ। ଗ୍ୟାସ ସିଲିଣ୍ଡର ଦର ୧୦୦ରୁ ୧୫୦ ଟଙ୍କା ବୃଦ୍ଧି ଘଟିପାରେ। ଠିକ୍ ମାସକ ପୂର୍ବେ ଏଲପିଜି ସିଲିଣ୍ଡର ମୂଲ୍ୟ ୫୦ ଟଙ୍କା ବୃଦ୍ଧି ହୋଇଥିଲା। ସୂଚନା ଅନୁଯାୟୀ, ୨୦୨୬ ଆର୍ଥିକ ବର୍ଷରେ ତେଲ କମ୍ପାନୀଗୁଡ଼ିକ ରନ୍ଧନ ଗ୍ୟାସ (ଏଲପିଜି) ବିକ୍ରିରେ ୩୦ ହଜାର କୋଟି ଟଙ୍କାର କ୍ଷତି ସହିବେ। ପୂର୍ବରୁ ଏହି କ୍ଷତି ପ୍ରାୟ ୪୦ହଜାର କୋଟି ଟଙ୍କା ଥିଲା। ଏପ୍ରିଲ ମାସରେ ସରକାର ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ୫୦ ଟଙ୍କା ବୃଦ୍ଧି କରିବା ପରେ ଏହି କ୍ଷତି ୧୦ ହଜାର କୋଟି ଟଙ୍କା ହ୍ରାସ ପାଇଥିଲା। ଯଦି ସରକାର ତୈଳ କମ୍ପାନୀଗୁଡ଼ିକୁ ସାହାଯ୍ୟ ନ କରନ୍ତି, ତେବେ ଆଗାମୀ ଦିନରେ ଏଲପିଜି ସିଲିଣ୍ଡରର ମୂଲ୍ୟ ପୁଣି ଥରେ ବୃଦ୍ଧି ପାଇପାରେ। ଏସବୁ ମଧ୍ୟରେ ଯଦି ଭାରତ-ପାକିସ୍ତାନ ଯୁଦ୍ଧ ହୁଏ, ତେବେ ସରକାରଙ୍କୁ ଅତିରିକ୍ତ ପାଣ୍ଠିର ଆବଶ୍ୟକତା ପଡ଼ିବ। ଏଥିଯୋଗୁଁ ସରକାର ତୈଳ କମ୍ପାନୀଗୁଡ଼ିକୁ ଦେବାକୁ ଯାଉଥିବା ଆର୍ଥିକ ସହାୟତା ବନ୍ଦ କରିପାରନ୍ତି। ଏହି କ୍ଷତି ଦୂର କରିବା ପାଇଁ ସାଧାରଣ ଖାଉଟିଙ୍କ ଉପରେ ଏକ୍ସିଜି ଦର ବୃଦ୍ଧି ଆକାରରେ ଆର୍ଥିକ ବୋଝ ଲଦି ଦିଆଯାଇପାରେ ବୋଲି ଅର୍ଥନୀତି ବିଶେଷଜ୍ଞ ଆଶଙ୍କା ପ୍ରକାଶ କରିଛନ୍ତି।

## ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ରାଜିନାମା ଏବଂ ଦ୍ୱୈତ ଯୋଗଦାନ ଚୁକ୍ତି ଚୂଡ଼ାନ୍ତ ହେବାକୁ ସ୍ୱାଗତ କଲେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପ୍ରଧାନମନ୍ତ୍ରୀ ଷ୍ଟାରମର୍

**ନୂଆଦିଲ୍ଲୀ,(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁକେ ପ୍ରଧାନମନ୍ତ୍ରୀ କୀର ଷ୍ଟାରମର୍ ଆଜି ଟେଲିଫୋନରେ କଥାବାର୍ତ୍ତା କରିଛନ୍ତି। ଦୁଇ ଦେଶ ମଧ୍ୟରେ ମହତ୍ତ୍ୱାକାଂକ୍ଷୀ ଏବଂ ପାରସ୍ପରିକ ଲାଭଦାୟକ ମୁକ୍ତ ବାଣିଜ୍ୟ ରାଜିନାମା ଏବଂ ଦ୍ୱୈତ ଯୋଗଦାନ ଚୁକ୍ତି ଚୂଡ଼ାନ୍ତ ହୋଇଥିବାରୁ ତାହାକୁ ଦୁଇ ନେତା ସ୍ୱାଗତ କରିଥିଲେ। ଉଭୟ ନେତା ଏହାକୁ ଦ୍ୱିପାକ୍ଷିକ ବ୍ୟାପକ ରଣନୈତିକ ସହଭାଗୀତାରେ ଏକ ଐତିହାସିକ ସଫଳତା ଭାବରେ ବର୍ଣ୍ଣନା କରିଛନ୍ତି। ଏହା ଉଭୟ ଦେଶର ଅର୍ଥନୀତିରେ ବାଣିଜ୍ୟ, ନିବେଶ, ନବସୃଜନ ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବ। ଦୁଇ ପ୍ରଧାନମନ୍ତ୍ରୀ ସହମତ ହୋଇଥିଲେ ଯେ ବିଶ୍ୱର ଦୁଇଟି ବୃହତ୍ ଏବଂ ମୁକ୍ତ ବଜାର ଅର୍ଥନୀତି ମଧ୍ୟରେ ଏହି ଐତିହାସିକ ଚୁକ୍ତି ବ୍ୟବସାୟ ପାଇଁ ନୂତନ ସୁଯୋଗ ଖୋଲିବ, ଆର୍ଥିକ ସମ୍ପର୍କକୁ ସୁଦୃଢ଼ କରିବ ଏବଂ



ଲୋକମାନଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ଘନିଷ୍ଠ କରିବ। ପ୍ରଧାନମନ୍ତ୍ରୀ ଷ୍ଟାରମର୍ କହିଛନ୍ତି ଯେ ସମଗ୍ର ବିଶ୍ୱର ଅର୍ଥନୀତି ସହିତ ମେଣ୍ଟକୁ ସୁଦୃଢ଼ କରିବା ଏବଂ ବାଣିଜ୍ୟ ପ୍ରତିବନ୍ଧକ ହ୍ରାସ କରି ଏକ ଶକ୍ତିଶାଳୀ ଏବଂ ଅଧିକ ସୁରକ୍ଷିତ ଅର୍ଥନୀତି ପ୍ରଦାନ କରିବା ପାଇଁ ସେମାନଙ୍କ ପରିବର୍ତ୍ତନ ଯୋଜନାର ଏକ ଅଂଶ ଅଟେ। ଭାରତ ଏବଂ ବ୍ରିଟେନ ମଧ୍ୟରେ ଅର୍ଥନୈତିକ ଏବଂ ବାଣିଜ୍ୟିକ ସମ୍ପର୍କବୃଦ୍ଧି କ୍ରମଶଃ ସୁଦୃଢ଼ ଏବଂ ବହୁମୁଖୀ ଭାଗିଦାରୀର ମୂଳଦୁଆ ହୋଇ ରହିବ ବୋଲି ଦୁଇ ନେତା ସହମତ ହୋଇଥିଲେ। ଦ୍ରବ୍ୟ ଓ ସେବା ବାଣିଜ୍ୟକୁ ଅନ୍ତର୍ଭୁକ୍ତ କରି ଏକ ସନ୍ତୁଳିତ, ସମାନ ଏବଂ ଉଚ୍ଚାକାଂକ୍ଷୀ ଏଫଟିଏ ପ୍ରଣୟନ ଦ୍ୱିପାକ୍ଷିକ ବାଣିଜ୍ୟକୁ ଯଥେଷ୍ଟ ବୃଦ୍ଧି କରିବ, ନିଯୁକ୍ତି ପାଇଁ ନୂତନ ମାର୍ଗ ସୃଷ୍ଟି କରିବ, ଜୀବନଧାରଣମାନ ବୃଦ୍ଧି କରିବ ଏବଂ ଉଭୟ ଦେଶର ନାଗରିକଙ୍କ ସାମଗ୍ରିକ କଲ୍ୟାଣରେ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି। ଏହା ଉଭୟ ଦେଶକୁ ବିଶ୍ୱ ବଜାର ପାଇଁ ମିଳିତ ଭାବରେ ଉତ୍ପାଦ ଏବଂ ସେବା ବିକାଶ କରିବା ପାଇଁ ନୂତନ କ୍ଷମତା ପ୍ରଦାନ କରିବ। ଏହି ଚୁକ୍ତିନାମା ଭାରତ-ୟୁକେ ବ୍ୟାପକ ରଣନୈତିକ ସହଭାଗୀର ଦୃଢ଼ ଭିତ୍ତିଭୂମିକୁ ସୁଦୃଢ଼ କରିବ ଏବଂ ସହଯୋଗ ଏବଂ ସମୃଦ୍ଧିର ଏକ ନୂତନ ଯୁଗ ପାଇଁ ପଥ ପ୍ରଶସ୍ତ କରିବ। ପ୍ରଧାନମନ୍ତ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ଷ୍ଟାରମରଙ୍କୁ ଭାରତ ଗସ୍ତ ପାଇଁ ନିମନ୍ତ୍ରଣ କରିଥିଲେ। ଉଭୟ ପ୍ରଧାନମନ୍ତ୍ରୀ ପରସ୍ପର ସହ ଯୋଗାଯୋଗରେ ରହିବାକୁ ରାଜି ହୋଇଥିଲେ।

## ଫିକି ଆରଓଡିଟିଇପି ଯୋଜନାକୁ ଏଏ/ଇଓୟୁ/ଏସଇଜେଡ ୟୁନିଟ୍‌ଗୁଡ଼ିକୁ ସମ୍ପ୍ରସାରଣ କରିବା ପାଇଁ ବଢ଼ୁଥିବା ଆବେଦନରେ ଯୋଗଦେଇଛି

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଆରଓଡିଟିଇପି ଯୋଜନାର ଭବିଷ୍ୟତ ପରିସର ସହିତ ଜଡିତ ବୃଦ୍ଧି ପାଉଥିବା ଅନିଶ୍ଚିତତାକୁ ନିର୍ଣ୍ଣାୟକ ପଦକ୍ଷେପ ନେଇ, ଫେଡେରେସନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ଆନୁଷ୍ଠାନିକ ଭାବରେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟକୁ ଚିଠି ଲେଖି ଅଗ୍ରିମ ପ୍ରାଧିକରଣ (ଏଏ), ରପ୍ତାନି ଭିତିକ ୟୁନିଟ୍ (ଇଓୟୁଏସ), ଏବଂ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର (ଏସଇଜେଡ) ଅଧୀନରେ କାର୍ଯ୍ୟ କରୁଥିବା ୟୁନିଟ୍ଗୁଡ଼ିକ ପାଇଁ ରପ୍ତାନି ଉତ୍ପାଦ ଉପରେ ଶୁଳ୍କ କିମ୍ବା ଟିକସ ଛାଡ଼ (ଆରଓଡିଟିଇପି) ଯୋଜନାକୁ ତୁରନ୍ତ ବିସ୍ତାର କରିବା ପାଇଁ ଆବେଦନ କରିଛି। ବାଣିଜ୍ୟ ମନ୍ତ୍ରଣାଳୟକୁ ଲେଖିଥିବା ଏକ ଚିଠିରେ, ଫିକି ଏହି ରପ୍ତାନି-ମୁଖୀ ଜୋନଗୁଡ଼ିକରେ ଆଧାରିତ ୟୁନିଟ୍ ପାଇଁ ୫ ଫେବୃଆରୀ ୨୦୨୫ ପରେ ଆରଓଡିଟିଇପି ଲାଭ ବନ୍ଦ ହେବା ଉପରେ ଚିନ୍ତା ପ୍ରକାଶ କରିଛି ଏବଂ ମନ୍ତ୍ରଣାଳୟକୁ ଅତି କମରେ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଏକ ବୃଦ୍ଧି ବିଜ୍ଞପ୍ତିକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛି। ପ୍ରଚଳିତ ବିଶ୍ୱ ଅନିଶ୍ଚିତତାକୁ ଦୃଷ୍ଟିରେ ରଖି, ଫିକି ଭାରତୀୟ ଉତ୍ପାଦନର ମୂଲ୍ୟ ପ୍ରତିଯୋଗିତା ବଜାୟ ରଖିବା ଏବଂ ଅନ୍ତର୍ଜାତୀୟ ବଜାରରେ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ସମାନ କ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ଯୋଜନା ଅଧୀନରେ ଏଏ/ଇଓୟୁ/ଏସଇଜେଡ ୟୁନିଟଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଜାରି ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି। ଫିକିର ପ୍ରତିନିଧିତ୍ୱ ଭାରତୀୟ ଖଣିଜ ଶିଳ୍ପ ଫେଡେରେସନ (ଫାମି) ଏବଂ ଆଲୁମିନିୟମ ଆସୋସିଏସନ ଅଫ୍ ଇଣ୍ଡିଆ (ଏଏଆଇ) ଭଳି ଶୀର୍ଷ ଶିଳ୍ପ ସଂସ୍ଥା ଦ୍ୱାରା ସମ୍ପ୍ରତି କରାଯାଇଥିବା ସମାନ ଉପସ୍ଥାପନା ପରେ ଆସିଛି, ଯାହା ବିଶ୍ୱ ବାଣିଜ୍ୟ ବିଷୟରେ ବ୍ୟାପକ ଶିଳ୍ପ ଆଶଙ୍କାକୁ ପ୍ରତିଫଳିତ କରେ। ୨୦ ବିଲିୟନ ଡଲାରରୁ ଅଧିକ ନିବେଶ ସହିତ ଆଲୁମିନିୟମ ଭାରତର ଶିଳ୍ପ ଦୃଶ୍ୟପଟରେ ଏକ ପ୍ରମୁଖ ଡ୍ରାଇଭର, ଯାହା ଭାରତକୁ ବିଶ୍ୱର ଦ୍ୱିତୀୟ ବୃହତ ଆଲୁମିନିୟମ ଉତ୍ପାଦକ କରିଥାଏ। ପୂର୍ବରୁ, ଫାମି ଏହାର ପ୍ରତିନିଧିତ୍ୱରେ ଉଲ୍ଲେଖ କରିଥିଲା ଯେ ଭାରତର ପ୍ରାୟ ୪୫% ଆଲୁମିନିୟମ ରପ୍ତାନି ଏଏ/ଇଓୟୁ/ଏସଇଜେଡ ସ୍ଥାନଗୁଡ଼ିକରେ ଅବସ୍ଥିତ ୟୁନିଟଗୁଡ଼ିକରୁ ଆସିଥାଏ। ଏହା ସୂଚାଇଥିଲା ଯେ ଆରଓଡିଟିଇପି ସମର୍ଥନ ପ୍ରତ୍ୟାହାର କରିବା ଭାରତୀୟ ନିର୍ମାତାମାନଙ୍କର ସେମାନଙ୍କର ବିଶ୍ୱସ୍ତରୀୟ ସାଥୀମାନଙ୍କ ସହିତ ପ୍ରତିଯୋଗିତା କରିବାର କ୍ଷମତାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ଦୁର୍ବଳ କରେ କାରଣ ଏମ୍ବେଡେଡ୍ କର ଏବଂ ଶୁଳ୍କ, ଯାହା ଆଲୁମିନିୟମ ଉତ୍ପାଦନ ଖର୍ଚ୍ଚର ୧୦% ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ, ଅକ୍ଷୁର୍ଣ୍ଣ ଏବଂ ସମାଧାନ ହେବ ନାହିଁ। ବାଣିଜ୍ୟ ମନ୍ତ୍ରଣାଳୟର ପ୍ରଗତିଶୀଳ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିବା ସହିତ, ଫିକି ସତର୍କ କରାଇ ଦେଇଛି ଯେ ଏକ ଗୁରୁତର ଚାପଗ୍ରସ୍ତ ବ୍ୟବସାୟିକ ପରିବେଶରେ ରପ୍ତାନି ପ୍ରତିଯୋଗିତାକୁ ପୁନଃସ୍ଥାପିତ କରିବା ପାଇଁ ଆରଓଡିଟିଇପି କଭରେଜକୁ ବୃଦ୍ଧି କରିବାରେ ଯେକୌଣସି ବିଳମ୍ବ କ୍ଷତିକାରକ ହେବ। ଏହା ମନେ ପକାଇ ଦିଆଯାଇପାରେ ଯେ ଫାମି, ଏହାର ପ୍ରତିନିଧିତ୍ୱରେ ବ୍ୟାଖ୍ୟା କରିଛି ଯେ ଏହା ଉତ୍ପାଦନ ହ୍ରାସ, ନିଯୁକ୍ତି କ୍ଷତି ଏବଂ ଭାରତୀୟ ଆଲୁମିନିୟମ କ୍ଷେତ୍ର ମଧ୍ୟରେ ଘରୋଇ ମୂଲ୍ୟ ବୃଦ୍ଧିକୁ ବାଧା ଦେଇପାରେ, ଯାହାର ବର୍ତମାନ ବାର୍ଷିକ କ୍ଷମତା ୪.୧ ନିୟୁତ ଟନ୍। ଘରୋଇ କ୍ଷମତା ବିସ୍ତାରରେ ନୂତନ ନିବେଶ ଶିଳ୍ପର ଅଭିବୃଦ୍ଧି ପଥକୁ ବଜାୟ ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ବିଶ୍ୱ ବାଣିଜ୍ୟରେ ଚାଲିଥିବା ପ୍ରତିକୂଳ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଏଫ୍ଆଇସିସିଆଇ କହିଛି ଯେ ଏଏ/ଇଓୟୁ/ଏସଇଜେଡ ରପ୍ତାନିକାରୀଙ୍କ ପାଇଁ ଏକ ସମ୍ପ୍ରସାରଣ ବ୍ୟାପକ ଶିଳ୍ପକୁ ଅତ୍ୟନ୍ତ ଆବଶ୍ୟକୀୟ ନିଶ୍ଚିତତା ଏବଂ ସ୍ଥିରତା ପ୍ରଦାନ କରିବ। ଚାମ୍ବର ଗୁରୁତ୍ୱାରୋପ କରିଛି ଯେ ସରକାରଙ୍କ ଦ୍ରୁତ ପଦକ୍ଷେପ ସମାନତା ପୁନଃସ୍ଥାପିତ କରିବାରେ ଏବଂ ବିଶ୍ୱ ଉତ୍ପାଦନ କେନ୍ଦ୍ର ଭାବରେ ଉଭା ହେବାର ଭାରତର ମହତ୍ୱାକାଂକ୍ଷାକୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ହେବ। ଏକ ପ୍ରଗତିଶୀଳ ପଦକ୍ଷେପରେ, ଅର୍ଥ ମନ୍ତ୍ରଣାଳୟ ପୂର୍ବରୁ ଆର୍ଥିକବର୍ଷ ୨୬ ଆରଓଡିଟିଇପି ଯୋଜନା ପାଇଁ ୧୮,୦୦୦ କୋଟି ଟଙ୍କା ବଜେଟକୁ ଅନୁମୋଦନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷରେ ୧୬,୫୭୫ କୋଟି ଟଙ୍କା ଥିଲା। ବର୍ତ୍ତମାନ, ଏଏଆଇ, ଫାମି ଏବଂ ଫିକି ସମେତ କ୍ରମାଗତ ଅଗ୍ରଣୀ ଶିଳ୍ପ ସଂସ୍ଥାଗୁଡ଼ିକ ୫ ଫେବୃଆରୀ ୨୦୨୫ ରୁ ଅତି କମରେ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଡିଟିଏ ଅନୁଯାୟୀ ଏଏ/ଇଓୟୁ/ଏସଇଜେଡ ୟୁନିଟ୍ ପାଇଁ ଆରଓଡିଟିଇପି ଯୋଜନାକୁ ସମ୍ପ୍ରସାରଣ କରିବା ପାଇଁ ଆବେଦନ କରିବା ସହିତ, ଶିଳ୍ପ ଆଶାବାଦୀ ଯେ ସରକାର ଆରଓଡିଟିଇପି ସମ୍ପ୍ରସାରଣକୁ ଆନୁଷ୍ଠାନିକ ଭାବରେ ସୂଚିତ କରିବା ପାଇଁ ତୁରନ୍ତ କାର୍ଯ୍ୟ କରିବେ। ଭୂରାଜନୈତିକ ସଙ୍କଟ ଏବଂ ବିଶ୍ୱ ମାନ୍ଦାବସ୍ଥା ପରିସ୍ଥିତିକୁ କଷ୍ଟକର କରିଦେଇଥିବା ବେଳେ, ଏଏ/ଇଓୟୁ/ଏସଇଜେଡ ପାଇଁ ଆରଓଡିଟିଇପି ସମ୍ପ୍ରସାରଣ ଶିଳ୍ପକୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କରିବାରେ ସାହାଯ୍ୟ କରିବ ଏବଂ ଅନିଶ୍ଚିତ ବିଶ୍ୱ ପରିସ୍ଥିତି ମଧ୍ୟରେ ଭାରତୀୟ ରପ୍ତାନିର ନିରନ୍ତର ଅଭିବୃଦ୍ଧିକୁ ମଧ୍ୟ ସୁନିଶ୍ଚିତ କରିବ।

## ଜାପାନକୁ ଟପି ଭାରତ ହେବ ବିଶ୍ୱର ୪ର୍ଥ ବୃହତ୍ତମ ଅର୍ଥନୀତି

**ନୂଆଦିଲ୍ଲୀ,(ହି.ସ.):** ଚଳିତ ବର୍ଷ ଭାରତୀୟ ଅର୍ଥନୀତି ଏକ ବଡ଼ ମାଇଲଖୁଣ୍ଟ ଅତକ୍ରମ କରିବାକୁ ଯାଉଛି। ଭାରତୀୟ ଅର୍ଥନୀତି ଚଳିତ ବର୍ଷ ଶେଷସୁଦ୍ଧା ଜାପାନକୁ ପଛରେ ପକାଇ ବିଶ୍ୱର ୪ର୍ଥ ବୃହତ୍ତମ ଅର୍ଥନୀତି ହେବ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମଏଫ) ପୂର୍ବାନୁମାନ କରିଛି। ଆଇଏମଏଫ୍ ଦ୍ୱାରା ପ୍ରକାଶିତ ବିଶ୍ୱ ଅର୍ଥନୈତିକ ଆଉଟଲୁକ ଏପ୍ରିଲ ୨୦୨୫ ରେ ଏହି ସୂଚନା ଦିଆଯାଇଛି। ରିପୋର୍ଟରେ କୁହାଯାଇଛି ଯେ ୨୦୨୫ ମସିହାରେ ଭାରତର ମୋଟ ଘରୋଇ ଉତ୍ପାଦ ବା ଜିଡିପି ୪,୧୮୭.୦୧୭ ବିଲିୟନ ଡଲାରକୁ ବୃଦ୍ଧି ପାଇବ। ସେହି ସମୟରେ, ଜାପାନର ଜିଡିପିର ଆକାର ୪,୧୮୬.୪୩୧ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିୟ ଜିଡିପିରେ ଭାରତଠାରୁ ଆମେରିକା, ଚୀନ୍, ଜର୍ମାନୀ ଏବଂ ଜାପାନ ଆଗରେ ଅଛନ୍ତି। ଭାରତ




ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିୟ ଜିଡିପିରେ ଭାରତଠାରୁ ଆମେରିକା, ଚୀନ୍, ଜର୍ମାନୀ ଏବଂ ଜାପାନ ଆଗରେ ଅଛନ୍ତି। ଆଇଏମଏଫର ଆକଳନ ଅନୁଯାୟୀ, ଭାରତ ଆଗାମୀ କିଛିବର୍ଷରେ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବ। ୨୦୨୭ ସୁଦ୍ଧା ଭାରତର ଅର୍ଥନୀତି ୫ ଟ୍ରିଲିୟନ ଡଲାର ଅତିକ୍ରମ କରିପାରିବ ଏବଂ ଏହି ସମୟ ମଧ୍ୟରେ ଜିଡ଼ିପି ଆକାର ୫,୦୬୯.୪୭ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି। ସେହିପରି, ୨୦୨୮ ସୁଦ୍ଧା, ଭାରତର ଜିଡ଼ିପି ଆକାର ୫,୫୮୪.୪୭୬ ବିଲିୟନ ଡଲାର ହେବ, ଯେଉଁଠାରେ ଏହି ସମୟ ମଧ୍ୟରେ, ଜର୍ମାନୀର ଜିଡିପିର ଆକାର ୫,୨୫୧.୯୨୮ ବିଲିୟନ ଡଲାର ହେବ ବୋଲି ଆକଳନ କରାଯାଇଛି।

## ପୁଣି ମହଙ୍ଗା ହେଲା ସୁନା ଦର

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଆମେରିକାର ଫେଡେରାଲ୍ ରିଜର୍ଭର ସୁଧ ନିଷ୍ପତ୍ତି ଉପରେ ସାରା ବିଶ୍ୱର ନଜର ଥିବା ବେଳେ ସୁନା ଦର ପୁଣି ବଢ଼ିଛି। ମଙ୍ଗଳବାର ଗୋଟିଏ ଦିନରେ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୨୫୦୦ ଟଙ୍କା ବୃଦ୍ଧି ପାଇ ୯୦,୨୫୦ ଟଙ୍କା ହୋଇଯାଇଛି। ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ୍ ଦାମ୍ ୨୭୩୦ ଟଙ୍କା ବି ୯୮,୪୬୦ ଟଙ୍କା ହୋଇଛି। ୧୮ କ୍ୟାରେଟ୍ ସୁନା ଦାମ୍ ମଧ୍ୟ ୧୦ ଗ୍ରାମ ପିଛା ୨୦୪୦ ଟଙ୍କା ବୃଦ୍ଧି ପାଇ ୭୩,୮୪୦ ଟଙ୍କା ରହିଛି। ଗତ ଏପ୍ରିଲ୍ ୩୦ରୁ ସୁନା ଦର ଲଗାତାର ଭାବେ କମୁଥିଲା। ପୂର୍ବ ସପ୍ତାହ ସାରା ସେଥିରେ ଆଦୌ ବୃଦ୍ଧି ହୋଇନଥିଲା। ମେ' ୧ରେ ସୁନା ଦାମ୍‌ରେ ୨୦୦୦ ଟଙ୍କାରୁ ଅଧିକ ହ୍ରାସ ଘଟିଥିଲା। କିନ୍ତୁ ଗତକାଲିଠାରୁ ସୁନା ଦରରେ ପୁଣି ବୃଦ୍ଧିର ଆଉ ଏକ ଧାରା ଆରମ୍ଭ ହୋଇଥିଲା। ଗତକାଲି ୨୨ କ୍ୟାରେଟ୍ ସୁନା ଦାମ୍ ୨୦୦ ଟଙ୍କା ଓ ୨୪ କ୍ୟାରେଟ୍ ଦାମ୍ ୨୨୦ ଟଙ୍କା ବଢ଼ିଥିଲା। ଏକାସଙ୍ଗେ ମୋଟା ଅଙ୍କର ବୃଦ୍ଧି ପରେ ୨୨ କ୍ୟାରେଟ୍ ଦାମ୍ ୯୦ ହଜାର ଟଙ୍କା ସ୍ତର ଅତିକ୍ରମ କରିଛି। କେବଳ ଭୁବନେଶ୍ୱର ନୁହେଁ, ସାରା ଦେଶରେ ସୁନା ମହଙ୍ଗା ହୋଇଛି। ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ଅନୁସାରେ ଦିଲ୍ଲୀରେ ସୁନାର ୧୦ ଗ୍ରାମ୍ ପିଛା ଦାମ୍ ୨୪୦୦ ଟଙ୍କା ବୃଦ୍ଧି ପାଇ ୯୯,୭୫୦ ଟଙ୍କା ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ସମ୍ପର୍କରେ କେତେକ ନୂଆ ଘୋଷଣା କରିବା ଉପରେ ବିଚାର କରୁଥିବାରୁ ନିବେଶକମାନଙ୍କ ମନରେ ଭୟ ସୃଷ୍ଟି ହୋଇଛି। ନିଜ ସମ୍ପତ୍ତିର ସୁରକ୍ଷା ଲାଗି ସେମାନେ ସୁନା ମୁହାଁ ହୋଇଛନ୍ତି। ସେଥିପାଇଁ ସୁନାର ଚାହିଦା ବିବା ସହ ତାହାର ଦର ବଢୁଛି। ଦିଲ୍ଲୀରେ ରୁପା କେଜି ୧୮୦୦ ଟଙ୍କା ବୃଦ୍ଧି ପାଇ ୯୮,୫୦୦ ଟଙ୍କା ହୋଇଛି। କିନ୍ତୁ, ଭୁବନେଶ୍ୱରରେ ରୁପା କେଜି ଦର ମାତ୍ର ୧୦୦ ଟଙ୍କା ହ୍ରାସ ପାଇ ୧, ୦୮,୦୦୦ ଟଙ୍କା ରହିଛି।



# ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

## ପାଞ୍ଚଟି ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି)ର ଶିକ୍ଷା ଏବଂ ଭିତ୍ତିଭୂମି କ୍ଷମତା ସମ୍ପ୍ରସାରଣ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି

**ନୂଆଦିଲ୍ଲୀ,(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି ଆନ୍ଧ୍ର ପ୍ରଦେଶ (ଆଇଆଇଟି ତିରୁପତି), କେରଳ (ଆଇଆଇଟି ପଲକ୍କଡ), ଛତିଶଗଡ଼ (ଆଇଆଇଟି ଭିଲାଇ), ଜାମ୍ମୁ-କାଶ୍ମୀର (ଆଇଆଇଟି ଜାମ୍ମୁ) ଏବଂ କର୍ଣ୍ଣାଟକ (ଏଚଟି ଧରଓ୍ୱାଡ) ଆଦି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରତିଷ୍ଠା କରାଯାଇଥିବା ପାଞ୍ଚଟି ନୂତନ ଆଇଆଇଟିର ଶିକ୍ଷା ଏବଂ ଭିତ୍ତିଭୂମି କ୍ଷମତା (ପର୍ଯ୍ୟାୟ- 'ବି' ନିର୍ମାଣ) ର ସମ୍ପ୍ରସାରଣକୁ ମଞ୍ଜୁରି ଦେଇଛନ୍ତି। ଏଥିପାଇଁ ୨୦୨୫-୨୬ରୁ ୨୦୨୮-୨୯ ଚାରି ବର୍ଷ ମଧ୍ୟରେ ମୋଟ୍ ୧୧ ହଜାର ୮୨୮ କୋଟି ୭୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। କ୍ୟାବିନେଟ୍ ମଧ୍ୟ ଏହି ଆଇଆଇଟିଗୁଡ଼ିକରେ ୧୩୦ଟି ଅଧ୍ୟାପକ ପଦବୀ (ପ୍ରଫେସର ସ୍ତରରେ ଅର୍ଥାତ୍ ଲେଭଲ୍ ୧୪ ଏବଂ ତଦୁର୍ଦ୍ଧ୍ୱ) ସୃଷ୍ଟି କରିବା ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି। ଶିଳ୍ପ-ଶିକ୍ଷା ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପାଞ୍ଚଟି ନୂତନ ଅତ୍ୟାଧୁନିକ ଗବେଷଣା ପାର୍କ ମଧ୍ୟ ନିର୍ମାଣ ହେବାକୁ ଯାଉଛି। କାର୍ଯ୍ୟକାରିତା ରଣନୀତି ଏବଂ ଲକ୍ଷ୍ୟ: ଏହି ଆଇଆଇଟିଗୁଡ଼ିକରେ ସ୍ନାତକ (ୟୁଜି), ସ୍ନାତକୋତ୍ତର (ପିଜି) ଏବଂ ପିଏଚ୍.ଡି. ପାଠ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ପ୍ରଥମ ବର୍ଷରେ ୧୩୬୪ ଜଣ, ଦ୍ୱିତୀୟ ବର୍ଷରେ ୧୭୩୮ ଜଣ, ତୃତୀୟ ବର୍ଷରେ ୧୭୬୭ ଜଣ ଏବଂ ଚତୁର୍ଥ ବର୍ଷରେ ୧୭୦୭ଜଣ ଛାତ୍ରଛାତ୍ରୀଙ୍କ କ୍ଷମତା ସହିତ ଆଗାମୀ ଚାରି ବର୍ଷ ମଧ୍ୟରେ ମୋଟ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬୫୦୦ରୁ ଅଧିକ ବୃଦ୍ଧି ପାଇବ। ଲାଭାର୍ଥୀମାନେ: ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ, ଏହି ପାଞ୍ଚଟି ଆଇଆଇଟି ୧୩,୬୮୭ ଜଣ




ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଯୋଗାଇବାରେ ସକ୍ଷମ ହେବେ। ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୭,୧୧୧ ଥିବାରୁ ଅତିରିକ୍ତ ୬,୫୭୬ ଜଣ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବ। ମୋଟ ଆସନ ସଂଖ୍ୟାରେ ଏହି ବୃଦ୍ଧି ସହିତ, ଅତିରିକ୍ତ ୬,୫୦୦ରୁ ଅଧିକ ଛାତ୍ରଛାତ୍ରୀ ବର୍ତ୍ତମାନ ଦେଶର ସବୁଠାରୁ ସମ୍ମାନଜନକ ଏବଂ ଚାହିଦା ଥିବା ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିବାର ସେମାନଙ୍କର ଆକାଂକ୍ଷା ପୂରଣ କରିବାରେ ସକ୍ଷମ ହେବେ। ଏହା ଏକ କୁଶଳୀ ଶ୍ରମଶକ୍ତି ସୃଷ୍ଟି କରି, ନବସୃଜନକୁ ଆଗେଇ ନେଇ ଏବଂ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରି ରାଷ୍ଟ୍ର ନିର୍ମାଣକୁ ପ୍ରୋତ୍ସାହନ ଦେବ। ଏହା ସାମାଜିକ ଗତିଶୀଳତାକୁ ବୃଦ୍ଧି କରିବ, ଶିକ୍ଷାଗତ ଅସମାନତା ହ୍ରାସ କରିବ ଏବଂ ଭାରତର ବୈଶ୍ୱିକ ସ୍ଥିତିକୁ ସୁଦୃଢ଼ କରିବ। ନିଯୁକ୍ତି ସୃଷ୍ଟି: ବର୍ଦ୍ଧିତ ସଂଖ୍ୟକ ଛାତ୍ରଛାତ୍ରୀ ଏବଂ ସୁବିଧାଗୁଡ଼ିକର ପରିଚାଳନା ପାଇଁ ଶିକ୍ଷକ, ପ୍ରଶାସନିକ କର୍ମଚାରୀ, ଗବେଷକ ଏବଂ ସହାୟକ କର୍ମଚାରୀ ନିଯୁକ୍ତି ମାଧ୍ୟମରେ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବ। ଆହୁରି ମଧ୍ୟ, ଆଇଆଇଟି କ୍ୟାମ୍ପସଗୁଡ଼ିକର ସମ୍ପ୍ରସାରଣ ଆବାସ, ପରିବହନ ଏବଂ ସେବା ପାଇଁ ଚାହିଦା ସୃଷ୍ଟି କରି ସ୍ଥାନୀୟ ଅର୍ଥବ୍ୟବସ୍ଥାକୁ ଉତ୍ସାହିତ କରିବ। ଆଇଆଇଟିରୁ ସ୍ନାତକ ଏବଂ ସ୍ନାତକୋତ୍ତରଙ୍କ ସଂଖ୍ୟା ବୃଦ୍ଧି ନବସୃଜନ ଏବଂ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଆହୁରି ଇନ୍ଧନ ଯୋଗାଇବ, ଯାହା ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିବାରେ ଯୋଗଦାନ କରିବ। ରାଜ୍ୟ ଏବଂ ଜିଲ୍ଲା: ଏହି ପାଞ୍ଚଟି ଆଇଆଇଟି ଆନ୍ଧ୍ର ପ୍ରଦେଶ (ଆଇଆଇଟି ତିରୁପତି), କେରଳ (ଆଇଆଇଟି ପଲକ୍କଡ), ଛତିଶଗଡ଼ (ଆଇଆଇଟି ଭିଲାଇ), ଜାମ୍ମୁ ଓ କାଶ୍ମୀର (ଆଇଆଇଟି ଜାମ୍ମୁ) ଏବଂ କର୍ଣ୍ଣାଟକ (ଆଇଆଇଟି ଧରଓ୍ୱାଡ)ରେ ଅବସ୍ଥିତ। ତେବେ, ଆଇଆଇଟିଗୁଡ଼ିକରେ ନାମଲେଖା ସର୍ବଭାରତୀୟ ସ୍ତରରେ ହୋଇଥାଏ ଏବଂ ତେଣୁ ଏହି ସମ୍ପ୍ରସାରଣ ଦ୍ୱାରା ସାରା ଦେଶର ସବୁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଉପକୃତ ହେବେ। ୨୦୨୫-୨୬ର ବଜେଟ୍ ଘୋଷଣାରେ ଉଲ୍ଲେଖ କରାଯାଇଛି: ଗତ ୧୦ ବର୍ଷ ମଧ୍ୟରେ ୨୩ଟି ଆଇଆଇଟିରେ ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୦୦ ପ୍ରତିଶତ ବୃଦ୍ଧି ପାଇ ୬୫,୦୦୦ରୁ ୧.୩୫ ଲକ୍ଷରେ ପହଞ୍ଚିଛି। ୨୦୧୪ ମସିହା ପରେ ଆରମ୍ଭ ହୋଇଥିବା ପାଞ୍ଚଟି ଆଇଆଇଟିରେ ଅତିରିକ୍ତ ଭିତ୍ତିଭୂମି ସୃଷ୍ଟି କରାଯିବ, ଯାହାଦ୍ୱାରା ଆହୁରି ୬,୫୦୦ ଛାତ୍ରଛାତ୍ରୀ ଶିକ୍ଷା ଲାଭ କରିପାରିବେ।

## ଭାରତ ପାକିସ୍ତାନ ସ୍ଥିତି ଉପରେ ନଜର ରଖିଛି ଆମେରିକା

**ନୂଆଦିଲ୍ଲୀ,(ହି.ସ):** ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିୟୋ କହିଛନ୍ତି ଯେ, ସେ ଭାରତ ଓ ପାକିସ୍ତାନ ସ୍ଥିତି ଉପରେ ନିକଟରୁ ନଜର ରଖିଛନ୍ତି । ସୋ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସେହି ଟିପ୍ପଣୀକୁ ଦୋହରାଇଛନ୍ତି ଯେଉଁଥିରେ ଏହି ବିବାଦର ଶୀଘ୍ର ଶାନ୍ତିପୂର୍ବତକ ସମାପ୍ତ ହେବାର ଆଶା ପ୍ରକାଶ କରାଯାଇଥିଲା । ବୈଦେଶିକ ମନ୍ତ୍ରୀ ରୁବିୟା କହିଛନ୍ତି ଯେ, ଆମେରିକା ଦୁଇ ଦେଶର ନେତୃତ୍ୱଙ୍କ ସହ ଆଲୋଚନା କରି ଶାନ୍ତି ଦିଗରେ ପ୍ରୟାସ କରୁଛି ।

## ବିଶ୍ୱ କୌଶଳ କେନ୍ଦ୍ର ପରିଦର୍ଶନ କଲେ ରାଜ୍ୟପାଳ

# ଦକ୍ଷତା ବିକାଶ ତାଲିମ୍‌ରେ ଉଦ୍ୟୋଗୀ ମନୋନିବେଶ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଦକ୍ଷତା ବିକାଶ ତାଲିମ୍‌ରେ ଉଦ୍ୟୋଗୀ ମନୋନିବେଶ ପାଇଁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଆହ୍ୱାନ ଜଣାଇଛନ୍ତି। ବୁଧବାର ପୂର୍ବାହ୍ନରେ ରାଜ୍ୟପାଳ ମଂଚେଶ୍ୱରସ୍ଥିତ ବିଶ୍ୱ କୌଶଳ କେନ୍ଦ୍ର (ଡବ୍ଲ୍ୟୁଏସସି) ପରିଦର୍ଶନ କରିବା ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଦକ୍ଷତା ବିକାଶ ପଦକ୍ଷେପଗୁଡ଼ିକ କେବଳ ନିଯୁକ୍ତି ସୃଷ୍ଟି କରିବା ନୁହେଁ, ବରଂ ଉଦ୍ୟୋଗୀକତାକୁ ପୋଷଣ କରିବା ମଧ୍ୟ ଲକ୍ଷ୍ୟ ରହିବା ଉଚିତ୍ ବୋଲି ରାଜ୍ୟପାଳ କହିଛନ୍ତି। ଦକ୍ଷତା ବିକାଶ ଅନୁଷ୍ଠାନ ଗୁଡ଼ିକ ବୈଷୟିକ ଦକ୍ଷତା ଶିକ୍ଷା ଦେବା ଠାରୁ ଆଗକୁ ବଢ଼ି ବ୍ୟବସାୟିକ ମଡେଲ ନିର୍ମାଣରେ ଉଦ୍ୟୋଗୀ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହନ ଯୋଗାଇବା ଉଚିତ୍ ବୋଲି ରାଜ୍ୟପାଳ କହିଛନ୍ତି। ଏହି ଗସ୍ତ ସମୟରେ ରାଜ୍ୟପାଳ ଡବ୍ଲ୍ୟୁଏସସିରେ ସ୍ଥାପିତ ବିଭିନ୍ନ ପ୍ରୟୋଗଶାଳାଗୁଡ଼ିକୁ ପରିଦର୍ଶନ କରିଥିଲେ। ଲିଫ୍ଟ ସିମୁଲେଟର ପ୍ରୟୋଗଶାଳା, ଏସ୍କାଲେଟର ଓ ଟ୍ରାଭେଲେଟର ପ୍ରୟୋଗଶାଳା, କମର୍ସିଆଲ୍ ରେଫ୍ରିଜରେସନ ପ୍ରୟୋଗଶାଳା ଏବଂ ଲର୍ଣ୍ଣିଂ ରିସୋର୍ସ ସେଂଟର ପରିଦର୍ଶନ କରିଥିଲେ। ଏଥିସହିତ ସିଓଇ ଇନ୍ ଆଡଭାନ୍ସଡ୍ ୱେଲଡିଂ ଓ ବେସିକ ରୋବୋଟିକ୍ସ ପ୍ରୟୋଗଶାଳା ଏବଂ ହେୟାର ଫ୍ୟାଶନ ଡିଜାଇନ ପ୍ରୟୋଗଶାଳାକୁ ମଧ୍ୟ ରାଜ୍ୟପାଳ ପରିଦର୍ଶନ କରିଥିଲେ ଏବଂ କେନ୍ଦ୍ରର ଅଧିକାରୀ, ପ୍ରଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ବିଭିନ୍ନ ପ୍ରସଙ୍ଗ ଉପରେ ପଚାରି ବୁଝିଥିଲେ। ପରିଦର୍ଶନ ପରେ ଡବ୍ଲ୍ୟୁଏସସିର ବରିଷ୍ଠ ପଦାଧିକାରୀଙ୍କ ସହିତ ରାଜ୍ୟପାଳ ଓଡ଼ିଶାରେ କୌଶଳ ବିକାଶ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରିଥିଲେ ଓ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ଶିକ୍ଷା ଓ ଶିଳ୍ପ ଆବଶ୍ୟକତା ମଧ୍ୟରେ ସଂଯୋଗ ସ୍ଥାପନ କରିବାରେ ବିଶ୍ୱ କୌଶଳ କେନ୍ଦ୍ରର ଭୂମିକା ଓ ଓଡ଼ିଶାର ଯୁବବର୍ଗଙ୍କୁ ବିଶ୍ୱସ୍ତରୀୟ କୌଶଳ ପ୍ରଦାନ କରି ଦକ୍ଷ କରିବା ସହ ଅର୍ଥନୈତିକ ଅଭିବୃଦ୍ଧି ଓ ନବସୃଜନ ପାଇଁ ଏହି କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ କର୍ମକର୍ତ୍ତାମାନେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଏତଦ୍‌ବ୍ୟତୀତ ରାଜ୍ୟପାଳ ଜାତୀୟ ଶିକ୍ଷା ନୀତି - ୨୦୨୦ ସଂପର୍କରେ ଆଲୋକପାତ କରି ଶିକ୍ଷା ସହିତ କୌଶଳ ବିକାଶକୁ ସମନ୍ୱିତ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବ୍ୟବହାରିକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନ ଏବଂ ଦକ୍ଷତା ବିକାଶ କେନ୍ଦ୍ର ମଧ୍ୟରେ ଅଧିକ ସମନ୍ୱୟ ଓ ସହଯୋଗ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏଥି ସହିତ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଅଧିକ ଉଦ୍ୟୋଗମୂଳକ ସୁଯୋଗ ସୃଷ୍ଟି କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ରାଜ୍ୟପାଳ ଡବ୍ଲ୍ୟୁଏସସିର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୁପେନ୍ଦ୍ର ସିଂହ ପୂନିଆ, ଡବ୍ଲ୍ୟୁଏସସି ଓ ଓଡ଼ିଶା କୌଶଳ ବିକାଶ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିତା ପଣ୍ଡା, ଡବ୍ଲ୍ୟୁଏସସିର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ପିନାକୀ ପଟ୍ଟନାୟକ, ମୁଖ୍ୟ କୌଶଳ ଅଧିକାରୀ ବ୍ରୁସ ପୋହ, ଡବ୍ଲ୍ୟୁଏସସିର ଉପାଧକ୍ଷା ଜୀତାମିତ୍ର ଶତପଥୀ ଏବଂ ସ୍କୁଲ ଅଫ ସର୍ଭିସେସର ବରିଷ୍ଠ ନିର୍ଦ୍ଦେଶିକା ଲିମ ଲାଇ ସୁନ ଉପସ୍ଥିତ ଥିଲେ।

## ରବୀନ୍ଦ୍ରନାଥ ଟାଗୋରଙ୍କ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ରବୀନ୍ଦ୍ରନାଥ ଟାଗୋରଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ ଅବସରରେ ଆମେ ସେହି ଦାର୍ଶନିକଙ୍କୁ ସ୍ମରଣ କରୁଛୁ, ଯାହାଙ୍କର ଶବ୍ଦ ଜାତିର ଆତ୍ମାକୁ ଜାଗ୍ରତ କରିଥିଲା। ତାଙ୍କର ଦାୟିତ୍ୱବାନ୍ତ ଉତ୍ସାହ ଆଜି ମଧ୍ୟ ଆମକୁ ଏକ ମାନବିକ, ସଂସ୍କୃତିମୟ ଏବଂ ସାମ୍ପ୍ରତିକ ଗୋଷ୍ଠୀ ନିର୍ମାଣ ପାଇଁ ପ୍ରେରିତ କରେ। ଏହି ଅମର କବି, ଦାର୍ଶନିକ ଓ ଦେଶଭକ୍ତଙ୍କୁ ଏକ ଶ୍ରଦ୍ଧାଞ୍ଜଳି ଜଣାଉଛି ।

## 'ଅପରେସନ ସିନ୍ଦୂର' ଭାରତ ପାଇଁ ଗର୍ବ ଓ ଗୌରବର ଦିନ: ମନ୍ତ୍ରୀ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଅପରେସନ ସିନ୍ଦୂରକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଏହା ଭାରତ ବର୍ଷ ପାଇଁ ଗର୍ବ ଓ ଗୌରବର ଦିନ । ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ପ୍ରତିଶୋଧ ନେଇ ଆତଙ୍କୀବାଦ ଆଡ୍ଡା ଉଡାଯାଇଛି । ଏହା ଭାରତ ସେନାର ପାରଦର୍ଶିତା ବିଶ୍ୱରେ ଜଣାଯାଇଛି । ଗୋଟେ ଭାରତୀୟକୁ ହାତ ଉଠାଇଲେ, ସାରା ଦେଶ ଜବାବ ଦେବ । ଅପରେସନ ସିନ୍ଦୁର ନାଁ ଅର୍ଥ ଆତଙ୍କୀବାଦୀ ଯେଉଁ ଭାରତୀୟ ମହିଳାଙ୍କ ସିନ୍ଦୁର ଲିଭାଇଥିଲେ, ତାହାର ଜବାବ । ଏହା ସାମଗ୍ରିକ ଭାବେ ନାରୀ ଶକ୍ତି ଓ ସଶକ୍ତ ମିଲିଟାରୀ ଅପରେସନ । ଯେଉଁଥିରେ କୌଣସି ସାଧାରଣ ନାଗରିକ ମରିନାହାନ୍ତି । ଯାହା ଅନ୍ୟ କୌଣସି ଦେଶ କରିନି । ସାମରିକ ଦକ୍ଷତାର ପରିଚୟ ଆସିଛି । ବିଶ୍ୱ ଚକିତ ଓ ଆନନ୍ଦିତ କାରଣ ଆତଙ୍କବାଦ ଉପରେ ପାଲଟା ଆକ୍ରମଣ ଭାରତ କରିଛି । ଭାରତର ପ୍ରତିପତ୍ତି ବଢିବ ବୋଲି କହିଛନ୍ତି ପୃଥ୍ୱୀରାଜ ହରିଚନ୍ଦନ।

## ଓଡିଶାରେ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗର ଏକ ନୂତନ ଅଧ୍ୟାୟ

# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନୂତନ ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଓଡ଼ିଶାର ମହିଳା-ନେତୃତ୍ୱାଧୀନ ଉଦ୍ୟୋଗିତାର ଗତିଶୀଳ ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ସଦୃଶ, ବୁଧବାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସ୍ଥାନୀୟ ଶ୍ରୀ ଅଟଳ ବିହାରୀ ବାଜପାୟୀ ଆନନ୍ଦବନ ପରିସରରେ ଏକ ନୂତନ ସୁଭଦ୍ରା ଶକ୍ତି କ୍ୟାଫେ ଉଦ୍‌ଘାଟନ କରିଛନ୍ତି। ଏହା କେବଳ ଏକ କ୍ୟାଫେ ନୁହେଁ, ବରଂ ଏହା ରାଜ୍ୟର ବିକାଶ ମଡେଲରେ ଏକ ପରିବର୍ତ୍ତନକୁ ପ୍ରତିଫଳିତ କରେ, ଯେଉଁଥିରେକି ସ୍ୱୟଂ ସହାୟକ ଗୋଷ୍ଠୀର (ଏସ୍‌ଏଚ୍‌ଜି) ମହିଳାମାନେ ଉଦ୍ୟୋଗିତା, ସାମାଜିକ ଏବଂ ଅର୍ଥନୈତିକ ଅନ୍ତର୍ଭୁକ୍ତିର ଅଗ୍ରଭାଗରେ ଅଛନ୍ତି। ଏହି କାଫେ ଭୁଆଶୁଣି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କଦ୍ୱାରା ସଂପୂର୍ଣ୍ଣଭାବେ ପରିଚାଳିତ ହେବ, ଯେଉଁମାନେ ଭୁବନେଶ୍ୱରର ଇନ୍‌ଷ୍ଟିଚ୍ୟୁଟ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଆଇଏଚ୍‌ଏମ୍)ରେ ବିଶେଷ ଆତିଥ୍ୟ ପ୍ରଶିକ୍ଷଣ ନେଇଛନ୍ତି। ମିଶନ ଶକ୍ତି ବିଭାଗର ଏକ ବ୍ୟାପକ କ୍ଷମତା ଓ ଦକ୍ଷତା ବିକାଶ ନିର୍ମାଣର ଅଂଶ ଭାବରେ ଏହି ପ୍ରଶିକ୍ଷଣ ଦିଆଯାଇଥିଲା, ଯାହା କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ସହାୟତା ଯୋଗାଇଦେବା ସହ ଏବଂ ମହିଳାମାନଙ୍କୁ ବ୍ୟବସାୟ ପରିଚାଳନା ପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା। ଏହି କାଫେ କେବଳ ଏକ ଖାଦ୍ୟ ଆଉଟଲେଟ୍ ନୁହେଁ, ବରଂ ଏହା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ଏକ ପ୍ଲାଟଫର୍ମ, ଯେଉଁଠାରେ ସେମାନେ ନିଜର ପାକ କଳା କୌଶଳ ପ୍ରଦର୍ଶନ କରିପାରିବେ, ବୃତ୍ତିଗତ ଭାବରେ ଏହାର ପରିଚାଳନା କରିପାରିବେ ଏବଂ ସହରର ବୃଦ୍ଧିଶୀଳ ଉପଭୋକ୍ତା ବର୍ଗଙ୍କ ପାଖରେ ପହଞ୍ଚିପାରିବେ। କ୍ୟାଫେର ଖାଦ୍ୟ ତାଲିକାରେ ନାନା ପ୍ରକାରର ଜଳଖିଆ, ଏବଂ ହରବଲ୍ ଜୁସ୍, ହରବଲ୍ ଚା, ଫଳ ରସ, ଲସି, ସିଗନେଚର୍ ନଡ଼ିଆ ଶେକ୍, କୋଲ୍ଡ କଫି ଭଳି ଶୀତଳ ପାନୀୟ ସହିତ ମକ୍‌ଟେଲ୍ ଏବଂ ମିଲ୍‌କଶେକ୍ ଆଧୁନିକ ପାନୀୟ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଲକ୍ଷପତି ଦିଦି ପଦକ୍ଷେପ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଉଦ୍ୟୋଗୀରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ଅନନ୍ୟ ପ୍ରତୀକ। ଏବେ ଓଡ଼ିଶା ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଅଧୀନରେ ଦେଶର ଅଗ୍ରଣୀ ଅଟେ। ଏହି କାର୍ଯ୍ୟକ୍ରମ ୧୬ ଲକ୍ଷରୁ ଅଧିକ ମହିଳାଙ୍କୁ ବାର୍ଷିକ ୧ ଲକ୍ଷ ବା ତା'ଠାରୁ ଅଧିକ ରୋଜଗାର କରିବାକୁ ସଶକ୍ତ କରିଛି। ସୁଭଦ୍ରା ଶକ୍ତି କାଫେ ଭଳି ପଦକ୍ଷେପଗୁଡ଼ିକ ଓଡ଼ିଶାର ବିକାଶ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟକୁ ସୂଚିତ କରୁଅଛି। ଆୟ ଉପ୍ତାଦନରୁ ଧନ ସୃଷ୍ଟି, ସାମୁହିକ କାର୍ଯ୍ୟକଳାପରୁ ଉଦ୍ୟୋଗୀ ପର୍ଯ୍ୟନ୍ତ, ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଆତ୍ମବିଶ୍ୱାସ ବଢାଇବା ସହ ସେମାନଙ୍କୁ ନିଯୁକ୍ତି ସୃଷ୍ଟିକାରୀରେ ପରିଣତ କରିବା ଲକ୍ଷ୍ୟରେ ଆଗେଇ ଚାଲିଛନ୍ତି। ଆଜିର ଏହି ଉଦ୍‌ଘାଟନୀ ଅବସରରେ, ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଓଡିଶାର ସମସ୍ତ ମହିଳାଙ୍କ ଆକାଂକ୍ଷାକୁ ସୁଯୋଗରେ ପରିଣତ କରିବାକୁ ରାଜ୍ୟ ସରକାର ଦୃଢ ସଙ୍କଳ୍ପବଦ୍ଧ, ବୋଲି ପ୍ରକାଶ କରିବା ସହ ମହିଳାଙ୍କଦ୍ୱାରା ପରିଚାଳିତ ପ୍ରତ୍ୟେକ ନୂତନ କ୍ୟାଫେ, ଉଦ୍ୟୋଗ କିମ୍ବା ଉପ୍ତାଦ ଆମକୁ ଏକ ସ୍ୱାବଲମ୍ବୀ ତଥା ବିକଶିତ ଓଡିଶା ଗଠନ ଦିଗରେ ଆଉ ଏକ ପାଦ ଆଗକୁ ନେଇଯାଉଛି। ଏହା କେବଳ ଜୀବନ ଜୀବିକାର ପ୍ରଚାର ନୁହେଁ, ଏହା ଆମ ମା'ମାନଙ୍କ ଆମେ ମର୍ଯ୍ୟାଦା, ନେତୃତ୍ୱ ଏବଂ ଆର୍ଥିକ ସ୍ୱାଧୀନତାର ପ୍ରତିଛବି। ଏହି କାର୍ଯ୍ୟକ୍ରମରେ ବାବୁ ସିଂ, ବିଧାୟକ, ଏକାମ୍ର ଭୁବନେଶ୍ୱର ମଧ୍ୟ ଉପସ୍ଥିତ ଥିଲେ। ଶାଲିନୀ ପଣ୍ଡିତ, କମିଶନର ତଥା ଶାସନ ସଚିବ, ମିଶନ ଶକ୍ତି, ଡଃ.ମୋନିକା ପ୍ରିୟଦର୍ଶିନୀ, ନିର୍ଦ୍ଦେଶକ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ (ଓଏଲମ) ଏବଂ ମିଶନ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆନନ୍ଦବନ ଠାରେ ସ୍ଥିତ ଏହି ସୁଭଦ୍ରା ଶକ୍ତି କାଫେ କେବଳ ପରିଦର୍ଶକ ଏବଂ ଅଧିକାରୀମାନଙ୍କୁ ପୁଷ୍ଟିକର ଏବଂ ସହଜଲଭ ଖାଦ୍ୟ ପରିବେଷଣ କରିବ ନାହିଁ, ବରଂ ଏହା ଉଦ୍ୟୋଗିତାର ପଥରେ ଆଗକୁ ବଢିବାକୁ ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ପାଇଁ ଏକ ଉଦାହରଣ ସଦୃଶ କାର୍ଯ୍ୟ କରିବ ଏବଂ ନିରନ୍ତର କ୍ଷମତା ଓ ଦକ୍ଷତା ବୃଦ୍ଧି ମାଧ୍ୟମରେ ମହିଳାମାନଙ୍କ ପାଇଁ ସୁଯୋଗ ସୃଷ୍ଟି ପୂର୍ବକ ଏକ ବିକଶିତ ଓଡିଶା ଗଠନର ପଥ ପ୍ରଶସ୍ତ କରିବ।

## ସମ୍ଭାବ୍ୟ ଯୁଦ୍ଧ ପାଇଁ କ୍ୟାପିଟାଲ ହସ୍ପିଟାଲର ପ୍ରସ୍ତୁତି

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ସମ୍ଭାବ୍ୟ ଯୁଦ୍ଧ ପାଇଁ କ୍ୟାପିଟାଲ ହସ୍ପିଟାଲର ପ୍ରସ୍ତୁତି । ସମସ୍ତ ପ୍ରକାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । କାଜୁଆଲଟି ପାଖରେ କଂଟ୍ରୋଲ ରୁମ ମଧ୍ୟ ଖୋଲା ଯାଇଛି ବୋଲି କ୍ୟାପିଟାଲ ହସ୍ପିଟାଲ ଡେପୁଟି ଡାଇରେକ୍ଟର ଧନଞ୍ଜୟ ଦାସ ସୂଚନା ଦେଇଛନ୍ତି । ୪ଟି ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି । ଦୁଇଟି ଆମ୍ବୁଲାନ୍ସ ଆହତ ଲୋକଙ୍କୁ ଆଣିବାକୁ ଯିବ, ଆଉ ଦୁଇଟି ଆମ୍ବୁଲାନ୍ସ କ୍ୟାପିଟାଲ ହସ୍ପିଟାଲରେ ମହଜୁଦ ରହିବ । ୨୦ଟି ବେଡ଼ ବିଶିଷ୍ଟ ୩ଟି ସ୍ୱତନ୍ତ୍ର ୱାର୍ଡ ଖୋଲା ଯାଇଛି । ଯେହେତୁ ବୋମା ବର୍ଷଣ ହୋଇପାରେ ସେଥିପାଇଁ ସ୍ୱତନ୍ତ୍ର ବର୍ଣ୍ଣ ୟୁନିଟ ମଧ୍ୟ ଖୋଲା ଯାଇଛି । ଏହାସହ ୱାର କଂଟ୍ରୋଲ ରୁମ ମଧ୍ୟ କାଜୁଆଲଟି ପାଖରେ ଖୋଲା ଯାଇଛି । ନିଜେ କ୍ୟାପିଟିଲ ହସ୍ପିଟାଲର ଡେପୁଟି ଡାଇରେକ୍ଟର ଅନୁଧ୍ୟାନ କରିବେ । ୱାର ପାଇଁ ସ୍ୱତନ୍ତ୍ର ଡାକ୍ତର, ନର୍ସ, ଆଟେଣ୍ଡାଂଟ ମାନେ ରହିବେ ବୋଲି ସେ କହିଛନ୍ତି ।

## ଭୁବନେଶ୍ୱର ସମେତ ଦେଶର ୫ଟି ସ୍ଥାନରେ ଦକ୍ଷତା ବିକାଶ ପାଇଁ ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାକୁ କ୍ୟାବିନେଟ ମଞ୍ଜୁରି

ଭୁବନେଶ୍ୱର, (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଦେଶରେ ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଲାଗି ଏକ ପ୍ରମୁଖ ପଦକ୍ଷେପ ଗ୍ରହଣ କରାଯାଇଛି। ଦେଶରେ ଥିବା ଶିଳ୍ପ ତାଲିମ ପ୍ରତିଷ୍ଠାନଗୁଡ଼ିକର ଉନ୍ନତିକରଣ ପାଇଁ ଏକ ଜାତୀୟ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରି ମିଳିଛି। ସେହିପରି କେନ୍ଦ୍ର ପ୍ରାୟୋଜିତ ଯୋଜନା ମାଧ୍ୟମରେ ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପ୍ରସ୍ତାବକୁ ମଧ୍ୟ ଅନୁମୋଦନ କରାଯାଇଛି। ଭୁବନେଶ୍ୱରରେ ମଧ୍ୟ ଗୋଟିଏ କେନ୍ଦ୍ର ପ୍ରତିଷ୍ଠା ହେବ। ଶିଳ୍ପ ତାଲିମ ପ୍ରତିଷ୍ଠାନଗୁଡ଼ିକର ଉନ୍ନତିକରଣ ଏବଂ ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ୨୦୨୪-୨୫ ଓ ୨୦୨୫-୨୬ ବଜେଟରେ କରାଯାଇଥିବା ଘୋଷଣା ଅନୁରୂପ ହେବ ଏବଂ ଏହାକୁ ୬୦ ହଜାର କୋଟି ଟଙ୍କାର ବଜେଟ୍ ସହିତ କେନ୍ଦ୍ର ପ୍ରାୟୋଜିତ ଯୋଜନା ରୂପେ କାର୍ଯ୍ୟକାରୀ କରାଯିବ। ଏଥିରେ କେନ୍ଦ୍ର ଅଂଶଧନ ୩୦ ହଜାର କୋଟି ଟଙ୍କା, ରାଜ୍ୟ ଭାଗ ୨୦ ହଜାର କୋଟି ଟଙ୍କା ଏବଂ ଶିଳ୍ପ ଭାଗ ୧୦ ହଜାର କୋଟି ଟଙ୍କା ରହିବ। କେନ୍ଦ୍ର ଭାଗ ପାଇଁ ଏସୀୟ ବିକାଶ ବ୍ୟାଙ୍କ ଏବଂ ବିଶ୍ୱ ବ୍ୟାଙ୍କ ୫୦ ପ୍ରତିଶତ ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦେବେ। ଏହି ଯୋଜନା ହବ୍ ଏବଂ ସ୍ପୋକ୍ ବ୍ୟବସ୍ଥାରେ ଥିବା ୧ହଜାରଟି ସରକାରୀ ଆଇଟିଆଇ ଗୁଡ଼ିକର ଉନ୍ନତିକରଣ ଉପରେ ଧ୍ୟାନ ଦେବ। ଏସବୁ ଆଇଟିଆଇରେ ଉଦ୍ୟୋଗ ସହ ଯୋଡ଼ି ହୋଇଥିବା ନୂତନ ବୃତ୍ତିଗତ (ପାଠ୍ୟକ୍ରମ) ଗୁଡ଼ିକ ଯୋଡ଼ାଯିବ। ଦକ୍ଷତା ବିକାଶ ପାଇଁ ପାଞ୍ଚଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ସମେତ ପାଞ୍ଚଟି ଜାତୀୟ ଦକ୍ଷତା ତାଲିମ ପ୍ରତିଷ୍ଠାନ-ଏନଏସଟିଆଇର କ୍ଷମତା ବୃଦ୍ଧି ନିମନ୍ତେ ମଧ୍ୟ ଯୋଜନାକୁ କାର୍ଯ୍ୟକାରୀ କରାଯିବ। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ରାଜ୍ୟ ସରକାର ଏବଂ ଶିଳ୍ପ ସହଯୋଗରେ ବର୍ତ୍ତମାନର ଆଇଟିଆଇ ଗୁଡ଼ିକୁ ସରକାରୀ ମାଲିକାନାଧୀନ ଶିଳ୍ପ ପରିଚାଳିତ ଆକାଂକ୍ଷୀ ଦକ୍ଷତା ବିକାଶ ପ୍ରତିଷ୍ଠାନ ଭାବେ ପ୍ରତିଷ୍ଠା କରିବା। ପାଞ୍ଚ ବର୍ଷର ଅବଧି ମଧ୍ୟରେ, ୨୦ ଲକ୍ଷ ଯୁବବର୍ଗ ଶିଳ୍ପ କ୍ଷେତ୍ରର ମାନବ ସମ୍ବଳର ଆବଶ୍ୟକତାକୁ ପୂରଣ କରୁଥିବା ପାଠ୍ୟକ୍ରମ ତାଲିମ ପାଇ କୁଶଳୀ ହେବେ। ଏହି ଯୋଜନା ସ୍ଥାନୀୟ ଶ୍ରମଶକ୍ତି ଯୋଗାଣ ଏବଂ ଶିଳ୍ପ ଚାହିଦା ମଧ୍ୟରେ ସମନ୍ୱୟ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେବ, ଯାହାଦ୍ୱାରା ଏମ୍‌ଏସ୍‌ଏମ୍‌ଇ ସମେତ ଶିଳ୍ପାନୁଷ୍ଠାନଗୁଡ଼ିକୁ ନିଯୁକ୍ତି ପାଇଁ ପ୍ରସ୍ତୁତ ଶ୍ରମ ବଳ ମିଳିପାରିବ। ଅତୀତରେ ବିଭିନ୍ନ ଯୋଜନା ଅଧୀନରେ ପ୍ରଦାନ କରାଯାଇଥିବା ଆର୍ଥିକ ସହାୟତା ଆଇଟିଆଇ ଗୁଡ଼ିକର ସମ୍ପୂର୍ଣ୍ଣ ଉନ୍ନତିକରଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ଅନୁକୂଳ ନଥିଲା। ବିଶେଷ କରି ନୂତନ ଯୁଗର ପାଠ୍ୟକ୍ରମ ପ୍ରବର୍ତ୍ତନ ପାଇଁ ଭିତ୍ତିଭୂମି ରକ୍ଷଣାବେକ୍ଷଣ, କ୍ଷମତା ସମ୍ପ୍ରସାରଣ ଏବଂ ପୁଞ୍ଜି ଯୋଗାଣର ବର୍ଦ୍ଧିତ ନିବେଶ ଆବଶ୍ୟକତାକୁ ସମାଧାନ କରିବା ପାଇଁ ଯଥେଷ୍ଟ ନଥିଲା। ଏହାକୁ ଦୂର କରିବା ପାଇଁ, ପ୍ରସ୍ତାବିତ ଯୋଜନା ଅଧୀନରେ ଏକ ଆବଶ୍ୟକତା ଆଧାରିତ ନିବେଶ ବ୍ୟବସ୍ଥା ରଖାଯାଇଛି, ଯାହା ପ୍ରତ୍ୟେକ ଅନୁଷ୍ଠାନର ନିର୍ଦ୍ଦିଷ୍ଟ ଭିତ୍ତିଭୂମି, କ୍ଷମତା ଏବଂ ବାଣିଜ୍ୟ ସମ୍ବନ୍ଧୀୟ ଆବଶ୍ୟକତା ଆଧାରରେ ପାଣ୍ଠି ଆବଣ୍ଟନରେ ନମନୀୟତାକୁ ଅନୁମତି ଦେଇଥାଏ। ପ୍ରଥମ ଥର ପାଇଁ, ଏହି ଯୋଜନା ନିରନ୍ତର ଭିତ୍ତିରେ ଆଇଟିଆଇ ଉନ୍ନତିକରଣର ଯୋଜନା ଏବଂ ପରିଚାଳନାରେ ଗଭୀର ଶିଳ୍ପ ସଂଯୋଗ ପ୍ରତିଷ୍ଠା କରିବାକୁ ଚାହୁଁଛି। ଏହି ଯୋଜନା ଏକ ଫଳାଫଳ-ପରିଚାଳିତ କାର୍ଯ୍ୟାନ୍ୱୟନ ରଣନୀତି ପାଇଁ ଏକ ଶିଳ୍ପ ନେତୃତ୍ୱାଧୀନ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନ (ଏସପିଭି) ମଡେଲ ଗ୍ରହଣ କରିବ, ଯାହା ଆଇଟିଆଇ ଇକୋସିଷ୍ଟମର ଉନ୍ନତି ପାଇଁ ପୂର୍ବ ପ୍ରୟାସଠାରୁ ଭିନ୍ନ ହେବ। ଏହି ଯୋଜନା ଅଧୀନରେ ଭୁବନେଶ୍ୱର, ଚେନ୍ନାଇ, ହାଇଦ୍ରାବାଦ, କାନପୁର ଏବଂ ଲୁଧିଆନାରେ ପାଞ୍ଚଟି ଜାତୀୟ ଦକ୍ଷତା ତାଲିମ ପ୍ରତିଷ୍ଠାନ (ଏନ୍‌ଏସ୍‌ଟିଆଇ)ରେ ପ୍ରଶିକ୍ଷକଙ୍କ ଉନ୍ନତ ତାଲିମ (ଟିଓଟି) ସୁବିଧା ପାଇଁ ଭିତ୍ତିଭୂମିର ଉନ୍ନତିକରଣ କରାଯିବ। ଏହାବ୍ୟତୀତ ୫୦,୦୦୦ ପ୍ରଶିକ୍ଷକଙ୍କୁ ପ୍ରି-ସର୍ଭିସ୍ ଏବଂ ଇନ୍-ସର୍ଭିସ୍ ତାଲିମ ପ୍ରଦାନ କରାଯିବ। ଭିତ୍ତିଭୂମି, ପାଠ୍ୟକ୍ରମର ପ୍ରାସଙ୍ଗିକତା, ନିଯୁକ୍ତି ସାମର୍ଥ୍ୟ ଏବଂ ଧନ୍ଦାମୂଳକ ପ୍ରଶିକ୍ଷଣ କ୍ଷେତ୍ରରେ ଦୀର୍ଘକାଳୀନ ଆହ୍ୱାନର ମୁକାବିଲା କରି, ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ଆଇଟିଆଇ ଗୁଡ଼ିକୁ ଦକ୍ଷ ମାନବ ସମ୍ବଳର ଆବଶ୍ୟକତାକୁ ପୂରଣ କରିବା ପାଇଁ ଅଗ୍ରଭାଗରେ ରଖିବା, ଯାହା ଏକ ବିଶ୍ୱସ୍ତରୀୟ ଉତ୍ପାଦନ ଏବଂ ନବସୃଜନ ଶକ୍ତି କେନ୍ଦ୍ର ହେବା ଦିଗରେ ଭାରତର ଯାତ୍ରା ସହିତ ଯୋଡ଼ି ହୋଇ ରହିଛି। ଏହା ଶିଳ୍ପ ଚାହିଦା ଅନୁଯାୟୀ କୁଶଳୀ ଶ୍ରମିକଙ୍କ ଏକ ଭଣ୍ଡାର ସୃଷ୍ଟି କରିବ, ଯାହାଦ୍ୱାରା ଇଲେକ୍ଟ୍ରୋନିକ୍ସ, ଅଟୋମୋବାଇଲ୍ ଏବଂ ଅକ୍ଷୟ ଶକ୍ତି ଭଳି ଉଚ୍ଚ ଅଭିବୃଦ୍ଧି କ୍ଷେତ୍ରରେ ଦକ୍ଷତା ବିକାଶ ଅଭାବ ଦୂର ହେବ। ମୋଟାମୋଟି ଭାବେ ଏହି ପ୍ରସ୍ତାବିତ ଯୋଜନା ପ୍ରଧାନମନ୍ତ୍ରୀଙ୍କ 'ବିକଶିତ ଭାରତ'ର ପରିକଳ୍ପନା ସହିତ ମେଳ ଖାଉଛି। ଏଥିରେ ଉଭୟ ବର୍ତ୍ତମାନର ଏବଂ ଭବିଷ୍ୟତର ଶିଳ୍ପ ଆବଶ୍ୟକତାକୁ ପୂରଣ କରିବା ପାଇଁ ଦକ୍ଷତା ବିକାଶ ଏକ ପ୍ରମୁଖ ସହାୟକ ଭାବେ କାର୍ଯ୍ୟ କରୁଛି।

# ମଥାରେ ସିନ୍ଦୁର ଟୋପା ଲଗାଇ ଖୁସି ମନାଇଲେ ଭାଜପା ନେତା

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଭାରତର ସଫଳ ଏୟାର ଷ୍ଟ୍ରାଇକ ପରେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ମଥାରେ ସିନ୍ଦୂର ଟୋପା ଲଗାଇ ଅପରେସନ ସିନ୍ଦୂରର ସଫଳତାରେ ଖୁସି ମନାଇଲେ ନେତା। ପାକିସ୍ତାନ ଉପରେ ଭାରତର ଆକ୍ରମଣ ପରେ ଓଡ଼ିଶାରେ ଖୁସିର ଲହରୀ। କେତେକ ସ୍ଥାନରେ ଲୋକେ ବାହାରକୁ ଆସି ଆନନ୍ଦ ଉତ୍ସବ ପାଳୁଛନ୍ତି। ରାତିରେ ବ୍ରହ୍ମପୁରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିବା ବେଳେ ଭୁବନେଶ୍ୱରରେ ମଧ୍ୟ ଲୋକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଯାଇଛି। ବିଭିନ୍ନ ସସ୍ଥାନରେ ବାଣ ଫୁଟାଇ ମିଠା ବାଣ୍ଟି ଖୁସି ଜାହିର କରିଛନ୍ତି ଲୋକେ। ଭାରତୀୟ ସେନାକୁ ମଧ୍ୟ ସେମାନେ ସାଲ୍ୟୁଟ କରିଛନ୍ତି। ପାକିସ୍ତାନ ଓ ପାକ ଅଧିକୃତ କଶ୍ମୀର ଉପରେ ଥିବା ଆତଙ୍କୀ ଆଡ୍ଡା ଉପରେ ଭାରତର ମଧ୍ୟରାତି ଆକ୍ରମଣ। ବ୍ରହ୍ମୋସ ମିଶାଇଲ ମାଡ଼ କରି ଧ୍ୱଂସ କଲା ଆତଙ୍କବାଦୀଙ୍କଆଡ୍ଡା ସ୍ଥଳ। ପାକିସ୍ତାନ ଉପରେ ଏହି ଏୟାର ଷ୍ଟ୍ରାଇକ ପରେ ଦେଶରେ ଲେକେ ଖୁସି ମନାବଇବା ସହ କହିଛନ୍ତି 'ଆମ ସହ ପଙ୍ଗା ନେଲେ, ଆମେ ଛାଡ଼ିବୁନି, ତମ ଦେଶ ଭିତରେ ପଶିକି ମାରିବୁ'। ପାକିସ୍ତାନରେ ଭାରତୀୟ ସେନାର ଏହି ରାତିଅଧିଆ ଆକ୍ରମଣ ପରେ ସବୁ ମହଲରେ ଭାରତକୁ ପ୍ରଶଂସା କରାଯାଉଛି। ପହଲଗାମରେ ପାକିସ୍ତାନ ଦ୍ୱାରା କରାଯାଇଥିବା ବର୍ବର ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତ। ମଧ୍ୟରାତ୍ରିରେ ପାକିସ୍ତାନ ଛାତିରେ ଭାରତର ଏହି ଏୟାରଷ୍ଟ୍ରାଇକ ଏବେ ପାକିସ୍ତାନର ନିଦ ହଜାଇ ଦେଇଛି। ପାକ ଅଧିକୃତ କାଶ୍ମୀରରେ ବି ପ୍ରଚଣ୍ଡ ହମଲା କାଯାଇଥିବ ନେଇ ସୂଚନା ମିଳିଛି। ଲଢୁଆ ଯୁଦ୍ଧ ବିମାନ ଓ ମିଶାଇଲ ଯୋଗେ ଆତଙ୍କୀ ଶିବିରରେ ବି ଆକ୍ରମଣ କରିଛି ଭାରତୀୟ ସେନା। ମୋଟ ୯ଟି ସ୍ଥାନକୁ କରାଯାଇଛି ଟାର୍ଗେଟ। ସେନାର ଏହି ଅପରେସନର ନାମ ରଖାଯାଇଛି 'ସିନ୍ଦୂର'। ସୂଚନାଯୋଗ୍ୟ, ପହଲଗାମରେ ୨୨ ଏପ୍ରିଲରେ ଧର୍ମ ପଚାରି ପୁରୁଷ ପର୍ଯ୍ୟଟକଙ୍କ ସେମାନଙ୍କ ପତ୍ନୀ ଓ ପରିବାର ଆଗରେ ହତ୍ୟା କରିଥିବା ଆତଙ୍କବାଦୀଙ୍କୁ 'ଅପରେସନ ସିନ୍ଦୂର' ମାଧ୍ୟମରେ କଡ଼ା ଜବାବ ଦେଇଛି ଭାରତୀୟ ସେନା।

# ରାଜ୍ୟର ୧୨ଟି ଜିଲ୍ଲାରେ ବିଭିନ୍ନ ସ୍ଥାନରେ ହେଲା ମକ ଡ୍ରିଲ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଜାତୀୟ ସୁରକ୍ଷା ଏବଂ ବିପର୍ଯ୍ୟୟ ପ୍ରସ୍ତୁତିକୁ ନେଇ ଓଡିଶାରେ ବୁଧବାର ୧୨ଟି ଜିଲ୍ଲାରେ ବ୍ୟାପକ ସିଭିଲ୍ ଡିଫେନ୍ସ ମକ୍ ଡ୍ରିଲ୍ କରାଯାଇଛ । ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ପାଇଁ ସମସ୍ତ ନାଗରିକ ଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ପାଇଁ ଏହି ମକ ଡ୍ରିଲ କରା ଯାଇଛି । ଏହି ଅଭ୍ୟାସ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ ହୋଇଥିବା 'ଅପରେସନ୍ ଅଭ୍ୟାସ'ର ଏକ ଅଂଶବିଶେଷ ଥିଲା । ୨୨ ଏପ୍ରିଲ୍‌ରେ ପହଲଗାମ୍‌ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ପରେ ସାରା ଦେଶରେ ଏହି ମକ ଡ୍ରିଲ କରାଯାଇଛି । ଏହି ଆକ୍ରମଣରେ ୨୬ ଜଣ ନାଗରିକ ନିହତ ହୋଇଥିଲେ। ଖୋର୍ଦ୍ଧା, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଗଂଜାମ, ଜଗତସିଂହପୁର, କେନ୍ଦ୍ରାପଡା, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡରେ ଏହି ଅଭ୍ୟାସ କରାଯାଇଥିଲା । ଏହି ଜିଲ୍ଲା ମାନଙ୍କରେ ଥିବା ରଣନୈତିକ ଗୁରୁତ୍ୱ ଥିବା ଓ ସମ୍ବେଦନଶୀଳ ପ୍ରତିଷ୍ଠାନ ନିକଟରେ ଏହି ଅଭ୍ୟାସ କରାଯାଇଥିଲା । ଅପରାହ୍ନ ୪ଟାରେ, ମକ୍ ଡ୍ରିଲ୍ ଏୟାର୍ ରେଡ୍ ସାଇରନ୍ ଓ ବ୍ଲାକଆଉଟ୍ ପ୍ରୋଟୋକଲ୍ ସହିତ ଆରମ୍ଭ ହୋଇଥିଲା। ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ତତ୍ତ୍ୱାବଧାନରେ ତଟୀୟ ଅଂଚଳରେ ଜରୁରୀକାଳୀନ ଆଶ୍ରୟ କେନ୍ଦ୍ର ଓ ଟ୍ରାଞ୍ଜିଟ୍ ଶେଲ୍ଟର୍ ସକ୍ରିୟ କରାଯାଇଥିଲା। ଅଗ୍ନିଶମ ସେବା, ପୋଲିସ୍ ଓ ଜିଲ୍ଲା ପ୍ରଶାସନ ମିଳିତଭାବେ ଉଚ୍ଚ ଭବନ ଓ ସାଧାରଣ ସ୍ଥଳରୁ ଲୋକମାନଙ୍କୁ ସୁରକ୍ଷିତ ଭାବରେ ବାହାର କରିବା ଅଭ୍ୟାସ କରିଥିଲେ। ଭୁବନେଶ୍ୱରରେ, ଅଗ୍ନିଶମ ଯାନମ ଗୁଡିକ ବିଭିନ୍ନ ଅଂଚଳରେ ଘୁରି ଘୁରି ସାଇରନ୍ ଦେଇଥିଲେ ଏବଂ ଲାଉଡସ୍ପିକର୍ ମାଧ୍ୟମରେ ସତର୍କତା ଘୋଷଣା କରିଥିଲେ। ସାରା ରାଜ୍ୟରେ ଏହି ଅଭ୍ୟାସରେ ୧୫,୦୦୦ ରୁ ଅଧିକ ପ୍ରଶିକ୍ଷିତ କର୍ମୀ ଅଂଶଗ୍ରହଣ କରିଥିଲେ । ଏମାନଙ୍କ ମଧ୍ୟରେ ଏନସିସି କ୍ୟାଡେଟ୍, ଏନୱାୟକେଏସ୍ ସ୍ୱୟଂସେବକ, ଭାରତ ସ୍କାଉଟ୍ସ ଏଣ୍ଡ୍ ଗାଇଡ୍ସ, ସେନା ଓ ପୋଲିସ୍ ପ୍ରତିନିଧିମାନେ ସାମିଲ ଥିଲେ। ସେମାନେ ପ୍ରାଥମିକ ଚିକିତ୍ସା, ଆପାତକାଳୀନ ଆଲୋକ ବ୍ୟବସ୍ଥା ଓ ଯେତେବେଳେ ସଂଯୋଗ ବିଚ୍ଛିନ୍ନ ହୁଏ ସେତେବେଳେ କିପରି ବ୍ୟବହାର କରିବେ – ଏହି ବିଷୟରେ ପ୍ରାୟୋଗିକ ପ୍ରଦର୍ଶନ କରିଥିଲେ। ଟ୍ୱିନ୍ ସିଟି ପୋଲିସ୍ କମିଶନର୍ ଶ୍ରୀ ସୁରେଶ ଦେବ ଦତ୍ତ ସିଂହ ଗଣମାଧ୍ୟମମକୁ କହିଥିଲେ. ଯେ ଏହି ମକ୍ ଡ୍ରିଲ୍ ସମସ୍ତ ଏଜେନ୍ସିଙ୍କ ସକ୍ରିୟ ଅଂଶଗ୍ରହଣ ସହ ଫଳପ୍ରଦ ଭାବେ କାର୍ଯ୍ୟାନ୍ୱିତ ହୋଇଛି। ସ୍ୱୟଂସେବକ ଓ ସୁରକ୍ଷା ବାହିନୀଙ୍କ ସହଯୋଗ ଉଲ୍ଲେଖନୀୟ ଥିଲା ଏବଂ ଏହି ଅଭ୍ୟାସ ଦ୍ୱାରା ଜନମାନସରେ ସୁରକ୍ଷା ପ୍ରତି ଆତ୍ମବିଶ୍ୱାସ ବୃଦ୍ଧି ପାଇଛି।

## 'ଅପରେସନ ସିନ୍ଦୂର' ସେନାର ଶୌର୍ଯ୍ୟ ଓ ସାହସକୁ ସଲାମ୍: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ, (ଡିକେ ନ୍ୟୁଜ୍): ଅପରେସନ ସିନ୍ଦୂର– ସେନାର ଶୌର୍ଯ୍ୟ ଓ ସାହସକୁ ସଲାମ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସୋସିବଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, 'କହିଥିଲୁ ଆତଙ୍କବାଦୀଙ୍କୁ ମାଟିରେ ମିଶାଇ ଦେବୁ, ଦେଖ ମିଶାଇଦେଲୁ' । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପହଲଗାମର ପ୍ରତିଶୋଧ ପୂରଣ ହେଲା। ସେନାର ଶୌର୍ଯ୍ୟ ଓ ସାହସକୁ ସଲାମ । ଆମ ଭଉଣୀଙ୍କ ସିନ୍ଦୂରର ପ୍ରତିଶୋଧ ଭାରତ ଅପରେସନ ସିନ୍ଦୂରରେ ନେଇଛି। ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଏହା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆଗକୁ ବଢୁଥିବା ସକ୍ଷମ, ସଶକ୍ତ, ସାମର୍ଥ୍ୟବାନ ଓ ଶକ୍ତିଶାଳୀ ଭାରତ ଅଟେ। ଆଜିର ଭାରତ ନିଜର ରକ୍ଷା କରିବା ଜାଣିଛି ଏବଂ ମୁହଁତୋଡ ଜବାବ ଦେବା ବି ଜାଣିଛି । ଦେଶ ଆତଙ୍କବାଦ ବିରୁଦ୍ଧରେ ଜିରୋ ଟଲେରାନ୍ସ ପ୍ରତିବଦ୍ଧତାକୁ ପୁଣି ଥରେ ସାବ୍ୟସ୍ତ କରିଛି। ଜୟ ହିନ୍ଦ, ଜୟ ହିନ୍ଦୀର ସେନା।

# ସାହିତ୍ୟ ପତ୍ରିକା ଯୁଗ ପ୍ରବର୍ତ୍ତକର ବିଷୁବ ସଂଖ୍ୟା ଉନ୍ମୋଚନ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଏବେ ସାରା ପୃଥିବୀ ମାନବିକତାର ସଙ୍କଟରେ ସମ୍ମୁଖୀନ ହେଉଛି। ଧର୍ମ ଧର୍ମ ମଧ୍ୟରେ ସଂଘର୍ଷ ଓ ଦେଶ ଦେଶ ମଧ୍ୟରେ ଯୁଦ୍ଧ ଦ୍ୱାରା ଲକ୍ଷ ଲକ୍ଷ ମଣିଷ ହତାହତ ହେଉଛନ୍ତି। ଗରିବ, ନିଷ୍ପେସିତ, ଖଟିଖିଆ ଓ ଦିନ ମଜୁରିଆମାନଙ୍କ ଜୀବନ ହା-ହୁତାସମୟ ହୋଇ ଉଠୁଛି। ମାନବିକ ମୂଲ୍ୟବୋଧ ରସାତଳଗାମୀ ହେଲାଣି ବୋଲି ଗଣ ସାଂସ୍କୃତିକ ମଞ୍ଚ, ଭୁବନେଶ୍ୱର ପକ୍ଷରୁ ପ୍ରକାଶ ପାଉଥିବା ତ୍ରୈମାସିକ ସାହିତ୍ୟ ପତ୍ରିକା ଯୁଗ ପ୍ରବର୍ତ୍ତକର ବିଷୁବ ସଂଖ୍ୟା ଉନ୍ମୋଚନ ଉପଲକ୍ଷେ ମାନବିକତାରେ ସଙ୍କଟ ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅବସରରେ ବହୁ ବିଶିଷ୍ଟ ବୁଦ୍ଧିଜୀବୀ ଓ ସାହିତ୍ୟିକମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବୁଧବାର ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାକକ୍ଷରେ ଆୟୋଜିତ ଏହି ସାହିତ୍ୟ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ପ୍ରଥିତଯଶା କବି ତଥା ବୈଜ୍ଞାନିକ ଡଃ.ଆଶୁତୋଷ ପରିଡ଼ା କହିଲେ ମାନବାଧିକାର ଓ ମାନବିକ ଗୁଣାବଳୀର ବିକାଶ ପାଇଁ ସାହିତ୍ୟ ଯେଉଁ ଭୂମିକା ପାଳନ କରିଛି ସାମ୍ପ୍ରତିକ ସମୟରେ ଏହି କ୍ଷେତ୍ରରେ ସୃଷ୍ଟି ହୋଇଥିବା ସଙ୍କଟର ସମ୍ମୁଖୀନ ହେବା ପାଇଁ ଏକ ସାମାଜିକ ଆନ୍ଦୋଳନ ଗଢିତୋଳିବା ଏକାନ୍ତ ଜରୁରୀ। ଏହି ଉତ୍ସବରେ ସୁନାମଧନ୍ୟ ସାହିତ୍ୟ ସମାଲୋଚକ, ଗବେଷକ ଓ ପ୍ରାବନ୍ଧିକ ଡ଼.ବେଣୁଧର ପାଢୀ ମୁଖ୍ୟବକ୍ତା ଓ ବିଶିଷ୍ଟ କବି ଓ ପ୍ରାବନ୍ଧିକା ଡ.ଇପ୍ସିତା ଷଡ଼ଙ୍ଗୀ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ସାମ୍ପ୍ରତିକ ପରସ୍ଥିତିରେ ମାନବିକାତର ସଙ୍କଟ ଉପରେ ଆଲୋକପାତ କରିଥିଲେ। ଯୁଗ ପ୍ରବର୍ତ୍ତକର ସମ୍ପାଦକ ରାଜେନ୍ଦ୍ର ବର୍ମ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ପ୍ରଗତିବାଦୀ କବି ଓ ସ୍ତମ୍ଭକାର ନିରାକାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଏହା ପରେ ଯୁଗ ପ୍ରବର୍ତ୍ତକର ବିଷୁବ ସଂଖ୍ୟାର ଉନ୍ମୋଚନ ହୋଇଥିଲା। ଏହା ପରେ କବୀ ଶ୍ରୁତିକ୍ରୀତି ତ୍ରିପାଠୀ ଓ ହରିପ୍ରିୟା ମହାନ୍ତିଙ୍କ ସଂଯୋଜନାରେ ମାନବିକତାରେ ସଙ୍କଟ ଶୀର୍ଷକ ବିଷୟବସ୍ତୁ ଉପରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା।

## — ସଂପାଦକୀୟ —

# ଗୋପବନ୍ଧୁ ଚୌଧୁରୀ

ଓଡ଼ିଶାର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧିବାଦୀ ନେତା ଭାବେ ଗୋପବନ୍ଧୁ ଚୌଧୁରୀ ପରିଚିତ ବ୍ୟକ୍ତିତ୍ୱ । ସେ କଟକରେ ୮ମଇ ୧୮୯୫ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ଗୋପବନ୍ଧୁ ଯେଉଁଘରେ ଜନ୍ମ ଗ୍ରହଣ କରିଥିଲେ, ସେ ଘର ପରବର୍ତ୍ତୀ ସମୟରେ ସ୍ୱରାଜ ଆଶ୍ରମରେ ପରିଣତ ହୋଇଥିଲା । କଲିକତାରେ ସେ ଆଇନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ୧୯୧୭ ମସିହାରେ କଟକର ଡେପୁଟି ମାଜିଷ୍ଟ୍ରେଟ ରୂପେ ଅବସ୍ଥାପିତ ହୋଇଥିଲେ । ୧୯୨୦ ମସିହାରେ ଭୀଷଣ ନଈବଢ଼ି ସମୟରେ ଗୋପବନ୍ଧୁ ବନ୍ୟ ପ୍ରପୀଡ଼ିତ ଅଞ୍ଚଳରେ ସରକାରଙ୍କୁ ଅଧିକ ସାହାଯ୍ୟ କରିବା ପାଇଁ ଦାବି ଜଣାଇଥିଲେ । ବ୍ରିଟିଶ ସରକାର ତାଙ୍କର ଦାବି ଅଗ୍ରାହ୍ୟ କରିଦେବାରୁ ସେ ସରକାରୀ ଚାକିରୀରୁ ଇସ୍ତଫା ପ୍ରଦାନ କରିଥିଲେ । ତାପରେ ସେ ସତ୍ୟବାଦୀ ଯାଇ ଗୋପବନ୍ଧୁଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । କଂଗ୍ରେସରେ ଯୋଗଦାନ, ଗାନ୍ଧିନୀତି ଅନୁସରଣ, ଖଦଡ଼ ଲୁଗା ପିନ୍ଧିବା, ଆଶ୍ରମ ଓ ଦରିଦ୍ର ନାରାୟଣଙ୍କ ସେବା ଆଦି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ୧୯୨୧ ମସିହାରେ ଅଳକା ନଦୀ କୂଳରେ ପ୍ରଥମେ ଏକ ଶିକ୍ଷାନୁଷ୍ଠାନ ଓ ପରେ ଅଳକାଶ୍ରମ ପ୍ରତିଷ୍ଠା କରିଥିଲେ । ୧୯୩୪ ମସିହାରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ସେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ଗ୍ରାମ ସଫେଇ, ନିଶା ନିବାରଣ, ପୌଢ଼ଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ ଅର୍ଥନୀତିର ଉନ୍ନତି ପାଇଁ ଉଦ୍ୟମ କରିଥିଲେ । ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟ ଲବଣ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଳବ ଓ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ କାରାବରଣ କରିଥିଲେ । ୧୯୩୦ରେ ଇଞ୍ଚୁଡି ଲବଣ ସତ୍ୟାଗ୍ରହ ଓ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନ ସତ୍ୟାଗ୍ରହ ବେଳେ ସେ ପୁଲିସ ଲାଠିଚାଳନାରେ ଆହାତ ହୋଇ କଟକ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ । ସ୍ୱାଧୀନତା ପରେ ସେ ସନ୍ଥ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ । ସେ ସମୟରେ ସମାଜ ସଂସ୍କାର ଅଭିମୁଖୀ ଓ ଆଧ୍ୟାତ୍ମିକ ଜ୍ଞାନସମ୍ପନ୍ନ ଭିତ୍ତିକ ଲେଖା ଲେଖୁଥିଲେ । ସରଳ ଜୀବନ ଓ ବନ୍ଧୁବତ୍ସଳତା ଥିଲା ତାଙ୍କର ଅନ୍ୟତମ ଶ୍ରେଷ୍ଠ ଗୁଣ । ଗୋପବନ୍ଧୁ ଚୌଧୁରୀଙ୍କ ଶେଷ ଜୀବନ କଟିଥିଲା କଟକର ଥୋରିଆ ସାହିରେ ଥିବା ଭୂଦାନ ଆଶ୍ରମରେ । ୨୯ ଅପ୍ରେଲ ୧୯୫୮ ମସିହାରେ ସେ ମୃତ୍ୟୁ ବରଣ କରିଥିଲେ ।

**ଡ଼ଃ.ଅରୁନ୍ଧତୀ ଦେବୀ**
**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦**

## ଆପଣଙ୍କ ମତାମତ

**ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ । ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।**

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ରକ୍ତଦାନ : ଶ୍ରେଷ୍ଠ ଓ ମହାନ ପୂଣ୍ୟ: 'ଧନ୍ୟ ସେ ଦାତା ଜଣେ ଯାଚକ ମନ'


ଡାକ୍ତର ରାମ ପ୍ରସାଦ ରାୟ

ଅନ୍ୟ ମାନଙ୍କ ପ୍ରତି ସଦୟ ଭାବ ପୋଷଣ କରିବା ତଥା ଅନ୍ୟ ମାନଙ୍କର ଉପକାର କରିବା ମନୋଭାବକୁ ଦାନ ଶୀଳତା ବୋଲାଯାଏ । ଦାନ ହିଁ ବିଶ୍ୱ ପ୍ରେମ । ଦରିଦ୍ର୍ୟ ଅଭାବୀ ଓ ଅସହାୟ ମାନଙ୍କ ପ୍ରତି ଉଦାରତାର ଅନ୍ୟ ନାମ ଦାନ । ବ୍ୟାପକ ଅର୍ଥରେ ଦାନ, ପ୍ରେମ, ବଦାନ୍ୟତା ଓ ସଦଭାବନାକୁ ବୁଝାଏ । ବ୍ରହ୍ମଦର୍ଶୀ ମାନଙ୍କ ଦୃଷ୍ଟିରୁ ମାନବ ସମାଜ ପ୍ରତି ସାର୍ବଜନୀନ ସଦଭାବନା ଓ ପରମାତ୍ମକାଙ୍କ ପ୍ରତି ବିଶୁଦ୍ଧତମ ଭକ୍ତିକୁ ଦାନ ବୋଲାଯାଏ । ପ୍ରଶଂସା, ପୁରସ୍କାର ଓ ପାରିଶ୍ରମିକ ପାଇବାର ସମସ୍ତ ଭାବନା ଦୂର କରିଦେଇ ଅନ୍ୟର ମଙ୍ଗଳ ବିଧାନରେ ଆତ୍ମନିଯୋଗ କରିବାର ଆକାଂକ୍ଷା ହିଁ ପ୍ରକୃତ ଦାନ । ପ୍ରେମ କ୍ରିୟାଶୀଳ ହେଲେ ଦାନର ରୂପ ଧାରଣ କରେ । ଆଗେ ଘର, ପଛେ ପର । ଦାନ ପ୍ରଥମେ ଘରେ ଆରମ୍ଭ ହୁଏ, କିନ୍ତୁ ଏହା ଦୂରକୁ ପ୍ରସାରିତ ହେବା ଉଚିତ । ସମଗ୍ର ଜଗତଟା ତ ଆପଣଙ୍କ ଘର, ଆପଣ ଏହି ବିଶ୍ୱର ଜଣେ ନାଗରିକ । ତେଣୁ ଜଗତର ପ୍ରତ୍ୟେକର ଉପକାର କରିବା ପାଇଁ ବଦାନ୍ୟ ମନୋଭାବ ପୋଷଣ କରନ୍ତୁ ।

ଆଜି ବିଶ୍ୱରେଡ଼କ୍ରସ ଦିବସ । ପ୍ରତି ବର୍ଷ ମେ ୮ ତାରିଖରେ ସାରା ବିଶ୍ୱରେ ପାଳନ କରାଯାଏ ବିଶ୍ୱ ରେଡ଼କ୍ରସ ଆଣ୍ଡ ରେଡ଼କ୍ରସ ଡ଼େ ଦିବସ । ୧୮୨୮ ମେ ଏହି ଦିନରେ ଜନ୍ମ ହୋଇଥିଲେ ଇଣ୍ଟରନେସ୍‌ନାଲ କମିଟି ଅଫ ଦ ରେଡ଼ କ୍ରସର ପ୍ରତିଷ୍ଠାତା ହେନରି ଡୁନାଣ୍ଟ । ମାନବ ଜାତିକୁ ରେଡ଼କ୍ରସ ଭଳି ଏକ ମହାନ ଅନୁଷ୍ଠାନର ଦାନ ପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା । ସେ ବିଶ୍ୱର ପ୍ରଥମ ନୋବେଲ ଶାନ୍ତି ପୁରସ୍କାର ବିଜେତା । ୧୯୪୮ରେ ପ୍ରଥମ ବିଶ୍ୱ ରେଡ଼କ୍ରସ ଦିବସ ପାଳନ କରାଯାଇଥିଲା । ୧୯୮୪ରୁ ଏହାକୁ ବିଶ୍ୱ ରେଡ଼କ୍ରସ ଆଣ୍ଡ ରେଡ଼ କ୍ରେସ ଡ଼େ ଦିବସ ଭାବେ ପାଳନ କରାଯାଉଛି । ରକ୍ତଦାନ ଦ୍ୱାରା ସାମାଜିକ ସେବା ଦାୟିତ୍ୱବୋଧତାର ଅଙ୍ଗୀକାରତାକୁ ସମାଜରେ ଦିଗ୍‌ଦର୍ଶନ ଦେବା ପାଇଁ ଯେଉଁ ମହାନ କ୍ରାନ୍ତୀଦର୍ଶୀ ଏହି ଦିବସଟିକୁ ସ୍ମରଣୀୟ କରିଥିଲେ ତାଙ୍କରି ପାଇଁ ବିଶ୍ୱ ରେଡ଼କ୍ରସ ଦିବସର ମହତ୍ତ୍ୱ ଅନୁରଣିତ ହେଉଛି । ବାସ୍ତବିକ ରକ୍ତ ଏପରି ଏକ ସୃଷ୍ଟିର ଅନବଦ୍ୟ ଶ୍ରେଷ୍ଠତା ଯାହାର ବିକଳ୍ପ ନାହିଁ । ଅନେକ କ୍ଷେତ୍ରରେ ଦେଖାଯାଏ ଏହି ରକ୍ତଟି ପାଇଁ ଅଭାବନୀୟ ଭାବରେ ଜଣଙ୍କର ଜୀବନ ଦୀପ ଅକାଳରେ ଚାଲିଯାଇଥାଏ ।

ଆସନ୍ତୁ ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଏହି ସମ୍ବନ୍ଧୀୟ କିଛି ଜ୍ଞାତବ୍ୟ ତଥ୍ୟ ଏଠାରେ ଉଲ୍ଲେଖ କରିବା । ଅଷ୍ଟ୍ରୀୟ ବିଜ୍ଞାନୀ କାର୍ଲ ଲାଣ୍ଡଷ୍ଟେଇନ୍‌ର ୧୯୦୧ ମସିହାରେ ପ୍ରଥମ ତିନିଟି ରକ୍ତବର୍ଗ (ଓ, ଏ, ଏବଂ ବି) ଆବିଷ୍କାର କରିଥିଲେ । ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି । ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି । ଏଣୁ ଏହାର ଚାହିଦା ସର୍ବାଧିକ । ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ । ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ । ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ । ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୧୨୦ ପିଣ୍ଟ ରକ୍ତ ଏବଂ ଅଙ୍ଗ ପ୍ରତିରୋପଣ ବେଳେ ୪୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ । ତା'ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ୍ୟ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ । ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ । ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ । ଶ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲେଟଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ । ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ । ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ । ସେହିପରି ରକ୍ତଦାନ କରିବାବେଳେ ରକ୍ତଦାତାର ରକ୍ତପରୀକ୍ଷା ହେଉଥିବାରୁ ଏହା ଦ୍ୱାରା ହେପାଟାଇଟିସ୍, ମ୍ୟାଲେରିଆ, ଡାଇବେଟିସ ଓ ଏଚ୍‌ଆଇଭି ପରି ବିଭିନ୍ନ ରୋଗ ସମ୍ପର୍କରେ ପରୀକ୍ଷାରୁ ସୂଚନା ମିଳିଥାଏ । ଆହୁରି ମଧ୍ୟ ପ୍ରକାଶ ଯେ, ପ୍ରତି ବର୍ଷ କେବଳ ଭାରତରେ ଆବଶ୍ୟକ ହୁଏ ୪ କୋଟି ପିଣ୍ଟ ରକ୍ତ । ତେବେ ସଂଗୃହୀତ ହୁଏ ମାତ୍ର ୪୦ ଲକ୍ଷ ପିଣ୍ଟ । ଏଠାରେ ପ୍ରତି ଦୁଇ ସେକେଣ୍ଡରେ କେହି ନା କେହି ଜଣେ ରକ୍ତ ଦରକାର କରିଥାଏ । ଏଣୁ ପ୍ରତିଦିନ ୩୮୦୦୦ ମଣିଷ ରକ୍ତଦାନ କରିବା ଆବଶ୍ୟକ । ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ । କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ । ଜଣେ ଯଦି ୧୮ ବର୍ଷରୁ ରକତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ । ଯାହାଦ୍ୱାରା କି ଅନ୍ୟୂନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ । ସ୍ୱେଚ୍ଛାକୃତ ରକ୍ତଦାନ ଠାରୁ ବଳି ଅନ୍ୟ କିଛି ନାହିଁ । କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ । ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ ।

ପ୍ରତ୍ୟେକଟି ସତକର୍ମ ଗୋଟିଏ ଗୋଟିଏ ଦାନ । ତୃଷାର୍ତ୍ତକୁ ଜଳ ଦେବା ଏକ ଦାନ । ଦୁଃଖୀ ଲୋକଙ୍କୁ ଆଶାଭରସା ଦେଇ ପଦେ କତାକହିବା ଏକ ଦାନ । ଗରିବ ଓ ରୁଗଣ ଲୋକଙ୍କୁ ଔଷଧ ପାନେ ଦେବା ଏକ ଦାନ । ରାସ୍ତାରେ ପଡ଼ିଥିବା କଣ୍ଟାଟିଏ ବା ଭଙ୍ଗାକାଚ ଖଣ୍ଡିଏ ବାହାର କରିଦେବା ମଧ୍ୟ ଏକ ଦାନ । ଅନ୍ୟ ମାନଙ୍କ ପ୍ରତି ସଦୟ ହେବା, ଶ୍ରଦ୍ଧାବାନ ହେବା ମଧ୍ୟ ଦାନ । କେହି ଯଦି ଆପଣଙ୍କର ତି କଲା, ତେବେ ତାଙ୍କୁ କ୍ଷମା ଦେଇ ସେ ବିଷୟ ମନରୁ ପୋଛି ଦେବା ମଧ୍ୟ ଦାନ । ଯନ୍ତ୍ରଣା ପାଉଥିବା ଲୋକକୁ ଦେଖିଦେଲେ ଆହା ବୋଲି ପଦେ କହିଦେବା ମଧ୍ୟ ଏକ ଦାନ ।

ଭଗବାନ ସର୍ବବ୍ୟାପୀ । ତାଙ୍କୁ ସର୍ବତ୍ର ଦର୍ଶନ କରନ୍ତୁ । ଧନସମ୍ପଦ ବଣ୍ଟନ କରି କରି ଉପଭୋଗ କରନ୍ତୁ; ବଣ୍ଟନ କଲାବେଳେ ନିଜ ପାଇଁ ସାମାନ୍ୟ କିଛି ରଖି ଅଧିକାଂଶ ଭାଗ ଅନ୍ୟ ମାନଙ୍କୁ ଦେଇ ଦିଅନ୍ତୁ । ମନ ଭିତରେ ବଦ୍ଧମୂଳ ହୋଇ ରହିଥିବା କୃପଣ ସ୍ୱଭାବ ସମୂଳେ ବିନାଶ କରନ୍ତୁ । ଦେଖିବେ, ହୃଦୟ ପ୍ରଶସ୍ତ ହୋଇଯିବ, ଜୀବନ ସମ୍ବନ୍ଧରେ ଦୃଷ୍ଟିକୋଣ ବ୍ୟାପକ ହୋଇଯିବ; ଦୃଷ୍ଟି ପଥର ନାଚି ଉଠିବ ସୁଦୂରପ୍ରସାରୀ ନୂତନ ଦୃଶ୍ୟାବଳୀ । ଆପଣ ଅନୁଭବ କରିବାକୁ ପାଇବେ ଯେ, ଆପଣଙ୍କ ଅନ୍ତରରେ ଯେଉଁ ଅନ୍ତର୍ଯ୍ୟାମୀ ବାସ କରଛନ୍ତି, ସେ ଆପଣଙ୍କୁ ସାହାଯ୍ୟ କରୁଛନ୍ତି । ଆପଣ ଅନୁଭବ କରିବେ ଯେ, ଆପଣ ଏକ ଅନିର୍ବଚନୀୟ ଦିବ୍ୟ ଉନ୍ମାଦନାରେ, ଏକ ଆଧ୍ୟାତ୍ମିକ ଆନନ୍ଦରେ ଉଲ୍ଲସିତ ହୋଇଉଠୁଛନ୍ତି । ସେହି ଉଲ୍ଲାସ ଉନ୍ମାଦନା ଆପଣଙ୍କୁ ଅସୀମ ଅନ୍ତର୍ବଳ ପ୍ରଦାନ କରିବ । ଏହି ମର୍ମରେ କବିବର ରାଧାନାଥ ରାୟଙ୍କ ସ୍ମରଣୀୟ ଧାଡ଼ିଟି ଉଲ୍ଲେଖ କରୁଛୁ – 'ବିତରେ ଅକାତରେ ଜୀବନ ଘନ, ଧନ୍ୟ ସେ ଦାତା ଜଣେ ଯାଚକ ମନ ।'

**କ୍ୟାମ୍ପ ଆସିଷ୍ଟାଣ୍ଟ, ସେଣ୍ଟ୍ରାଲ ରେଡ଼କ୍ରସ ବ୍ଲଡ ସେଣ୍ଟର, କଟକ, ଦୂରଭାଷ : ୮୨୬୦୪୦୮୮୩୬**

# ମୋହିନୀ ଏକାଦଶୀ ଓ ବିଷ୍ଣୁଙ୍କ ମୋହିନୀ ଅବତାର


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ସରସ୍ୱତୀ ନଦୀ କୂଳରେ ଭଦ୍ରାବତୀ ନାମକ ନଗର ଥିଲା । ଏଠି ଧୃତିମାନ ନାମକ ରାଜା ରାଜୁତି କରୁଥିଲେ । ଏହି ନଗରରେ ଜଣେ ବଣିଆ ରହୁଥିଲା, ତାର ନାଁ ଥିଲା ଧନପାଳ । ସେ ଭଗବାନ ବିଷ୍ଣୁଙ୍କ ପରମ ଭକ୍ତ ଥିଲା ଏବଂ ସର୍ବଦା ପୂଣ୍ୟକର୍ମରେ ଲାଗି ରହୁଥିଲା । ଧନପାଳର ୫ଜଣ ପୁତ୍ର ଥିଲେ ସୁମନା, ଧୃତିକାମ, ମେଧାବୀ, ସୁକୃତ ଏବଂ ଧୃଷ୍ଟବୁଦ୍ଧି । ଧୃଷ୍ଟବୁଦ୍ଧି ସର୍ବଦା ପାପ କର୍ମରେ ଲିପ୍ତ ରହୁଥିଲା । ଅନ୍ୟାୟ ମାର୍ଗରେ ଯାଇ ସେ ନିଜ ପିତାଙ୍କ ଧନ ବରବାଦ କରି ଦେଇଥିଲେ । ଏଣେ ତେଣେ ବୁଲି ବୁଲି ଧୃଷ୍ଟବୁଦ୍ଧି ଶେଷରେ ମହର୍ଷି କୌଡ଼ିନ୍ୟଙ୍କ ଆଶ୍ରମରେ ପହଞ୍ଚିଲା । ହାତଯୋଡ଼ି ମୁନିଙ୍କୁ ପୁଣ୍ୟ ପ୍ରାପ୍ତିର ମାର୍ଗ କହିବା ଲାଗି ଅନୁରୋଧ କଲା । ମହର୍ଷି କୌଡ଼ିନ୍ୟ ତାକୁ ବିଧିପୂର୍ବକ ମୋହିନୀ ଏକାଦଶୀ ବ୍ରତ କରିବାକୁ କହିଲେ । ଏହି ବ୍ରତ ପ୍ରଭାବରେ ସେ ନିଷ୍ପାପ ହୋଇଗଲା ଏବଂ ଗରୁଡ଼ ଉପରେ ବସି ବୈକୁଣ୍ଠପୁରକୁ ଚାଲିଗଲା । ବୈଶାଖ ମାସ ଶୁକ୍ଳ ପକ୍ଷ ଏକାଦଶୀକୁ ମୋହିନୀ ଏକାଦଶୀ କୁହନ୍ତି । ଏହି ବ୍ରତ ଧାରଣ କଲେ ଏକ ହଜାର ଗୋଦାନର ପୁଣ୍ୟ ପ୍ରାପ୍ତି ହୋଇଥାଏ । ମନୁଷ୍ୟର ସମସ୍ତ ପାପ ଦୂର ହୋଇଥାଏ । ବ୍ରତ ପ୍ରଭାବରୁ ମୋହ ଜାଲରୁ ମଧ୍ୟ ମୁକ୍ତି ମିଳିଥାଏ । ଏଥର ୧୦ ମଇ, ଶନିବାର ମୋହିନୀ ଏକାଦଶୀ ବ୍ରତ ପଡୁଛି । ମୋହିନୀ ଏକାଦଶୀ ତିଥିରେ ପ୍ରତ୍ୟୁଷରୁ ସ୍ନାନ କରି ଭଗବାନ ବିଷ୍ଣୁ ଏବଂ ଶ୍ରୀରାମଙ୍କ ପୂଜା କରିବା ସହ ବ୍ରତ ଧାରଣ କଲେ ଅଶେଷ ପୂଣ୍ୟ ପ୍ରାପ୍ତି ହୋଇଥାଏ ।

ଶ୍ରୀହରି ମୋହିନୀ ଅବତାର ନେଇଥିଲେ । ସେ ଏହି ଅବତାର ସେତେବେଳେ ନେଇଥିଲେ, ଯେତେବେଳେ ସମୁଦ୍ର ମନ୍ଥନରେ ଅମୃତ ବାହାରିଥିଲା । ଦେବତା ଓ ରାକ୍ଷସଙ୍କ ମଧ୍ୟରେ ଏହା ବିତରଣ ହେବାର ଥାଏ । ମାତ୍ର ମୋହିନୀ ଅବତାରରେ ଶ୍ରୀହରି ଛଳରେ ଦେବତାଙ୍କୁ ଅମୃତ ଓ ରାକ୍ଷସମାନଙ୍କୁ ଅନ୍ୟ ଦ୍ରବ୍ୟ ପିଇବାକୁ ଦେଇଥିଲେ । ଶ୍ରୀହରି ମୋହିନୀ ରୂପରେ ଖୁବ୍ ଆକର୍ଷଣ ଥିଲେ । ସେ ଏହି ରୂପ ଲୋକକଲ୍ୟାଣ ପାଇଁ ନେଇଥିଲେ । ଏଥିରେ ସେ ଜଣେ ସୁନ୍ଦର ଯୁବା ସ୍ତ୍ରୀ ରୂପରେ ଉଭା ହୋଇଥିଲେ । ଅଗ୍ନି ପୁରାଣର ୩.୧୨ରେ ବର୍ଣ୍ଣିତ ଅଛି ଯେ, ଅମୃତ ବିତରଣ ପାଇଁ ଶ୍ରୀହରି ମୋହିନୀରୂପ ଧାରଣ କରିଥିଲେ । ଏହି ସମୟରେ ଭଗବାନ ଶିବ ମୋହିନୀ ରୂପ ଦେଖି ଆକର୍ଷିତ ହୋଇଉଠିଥିଲେ । ସେହି ସ୍ଥାନ ଗଙ୍ଗୋତ୍ରି ଅଟେ । ସେଠାରେ ତାଙ୍କ ବୀଜ ପତନ ଘଟିଥିଲା । ଏହା ଅମୂଲ୍ୟ ପାରଦ ଅଟେ । ଗଙ୍ଗା ଜଳର ପ୍ରତି ବିନ୍ଦୁରେ ଏହା ରହିଛି । ହିନ୍ଦୁ ଶାସ୍ତ୍ର ଅନୁସାରେ ଏହି ପାରଦ ସମ୍ପୂର୍ଣ୍ଣ ଜଗତର ଆଧାର ଅଟେ । କାରଣ ଏହି ସଂସାରର ଆଦି ଶକ୍ତି ରଜ ଅର୍ଥାତ୍ ଗନ୍ଧକ ଅଟେ ଓ ଶିବଙ୍କ ବୀଜ ଅର୍ଥାତ ପାରଦରେ ଏହା ପ୍ରସ୍ତୁତ ।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**

# ଭକ୍ତର ସଙ୍ଗ କରିଲେ କ'ଣ ହୁଏ ?


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଯେଉଁ ବ୍ୟକ୍ତି ଗୁରୁଙ୍କର ନିର୍ଦ୍ଦେଶଗୁଡ଼ିକ ସୂଚାରୁରୂପରେ ଅକ୍ଷରେ ଅକ୍ଷରେ ପାଳନ କରନ୍ତି ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ଅପେକ୍ଷାକୃତ ଅଳ୍ପବିକଶିତ ଲୋକଙ୍କ ମଧ୍ୟରେ ଗୁରୁ ଉପଦେଶ ପ୍ରଚାର ଓ ପ୍ରସାର କରି ଜୀବନ ଅତିବାହିତ କରନ୍ତି, ସେ ହିଁ ପ୍ରକୃତ ଭକ୍ତ । ଯେଉଁ ଭକ୍ତ ଗୁରୁଙ୍କର ଆଜ୍ଞାବହ ହୁଏ, କେବଳ ସେ ହିଁ ଅନ୍ତରର ମୁଁ କାରତ୍ୱ ଉପରେ ବିଜୟ ଲାଭ କରେ । ଆଜ୍ଞାନୁବର୍ତ୍ତିତା ଯଥାର୍ଥ ଓ ବାସ୍ତବ ହେବା ଆବଶ୍ୟକ । ପୂର୍ଣ୍ଣପ୍ରାଣରେ ପୂର୍ଣ୍ଣ ଅଧ୍ୟବସାୟ କରି ଆଜ୍ଞାନୁବର୍ତ୍ତୀ ହେବା ଆବଶ୍ୟକ । ଯେଉଁ ଶିଷ୍ୟ ପ୍ରକୃତ ଗୁରୁ-ଆଜ୍ଞାନୁବର୍ତ୍ତୀ, ସେ ପ୍ରଶ୍ନ କରେନାହିଁ, କି ଦୀର୍ଘସୂତ୍ରିତା ପ୍ରଦର୍ଶନ କରେ ନାହିଁ । ଭଣ୍ଡ ଓ କପଟୀ ଶିଷ୍ୟ କେବଳ ଭୟବଶତଃ ଗୁରୁଆଜ୍ଞା ପାଳନ କରିଥାଏ । କିନ୍ତୁ ପ୍ରକୃତ ଅନୁରକ୍ତ ଶିଷ୍ୟ ନିଛକ ଅନୁରାଗର ସହିତ ଗୁରୁସେବା କରିଥାନ୍ତି ।

ଭକ୍ତ ସଙ୍ଗର ଉପକାରିତା ସମ୍ବନ୍ଧରେ କଥା ଉଠିଲା । ଶ୍ରୀ ଶ୍ରୀ ଠାକୁର – ପ୍ରକୃତ ଯିଏ ଭକ୍ତ, ସେ ଭଗବାନ ଛଡ଼ା କିଛି ଚାହେଁ ନାହିଁ, ଆଉ କିଛି ବୁଝେ ନାହିଁ । ତାଙ୍କର ବିରହରେ ସେ ଚିରବ୍ୟଥିତ । ଆମ୍ଭେମାନେ ଯାହାକିଛି ପାଉନା କାହିଁକି, ତାଙ୍କ ଛଡ଼ା ଅନ୍ୟ କୌଣସିଥିରେ ପ୍ରାଣ ଭରେ ନାହିଁ । ଭରିବାର ନୁହେଁ, ତେଣୁ ଭରେନାହିଁ । ମଣିଷର ସମଗ୍ର ଅନ୍ତରଟା ଫାଙ୍କା । ତାହା କୌଣସିଥିରେ ଭରେ କି ନାହିଁ, ସେହି ଚେଷ୍ଟାରେ ସେ କେତେ କ'ଣ କରେ ! କିନ୍ତୁ କିଛି ପ୍ରକାରରେ ସେ ଶାନ୍ତି ପାଏ ନାହିଁ, ତୃପ୍ତି ପାଏ ନାହିଁ, ତାର ଅସ୍ଥିରତା ଯାଏ ନାହିଁ । ଭକ୍ତ କିନ୍ତୁ ତାର ଇଷ୍ଟଙ୍କ ମଧ୍ୟରେ ସବୁ କିଛି ପାଇଥାଏ । ସେ ହିଁ ସାର ବସ୍ତୁ, ଏହି ମୁଖ୍ୟ କଥା ସେ ବୁଝିଥାଏ । ତେଣୁ, କାମନା ବାସନାର ଜଞ୍ଜାଳର ସେ ଅନେକ ରକ୍ଷା ପାଇଥାଏ । ଏହାଦ୍ୱାରା ସେ ଶାନ୍ତି ପାଏ । ତେଣୁ ଅନ୍ୟମାନେ ବି ତାର ସଙ୍ଗ କରି ଶାନ୍ତି, ତୃପ୍ତି ଓ ଆନନ୍ଦ ପାଆନ୍ତି । ମଣିଷ ଜ୍ଞାତ ସାରରେ, ଅଜ୍ଞାତସାରରେ ଅହର୍ନିଶ ଏହା ହିଁ ଚାହିଁଥାଏ । ସତସଙ୍ଗ ମାନେ ସତ୍ତାର ସଙ୍ଗ । ସତ୍ତା ସଚ୍ଚିଦାନନ୍ଦମୟ । ସଚ୍ଚିଦାନନ୍ଦ ବିଗ୍ରହ ଯିଏ, ତାଙ୍କୁ ମଣିଷ ଖୋଜେ ନିଜର ସତ୍ତାକୁ ଅତୁଟ ଓ ବର୍ଦ୍ଧନଶୀଳ କରି ତୋଳିବା ପାଇଁ । ଯେତେବେଳେ ମଣିଷ ଦେଖେ ଯେ ତାର ଚିରଦିନର ନିଜର ବୋଲି କେହି ନାହିଁ, ସେ ଏକା ଓ ନିଃସଙ୍ଗ, ସେତେବେଳେ ତାର କ୍ଷୁଦ୍ର ସତ୍ତା ଆଲିଙ୍ଗନ କରିବାକୁ ଚାହେଁ ମହାସତ୍ତାକୁ, ଅନାଦିର ଆଦି ଗୋବିନ୍ଦଙ୍କୁ । ଆମ୍ଭେମାନେ ଭଗବାନଙ୍କୁ ମଦନମୋହନ ମଦନର ଯେତେ ମରଣ ଓ ଦୌରାତ୍ମ୍ୟ ଅଛି, ତାଙ୍କ ପାଖକୁ ଗଲେ ସବୁ ମୋହିତ ହୋଇଯାଏ । ମଦନ ତାର ନିଜର ଚରିତାର୍ଥତା ଖୋଜି ପାଏ । ମଦନକୁ ଭସ୍ମ କରି ଲାଭ କ'ଣ ? ତାକୁ ବରଂ ମଦନମୋହନ ର ସେବକ କରି ସାର୍ଥକ କରି ତୋଳିବା ହିଁ ଭଲ । ସେ ମୋର ମଦନମୋହନ, ସେ ମୋର ନଟବର, ସେ ମୋର ନବକିଶୋର, ଯେଉଁମାନେ ଚାହାଁନ୍ତି, ସେମାନଙ୍କର ବି ସେ ମଦନମୋହନ, ନଟବର ଓ ନବକିଶୋର । ଆଉ ଯେଉଁମାନେ ନ ଚାହାଁନ୍ତି ସେମାନଙ୍କର ବି ମଦନମୋହନ, ସେମାନଙ୍କର ବି ସେ ନଟବର, ସେମାନଙ୍କର ବି ସେ ନବକିଶୋର । ସେ ଦୁଇବାହୁ ବଢ଼େଇ ଅଛନ୍ତି ସମସ୍ତଙ୍କୁ ଆଲିଙ୍ଗନ କରି କୋଳେଇ ନେବା ପାଇଁ । ମଣିଷ ଚାହେଁ ନାହିଁ ବୋଲି ବୁଝି ପାରେ ନାହିଁ । ଏହାଦ୍ୱାରା ତାଙ୍କ ଆଖିରୁ ଅଶ୍ରୁ ଝରେ, ବିମୁଖ ମଣିଷମାନେ ବି ମର୍ମପୀଡ଼ାରେ ମରେ । ପରମାର୍ଥ ଲାଭ ମାର୍ଗରେ ବହୁ ପ୍ରତିବନ୍ଧକମାନ ରହିଛି । ସେଗୁଡ଼ିକ ହେଲା ଅହଂକାର, ଅବିଦ୍ୟା, ଲୋଭ, ମୋହ ଏବଂ କାମ । ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହିସବୁ ଗୁଣ ଠାରୁ ଦୂରେଇ ରହିବା ପାଇଁ ଭକ୍ତ ମାନଙ୍କୁ ସବୁବେଳେ ପରାମର୍ଶ ଦେଇଛନ୍ତି । ଆତ୍ମ ସ୍ୱରୂପ ଏବଂ ଆତ୍ମ ବିବେକରେ ରହିବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି । ମନ ଉପରେ ଜୟ ଲାଭ ନିମନ୍ତେ ସେ ତାଙ୍କର ଭକ୍ତମାନଙ୍କୁ ସାହାଯ୍ୟ କରିଥାଆନ୍ତି । ବିବେକ ଏବଂ ବୈରାଗ୍ୟର ମାର୍ଗରେ ଭକ୍ତଙ୍କୁ ନେଇ ଭବସାଗର ପାର କରାଇବାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସାହାଯ୍ୟ କରନ୍ତି । ଏଥି ନିମନ୍ତେ ଭକ୍ତ ସଦଗୁରୁଙ୍କ ପାଦତଳେ ନିଜର ଶରୀର, ଧନ ଏବଂ ଆତ୍ମାକୁ ସମର୍ପଣ କରିବା ଉଚିତ । ସଦଗୁରୁ ଏତିକି ମାତ୍ର ଚାହାଁନ୍ତି । ସଦଗୁରୁଙ୍କ ଜୀବନର ଲକ୍ଷ୍ୟ ହେଉଛି ତାଙ୍କ ନିକଟରେ ଯିଏ ନିଜକୁ ସମର୍ପଣ କରିଦେଇଛି ଏବଂ ତାଙ୍କର ନାମ ଜପ କରୁଛି ତାକୁ ମୋକ୍ଷ ପ୍ରଦାନ କରିବା । ଯେଉଁ ଭକ୍ତମାନେ ଏହି ମାର୍ଗକୁ ଗ୍ରହଣ କରିଛନ୍ତି ସେମାନଙ୍କୁ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପରି ସଦଗୁରୁମାନେ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି ।

**ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

# ଆପଣ ଦେଖିଥିବେ ଧଳା ପୃଷ୍ଠ ଭୂମିରେ ଲାଲ ଛକି.....


ବାଦଲ ଭୂୟାଁ

ଆପଣ ସମସ୍ତେ ସାରା ବିଶ୍ୱର ଡାକ୍ତରୀ ସେବା କ୍ଷେତ୍ରରେ ନାଲି ଛକିକୁ ଦେଖିଥିବେ । ଡାକ୍ତରଖାନା, କ୍ଲିନିକ, ଆମ୍ବୁଲାନ୍ସ ଆଦିରେ ଧଳାପୃଷ୍ଠଭୂମିରେ ଲାଲଛକି କିମ୍ବା ସବୁଜ ପୃଷ୍ଠଭୂମିରେ ଧଳାଛକି ବ୍ୟବହାର କରାଯାଏ । ଏହା ପ୍ରାଥମିକ ସେବା ବା ଫାଷ୍ଟଏଡ଼ର ପ୍ରତୀକ । ଏହି ପ୍ରତୀକର ସୃଷ୍ଟି ଇଟାଲୀ । ଏକତ୍ରୀକରଣ ଯୁଦ୍ଧ ସମୟରେ । ଏହି ଯୁଦ୍ଧରେ ଅସଂଖ୍ୟ ସୈନିକ ଓ ବେସାମରିକ ବ୍ୟକ୍ତି ପ୍ରାଣ ହରାଇଥିଲେ । ରେଡ଼କ୍ରସ ସାରା ବିଶ୍ୱରେ ଏପରିକି ଯୁଦ୍ଧ କ୍ଷେତ୍ରରେ ମାନବିକ ଓ ଡାକ୍ତରୀ ସହଯୋଗ ଦେଉଥିବା ସବୁ ଗୋଷ୍ଠୀ, ସବୁ ରେଡ଼କ୍ରସ ସଂଗଠନର ପ୍ରତୀକ । ସହଜରେ ଚିହ୍ନି ହେଉଥିବା ଏହି ପ୍ରତୀକ ଜଣାଇଦିଏ ଯେ ଏହା ପରିଧାନ କରିଥିବା ବ୍ୟକ୍ତି କୌଣସି ସେନାର ଲକ୍ଷ୍ୟ ନୁହେଁ ।

ମେ ୮ ତାରିଖକୁ ବିଶ୍ୱ ରେଡ଼କ୍ରସ ଦିବସ ଭାବରେ ପାଳିତ ହୋଇଥାଏ । ୧୮୫୯ରେ ଯୁବ ସ୍ୱିସ୍ ବ୍ୟବସାୟୀ ହେନେରୀ ଡୁନାଣ୍ଟ ଇଟାଲୀର ସୋଲଫେରିନୋ ଠାରେ ଏକ ରକ୍ତାକ୍ତ ଯୁଦ୍ଧରେ ଅସହାୟ ମୃତାହତ ରକ୍ତାକ୍ତ ସୈନିକଙ୍କ ଅବସ୍ଥା ଦେଖି ଯୁଦ୍ଧାହତଙ୍କ ପାଇଁ ଏକ ନିରପେକ୍ଷ ସେବା ସଂସ୍ଥାନ ଗଢ଼ିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ । ୧୮୬୩ ମସିହାରେ ହେନେରୀ ଡୁନାଣ୍ଟଙ୍କ ତତ୍ତ୍ୱାବଧାନରେ ଅନ୍ୟ ଚାରିଜଣ ସହଯୋଗୀ ଯଥା ଗୁସ୍ତାଭ୍ ମୋୟନିର, ଲୁଇସ୍ ଆପିଆ, ଥିଓଡର ମୌନର ଓ ଗ୍ୟୁଲେମ୍ ହେନେରୀ ଡୁଫରଙ୍କ ମିଳିତ ଉଦ୍ୟମରେ ଜନ୍ମ ନେଲା ଇଣ୍ଟର ନ୍ୟାସନାଲ କମିଟି ଫର ରିଲିଫ୍ ଟୁ ଦି ଉଣ୍ଡେଡ୍ । ପରବର୍ତ୍ତୀ ସମୟରେ ଏହା ଇଣ୍ଟର ନ୍ୟାସନାଲ କମିଟି ଅଫ୍ ଦି ରେଡ଼କ୍ରସରେ ପରିଣତ ହେଲା । ପ୍ରଥମ ଯୁଦ୍ଧ ପରେ ପ୍ୟାରିସ୍ ଠାରେ ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ରେଡ଼କ୍ରସ ଆଣ୍ଡ ରେଡ଼କ୍ରେସାଣ୍ଟ ସୋସାଇଟିଜ୍ ଗଠନ ହେଲା । ପ୍ରଥମ ବିଶ୍ୱଯୁଦ୍ଧ ଜଣାଇ ଦେଲା ରେଡ଼କ୍ରସ ସୋସାଇଟିଗୁଡ଼ିକ ମଧ୍ୟରେ ଗଭୀର ସହଯୋଗ ଆବଶ୍ୟକ ।

ରେଡ଼କ୍ରସ ସଂଗଠନର ପ୍ରତୀକ ହେଲା ଧଳାପୃଷ୍ଠ ଭୂମିରେ ଲାଲ୍ ଛକି । ଏହା ସ୍ୱିଜରଲ୍ୟାଣ୍ଡ ପତାକାର ଠିକ୍ ବିପରୀତ । ଡୁନାଣ୍ଟ ନିଜ ମାତୃଭୂମିକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହା କରିଥିଲେ । ଇସ୍‌ଲାମୀୟ ଦେଶଗୁଡ଼ିକରେ ଲାଲ ଛକି ବା ରେଡ଼କ୍ରସକୁ ଖ୍ରୀଷ୍ଟଧର୍ମର ପ୍ରତୀକ ଭାବେ ଗ୍ରହଣ କରାଯିବାରୁ ଏସବୁ ଦେଶରେ ରେଡ଼କ୍ରସ ବଦଳରେ ରେଡକ୍ରେସାଣ୍ଟ ବା ଲାଲବକ୍ର ଚନ୍ଦ୍ରାଂଶ ବ୍ୟବହାର କରାଗଲା । ୨୦୦୭ରେ ରେଡ୍‌କ୍ରିଷ୍ଟାଲ ମଧ୍ୟ ସଂଗଠନର ଅନ୍ୟତମ ପ୍ରତୀକ ଭାବରେ ମାନ୍ୟତା ପାଇଲା । ଇସ୍ରାଏଲରେ ଉଭୟ ରେଡ଼କ୍ରସ ଓ ରେଡ଼କ୍ରେସାଣ୍ଟ ଧର୍ମୀୟ କାରଣରୁ ଗ୍ରହଣଯୋଗ୍ୟ ନହେବାରୁ ସଂଗଠନରେ ଇସ୍ରାଏଲର ଯୋଗଦାନକୁ ପ୍ରୋତ୍ସାହିତ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିଲା । ସେହିପରି ତୁର୍କୀ, ପର୍ସିଆ ଓ ଇଜିପ୍ଟ ରେଡ଼ କ୍ରେସାଣ୍ଟ ସହ ରେଡ଼ ଲାୟନ୍‌କୁ ରେଡ଼କ୍ରସର ପ୍ରତୀକ ଭାବରେ ବ୍ୟବହାର କରନ୍ତି । ରେଡ଼ ଲାୟନ୍ ଉପରୋକ୍ତ ତିନିଦେଶ ମଧ୍ୟରେ ସୀମିତ । ବର୍ତ୍ତମାନ ୩୦ଟି ଇସଲାମିକ୍‌ଦେଶ ରେଡ଼କ୍ରେସାଣ୍ଟ ପ୍ରତୀକ ବ୍ୟବହାର କରୁଛନ୍ତି । ୧୮୬୪ ମସିହାରେ ରେଡ଼କ୍ରସର ପ୍ରଥମ ଅନ୍ତରାଷ୍ଟ୍ରୀୟ ସମ୍ମିଳନୀ ଜେନେଭା ଠାରେ ଅନୁଷ୍ଠିତ ହୋଇ ୧୦ଟି ଧାରା ସ୍ୱାକ୍ଷରିତ ହୋଇଥିଲା । ସେତେବେଳେ ସମୁଦାୟ ୧୪ଟି ଦେଶର ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ ।

ବର୍ତ୍ତମାନ ରେଡ଼କ୍ରସ ସୋସାଇଟିର ସଦସ୍ୟ ରାଷ୍ଟ୍ରଙ୍କ ସଂଖ୍ୟା ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ । ସାରା ବିଶ୍ୱରେ ଏହି ସଂଗଠନର ୯୮.୭ ମିଲିୟନ କର୍ମଚାରୀ, ସଦସ୍ୟ ଓ ସ୍ୱେଚ୍ଛାସେବୀ ଅଛନ୍ତି । ଏହି ସଂଗଠନ ତିନିଥର ଯଥା ୧୯୧୭, ୧୯୪୪ ଓ ୧୯୬୩ରେ ନୋବେଲ ଶାନ୍ତି ପୁରସ୍କାର ସମ୍ମାନୀତ ହୋଇଥିଲେ । ରେଡ଼କ୍ରସର ପ୍ରତିଷ୍ଠାତା ହେନେରି ଡୁନାଣ୍ଟ ୧୯୦୧ ମସିହାରେ ପ୍ରଥମ ବ୍ୟକ୍ତି ଭାବରେ ନୋବେଲ ଶାନ୍ତି ପୁରସ୍କାରରେ ପୁରସ୍କୃତ ହୋଇଥିଲେ । ଆଫଗାନିସ୍ଥାନ ଠାରୁ ଆରମ୍ଭ କରି ଜିମ୍ବାୱେ ପର୍ଯ୍ୟନ୍ତ ବିଶ୍ୱର ୧୮୯ଟି ଦେଶ ରେଡ଼କ୍ରସର ସଦସ୍ୟ । ରେଡ଼କ୍ରସ ବିଶ୍ୱର ସବୁଠାରୁ ପରିଚିତ ଓ ସହଜ ଆଦୃତ ଚିହ୍ନ । ରେଡ଼କ୍ରସର ଅର୍ଦ୍ଧାଧିକ ସ୍ୱେଚ୍ଛାସେବୀ ଯୁବପିଢ଼ୀ । ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ମହିଳା । ଜାତୀୟ ରେଡ଼କ୍ରସ ସୋସାଇଟି ଗୁଡ଼ିକ ସ୍ୱଚ୍ଛ ଅବଧି ଓ ଦୀର୍ଘ ଅବଧି ସ୍ୱେଚ୍ଛାସେବୀଙ୍କ ଆବଶ୍ୟକତାକୁ ଦେଖି ତାଲିମ ପ୍ରଦାନ କରନ୍ତି । ରେଡ଼କ୍ରସର ସବୁଠାରୁ ଅଧିକ ସ୍ୱେଚ୍ଛାସେବୀ ଅଛନ୍ତି କାନାଡାରେ । ସେମାନଙ୍କ ସଂଖ୍ୟା ପ୍ରାୟ ୩୪ ହଜାର । ରେଡ଼କ୍ରସ ଓ ରେଡକ୍ରେସାଣ୍ଟ ଅଭିଯାନ ବିଶ୍ୱର ସର୍ବବୃହତ୍ ମାନବିକ କାର୍ଯ୍ୟଶୃଙ୍ଖଳା । ବିପର୍ଯ୍ୟୟ ପରିଚାଳନା ଓ ଉଦ୍ଧାର ରେଡ଼କ୍ରସ ଅଭିଯାନର ସବୁଠାରୁ ବଡ଼ ଅଂଶ । ୨୦୦୪ରୁ ୨୦୨୪ ମଧ୍ୟରେ ରେଡ଼କ୍ରସର କାମ କରିଥିବା ୫୧ ପ୍ରତିଶତ ବିପର୍ଯ୍ୟୟ ପାଣିପାଗ ଯୋଗୁଁ ଘଟିଛି । କେବଳ ୨୦୦୮ରେ ରେଡ଼କ୍ରସ ବିଶ୍ୱବ୍ୟାପୀ ୬୨୩ଟି ବିପର୍ଯ୍ୟୟରେ ଜନତାଙ୍କୁ ସହାୟକ ଦେଇଛି । ଭୟାବହ କରୋନା ସମୟରେ ମଧ୍ୟ ରେଡ଼କ୍ରସର ଉଲ୍ଲେଖନୀୟ ଆନ୍ତର୍ଜାତିକ ସହାୟତା ରହିଥିଲା । ଅନ୍ତରାଷ୍ଟ୍ରୀୟ ରେଡ଼କ୍ରସ ସୋସାଇଟିର ନିଜସ୍ୱ ପାଣ୍ଠି ଅଛି । ପ୍ରତିବର୍ଷ ଏହା ପ୍ରାୟ ୧୫ ମିଲିୟନ ଡଲାର ସଂଗ୍ରହ କରେ । ଏହା ବ୍ୟତୀତ କୌଣସି ଦୁର୍ଘଟଣା ସମୟରେ ମଧ୍ୟ ଏହା ଆବଶ୍ୟକୀୟ ପାଣ୍ଠି ସଂଗ୍ରହ କରେ । ରେଡ଼କ୍ରସର ଦୁଇଟି ସଂଗଠନ ଅଛି – ଇଣ୍ଟରନ୍ୟାସନାଲ କମିଟି ଅଫ୍ ଦି ରେଡ଼କ୍ରସ ଓ ଇଣ୍ଟରନ୍ୟାସନାଲ ଫେଡେରେସନ୍ ଅଫ୍ ରେଡ଼କ୍ରସ ଆଣ୍ଡ ରେଡକ୍ରେସାଣ୍ଟ ସୋସାଇଟିଜ । ଆଇସିଆରସି କେବଳ ସଶସ୍ତ୍ର ଯୁଦ୍ଧରେ ପୀଡ଼ିତଙ୍କ ପାଇଁ କାର୍ଯ୍ୟ କରୁଥିବାବେଳେ ଆଇଏଫ୍‌ଆରସି ରେଡ଼କ୍ରସର ଅନ୍ୟ ସମସ୍ତ ଦାୟିତ୍ୱକୁ ଜାତୀୟ ରେଡ଼କ୍ରସ ସୋସାଇଟି ସହଯୋଗରେ ପୂରଣ କରିଥାଏ ।

ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା ମନୋଭାବ ସୃଷ୍ଟି କରିବା ପାଇଁ ବିଭିନ୍ନ ସ୍କୁଲରେ ଜୁନିୟର ରେଡ଼କ୍ରସ ଓ କଲେଜମାନଙ୍କରେ ଯଥ ରେଡ଼କ୍ରସ ସୋସାଇଟି ରହିଛି । ଏହାର ନୀତି ହେଉଛି ମାନବିକତା, ନିରପେକ୍ଷତା, ସ୍ୱାଧୀନତା, ସ୍ୱେଚ୍ଛାକୃତସେବା, ଏକତା ଓ ସାର୍ବଜନୀନ ଭାବ । ପ୍ରମୁଖ ଲକ୍ଷ୍ୟ ରହିଛି ଶିକ୍ଷା ଓ ତାଲିମ ଦ୍ୱାରା ସୁସ୍ଥ ଜୀବନ, ସ୍ୱାସ୍ଥ୍ୟର ଯତ୍ନ ଓ ନିରାପତ୍ତା ଉପରେ ଗୁରୁତ୍ୱ ଦେଇ ସୁନ୍ଦର ଜୀବନର ଅଧିକାରୀ କରାଇବା, ଶିକ୍ଷା ଓ ତାଲିମ ଦ୍ୱାରା ସମାଜସେବା ପାଇଁ ଉତ୍ସାହିତ କରିବା, ରେଡ଼କ୍ରସର ମୂଳନୀତି ସଂପର୍କରେ ସଚେତନ କରାଇବା, ମାନବିକତା ଭାବ ସୃଷ୍ଟି କରିବା, ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ମାନବସମ୍ବଳ ଉପରେ ଅଧ୍ୟୟନ କରିବା ଓ ଯୁବକଙ୍କ ମଧ୍ୟରେ ନେତୃତ୍ୱ ଭାବ ସୃଷ୍ଟି କରିବା ।

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**

# ପ୍ୟାରୀମୋହନ ଆଚାର୍ଯ୍ୟ


ଡକ୍ଟର ତପନ କୁମାର ପାଲ

ପ୍ୟାରୀମୋହନ ଜଣେ ଐତିହାସିକ ଓ ସମ୍ପାଦକ ଥିଲେ । ୧୮୫୧ ମସିହା ମଇ ୮ ତାରିଖରେ ଏକ ବଙ୍ଗୀୟ ବ୍ରାହ୍ମଣ ପରିବାରରେ କଟକ ଜିଲ୍ଲା କୁଆଁପାଳ ନିକଟବର୍ତ୍ତୀ ପଶୁଲୁଣ୍ଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ମାତ୍ର ୨୦ବର୍ଷ ବୟସରୁ ସେ ମଧୁସୂଦନ ରାଓ ଗୋବିନ୍ଦ ରଥଙ୍କ ସହ ମିଶି ଓଡ଼ିଆ ଭାଷାରେ ଉତ୍କଳପୁତ୍ର ନାମକ ସମ୍ବାଦପତ୍ରର ଆରମ୍ଭ କରିଥିଲେ । ସେ ଏହି ସମ୍ବାଦପତ୍ରର ପ୍ରକାଶକ ଓ ସମ୍ପାଦକ ଥିଲେ । ସେଥିରେ ସେ ଜୋତାର ଦରଖାସ୍ତ ନାମକ ଲେଖାଟିଏ ପ୍ରକାଶ କରିଥିଲେ । ଏହାର ପ୍ରତ୍ୟେକ୍ଷ ଅର୍ଥ ହେଲା ଯେ ତତ୍କାଳୀନ କଟକ ନଗର ପରିଚାଳନା ଅଧିକାରୀ ନଗରକୁ ନିର୍ମଳ ରଖିବାରେ ଅସମର୍ଥ ଅଟନ୍ତି । ଏହାଦ୍ୱାରା ସେ ମାଜିଷ୍ଟରେଟଙ୍କ କ୍ରୋଧର ଶିକାର ହେଲେ ।

ମାଜିଷ୍ଟ୍ରେଟ ତାଙ୍କୁ ସ୍କୁଲରୁ ବହିଷ୍କାର କରିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସେ ମାଜିଷ୍ଟରେଟଙ୍କୁ ଭୁଲ ନମାଗି କମିଶନର ସାହେବଙ୍କୁ ଭେଟିବା ଲାଗି ବାହାରି ପଡ଼ିଲେ । ଏହାପରେ ସେ ଏକ ପ୍ରାଇଭେଟ ସ୍କୁଲ ପ୍ରତିଷ୍ଠା କରିଥିଲେ । ସ୍କୁଲଟି ଏବେ ପ୍ୟାରିମୋହନ ଏକାଡ଼େମୀ ନାମରେ ମଧ୍ୟ ଜଣାଶୁଣା । ତତ୍କାଳୀନ ସମୟରେ ଉତ୍କଳର ଇତିହାସ କାହାକୁ ଏତେ ଜଣାନଥିଲା ଓ ଓଡ଼ିଆ ଭାଷା ଏକ ଗଭୀର ସନ୍ଧୀକ୍ଷଣ ଭିତରେ ରହିଥିଲା । ସବୁଠାରୁ ବଡ଼କଥା ହେଉଛି ଓଡ଼ିଆ ଭାଷାକୁ ନେଇ ସେ ସମୟରେ ଏକ ଭାଷା ଆନ୍ଦୋଳନ ଅତ୍ୟନ୍ତ ତୀବ୍ର ହୋଇଥିଲା । ତେଣୁ ସେ ଉତ୍କଳର ଇତିହାସକୁ ନେଇ ବହୁ ଗ୍ରନ୍ଥ, ପୁରାତନ ରାଜକୀୟ ନଥି ଓ ମାଦଳା ପାଞ୍ଜି ଆଦି ଗବେଷଣା କରି ଗୋଟିଏ ଓଡ଼ିଆ ଇତିହାସ ସଂକଳନ କରିଥିଲେ । ନିଜ ମାତୃଭୂମି ପ୍ରତି ତାଙ୍କର ଖୁବ୍ ପ୍ରେମ ଥିଲା । ୧୮୮୧ ମସିହାରେ ସେ ମୃତ୍ୟୁବରଣ କରିଥିଲେ ।

**ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ, ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩**

### ଅଧ ଘଣ୍ଟା ଧରି ଶୂନଶାନ ସମ୍ବଲପୁର, ହୀରାକୁଦ

# ସମ୍ଭାବ୍ୟ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ମକ୍‌ଡ୍ରିଲ୍



**ସମ୍ବଲପୁର,(ଡିକେ ନ୍ୟୁଜ):** ସତେ ଯେମିତି କିଛି ଅଘଟଣ ଘଟିଗଲା । ସ୍ତବ୍ଧ ହୋଇଗଲା ସମ୍ବଲପୁର । ଅପରାହ୍ଣ ୪ଟାରେ ବାଜିଲା ଲମ୍ବା ସାଇରନ୍ । ସାଇରନ ଶବ୍ଦରେ ଅଟକି ଯାଇଥିଲା ଯାନବାହାନ । କିଏ କିଏ ନିଜ ବାଇକ, ଗାଡିରୁ ଓହ୍ଲେଇ ଦୌଡିଥିଲେ ସୁରକ୍ଷିତ ସ୍ଥାନକୁ । ପୁଣି ୧୫ ମିନିଟ ପରେ ସବୁ କିଛି ସ୍ୱାଭାବିକ ହୋଇଥିଲା । ପୂର୍ବ ସତର୍କତା ସ୍ୱରୂପ ଏହି ସାଇରନ ବାଜିଥିଲା ସମ୍ବଲପୁରୀରେ । ବ୍ୟସ୍ତବହୁଳ ଲକ୍ଷ୍ମୀ ଟକିଜ ଛକ -କ୍ଷେତରାଜପୁର ରେଲୱେ ଷ୍ଟେସନ ମଧ୍ୟ ଭାଗରେ ପ୍ରଦର୍ଶନ ହୋଇଥିଲା ସିଭିଲ୍ ଡିଫେନ୍ସ ମକଡ୍ରିଲ । ପ୍ରଶାସନ, ପୁଲିସ, ଅଗ୍ନିଶମ, ମେଡିକାଲ୍, ରେଡ୍‌କ୍ରସ ଏବଂ ସେଚ୍ଛାସେବୀଙ୍କମାନଙ୍କ ଦ୍ୱାରା ଏହା ପ୍ରଦର୍ଶିତ ହୋଇଥିଲା । ସାଇରନ୍ ବାଜିବା ମାତ୍ରେ ବାହାରେ ଥିବା ଲୋକମାନେ ତୁରନ୍ତ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ । ଏହାର ପ୍ରାୟ ୧୫ ମିନିଟ୍ ପରେ ପୁଣି ଦ୍ୱିତୀୟ ସାଇରନ ବାଜିଥିଲା । ଏହାପରେ ସ୍ଥିତି ସ୍ୱାଭାବିକ ହେବା ସହ ସମସ୍ତେ ବାହାରକୁ ବାହାରିଥିଲେ । ସମର ଶିକ୍ଷାର୍ଥୀ ବାହିନୀ, ଏନଏସ୍.ଏସ୍, ମେଡିକାଲ, ରେଡ୍‌କ୍ରସ ଓ ଅନ୍ୟ ପ୍ରଶିକ୍ଷିତ ଗୋଷ୍ଠୀ ଦ୍ୱାରା ଉଦ୍ଧାର ଅପରେସନ୍ ଆରମ୍ଭ ହୋଇଥିଲା । କେନ୍ଦ୍ର ଗୃହ ମନ୍ତ୍ରଣାଳୟରେ ନିର୍ଦ୍ଦେଶାବଳୀ ଅନୁସାରେ, ସମ୍ଭାବ୍ୟ ଜରୁରୀ ପରିସ୍ଥିତି ମୁକାବିଲା ପାଇଁ ଏପରି ମକଡ୍ରିଲ ପାଇଁ ଆଜି ପ୍ରସ୍ତୁତି ଓ ଡେମୋ କରିଦେଖାଇଛି ଜିଲ୍ଲା ପ୍ରଶାସନ । ସମ୍ବଲପୁର ସହର ଓ ହୀରାକୁଦ ନଦୀବନ୍ଧ ନିକଟରେ ଅପରାହ୍ଣରେ ସମାନ ସମୟରେ ଏହି ଅଭ୍ୟାସ ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ହୀରାକୁଦ ନଦୀବନ୍ଧରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା । ଗୁରୁତ୍ୱ ପୂର୍ଣ୍ଣ ପ୍ରତିଷ୍ଠାନ ଓ ଭିତ୍ତିଭୂମି ଥିବା ୧୨ଟି ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇଥିଲା । ଏହି ସବୁ ସ୍ଥାନରେ ଜରୁରୀ ସ୍ଥିତିର ମୁକାବିଲା ପାଇଁ ଏଇ ମଡ୍ରିଲ କରାଯାଇ ସମଗ୍ର ସମ୍ବଲପୁର ମହାନଗରକୁ ପ୍ରସ୍ତୁତ କରାଯାଇଥିଲା । ଏଥିପାଇଁ କିଛି ଘଣ୍ଟା ପାଇଁ ପର୍ଯ୍ୟଟକଙ୍କ ପାଇଁ କଟକଣା ରହିଥିଲା । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସପି ମୁକେଶ ଭାମୁ, ମହାନଗର ନିଗମ କମିଶନର ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ ଭୋଇ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ତ ସେଠୀ, ଉପଖଣ୍ଡର ଉପଜିଲ୍ଲାପାଳ ଡ଼ଃ. ପୁଷ୍ପାଞ୍ଜଳି ପଣ୍ଡା,ତଥା ଉପଖଣ୍ଡଗରୀୟ ମାଜିଷ୍ଟ୍ରେଟ, ଜିଲ୍ଲା ଜରୁରୀକାଳୀନ ଅଧିକରା, ଅଗ୍ନିଶମ ସେବା ସଂସ୍ଥାର ଅଧିକାରୀ, ଜିଲ୍ଲା ପରିବହନ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସମ୍ଭାବ୍ୟ ଜରୁରୀ କାଳୀନ ପରିସ୍ଥିତର ମୁକାବିଲା ପାଇଁ ଜୀବନ କୌଶଳର ବିଭିନ୍ନ ଦିଗ ଉପରେ ଡେମୋ ମଧ୍ୟ ପ୍ରଦର୍ଶନ କରି ଦେଖାଇଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ରେଡ୍‌କ୍ରସ ପକ୍ଷରୁ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଡେମୋ କରି ଉପସ୍ଥିତ ଜନତାଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ପ୍ରୋଟୋକଲ୍ ଅନୁସାରେ ତ୍ରୁଟିପୂର୍ଣ୍ଣ ଭାବେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସମ୍ଭାବ୍ୟ ଜରୁରୀ କାଳୀନ ପରିସ୍ଥିତି ସମୟରେ କୌଣସି ଭୟଭୀତ ନହୋଇ ଜରୁରୀକାଳୀନ ପ୍ରସ୍ତୁତିକୁ ନିଶ୍ଚିତ କରିବା ପାଇଁ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀଙ୍କ ସହିତ ସହରବାସୀ ଏଥିରେ ଯୋଡି ହୋଇଥିଲେ । ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା ଓ ପରିଚାଳନା ପାଇଁ ଏହି ଅଭ୍ୟାସ ଜୀବନ ସୁରକ୍ଷା ପାଇଁ ଏକ ବଡ଼ ବାର୍ତ୍ତା ଦେଇଛି । ଯୁଦ୍ଧ ହେଉ ବା କୌଣସି ବିପର୍ଯ୍ୟୟ ସମୟରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାରେ ଜନସାଧାରଣଙ୍କୁ ସକ୍ଷମ କରିବା, ଜରୁରୀକାଳୀନ ସ୍ଥାନାନ୍ତର ପ୍ରକ୍ରିୟା ସଂପର୍କରେ ସଚେତନତା ବୃଦ୍ଧି କରିବା, ଅଗ୍ନିଶ୍ରମ, ପୁଲିସ, ସ୍ୱାସ୍ଥ୍ୟ ଓ ଅନ୍ୟ ଜରୁରୀ ସେବା ସଂସ୍ଥାଗୁଡିକର ପ୍ରସ୍ତୁତିକୁ ପରୀକ୍ଷା କରିବା ପାଇଁ ଏହି ମକଡ୍ରିଲର ମୁଖ୍ୟ ଉଦ୍ଦେଶ୍ୟ ରହିଥିବା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି । ଏହି ପ୍ରସ୍ତୁତି ଅଭ୍ୟାସ ସମସ୍ତ ନାଗରିକଙ୍କ ମଧ୍ୟରେ ଏକ ଚେତନା ଓ ଜାଗୃତି ସୃଷ୍ଟି କରିବାରେ ସହାୟକ ହୋଇଥିବା ନେଇ ସବୁ ମହଲରେ ଚର୍ଚ୍ଚା ହେଉଛି । ସମ୍ବଲପୁର ଓ ହୀରାକୁଦରେ ହୋଇଥିବା ମକଡ୍ରିଲର ପ୍ରଭାବ ଦେଖିବାକୁ ମିଳିଥିଲା । ପ୍ରାୟ ଅଧ ଘଣ୍ଟା ଧରି ବିଭିନ୍ନ ସ୍ଥାନରେ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଚଳାଚଳ ମଧ୍ୟ ଠପ୍ ପଡି ଯାଇଥିଲା ।

## କୋଟି କୋଟି ଟଙ୍କାରେ ନବ ନିର୍ମିତ ଅତ୍ୟାଧୁନିକ ଗୋପାଳପୁର ବସ୍‌ଷ୍ଟାଣ୍ଡ ଖତ ଖାଉଛି



**ବ୍ରହ୍ମପୁର,(ଡିକେ ନ୍ୟୁଜ):** ଗଞ୍ଜାମ ଜିଲ୍ଲା ଗୋପାଳପୁରରେ କୋଟି କୋଟି ଟଙ୍କା ବିନିମୟରେ ଖତ ଖାଉଛି ନବ ନିର୍ମିତ ଅତ୍ୟାଧୁନିକ ବସଷ୍ଟାଣ୍ଡ । ହେଲେ ଏହି ବସ୍‌ଷ୍ଟାଣ୍ଡଟିରେ ସନ୍ଧ୍ୟା ହେଲା ମଦ୍ୟପ ଏବଂ ଅସାମାଜିକଙ୍କ ଆଡ୍ଡାସ୍ଥଳି ପାଲଟୁଥିବା ଜଣାପଡୁଛି । ଗୋପାଳପୁର ବସଷ୍ଟାଣ୍ଡଟି ୨୦୧୬ ମସିହାରେ ବିଜୁ ପଟ୍ଟନାୟକଙ୍କ ୮୦ ତମ ଜୟନ୍ତୀ ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ବସଷ୍ଟାଣ୍ଡ ନିକଟରେ ପହଞ୍ଚି ମହା ଆଡ଼ମ୍ବରରେ ଉଦ୍‌ଘାଟନ କରାଯାଇଥିଲା । ହେଲେ ଉଦ୍‌ଘାଟନ ଦିନଠାରୁ ଆଜିକୁ ୭ ବର୍ଷ ବିତିଯାଇଥିଲେ ମଧ ଏହି ବସଷ୍ଟାଣ୍ଡଟି ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହେବାର ନାଁ ନଥିବା ବେଳେ ସନ୍ଧ୍ୟା ହେଲେ ଏହି ସ୍ଥାନରେ ଅସାମାଜିକ ଓ ମଦ୍ୟପଙ୍କ ଆଡ୍ଡା ଜମୁଛି । ଗୋପାଳପୁର ଦକ୍ଷିଣ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହୋଇଥିବା ବେଳେ ଏଠାକୁ ପ୍ରତିଦିନ ବେଳାଭୂମିରେ ସମୟ ଅତିବାହିତ କରିବା ନିମନ୍ତେ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଆସିଥାନ୍ତି ହେଲେ ଏଠାରେ ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଅତ୍ୟାଧୁନିକ ନୂଆଁ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇନଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକ ମାନେ ଖରା ଓ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ଆହାର କେନ୍ଦ୍ର ବାରଣ୍ଡାରେ ଆଶ୍ରୟ ନେଇଥାନ୍ତି । ଯାହାଫଳରେ ପର୍ଯ୍ୟଟକ ବହୁ ଅସନ୍ତୋଷ ପ୍ରକାଶ କରିବା ସହ ଏଠାରୁ ମୁହଁ ଫେରାଉଥିବା ଜଣାପଡୁଥିବା ବେଳେ ଗୋପାଳପୁର ବସଷ୍ଟାଣ୍ଡଟି ବିଭିନ୍ନ ସମୟରେ ପାର୍କିଂ ପରି ମଧ ବ୍ୟବହାର କରାଯାଉଥିବା ବେଳେ ୨୦୨୦ ଠାରୁ ୨୦୨୧ ପର୍ଯ୍ୟନ୍ତ ଘଇଉ କାର୍ଯ୍ୟାଳୟ ଭାବେ ବ୍ୟବହାର କରାଯାଇଥିଲା ।

## ପାରାଦ୍ୱୀପରେ ବାଜିଲା ସାଇରନ୍ ଓ ଆରମ୍ଭ ହେଲା ଯୁଦ୍ଧ ପ୍ରସ୍ତୁତି ମକ୍‌ଡ୍ରିଲ୍



**ପାରାଦ୍ୱୀପ,(ଡିକେ ନ୍ୟୁଜ):** ଏହି ସିଭିଲ ଡିଫେନ୍ସ ମକଡ୍ରିଲରେ ଯୁଦ୍ଧ ସମୟରେ ଶତ୍ରୁପକ୍ଷ ବିମାନ ଆକ୍ରମଣ କିମ୍ବା ବୋମା ବର୍ଷଣ କଲେ କିପରି ଜନସାଧାରଣଙ୍କୁ ସୁରକ୍ଷିତ ସ୍ଥାନକୁ ଯିବାକୁ ହେବ ଏବଂ କେଉଁ ସବୁ ପଦକ୍ଷେପ ଆପଣାଇବାକୁ ହେବ ସେ ସମ୍ପର୍କରେ ଏକ ମକଡ୍ରିଲ୍ ପାରାଦୀପର ଷଣ୍ଢେକୁଦ ଓ ନେହେରୁ ବଙ୍ଗଳାରେ ଆୟୋଜିତ ହୋଇଥିଲା । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ ଆଜି ଦେଶବ୍ୟାପୀ ଡିଫେନ୍ସ ମକ ଡ୍ରିଲ ଆୟୋଜନ କରାଯାଇଥିବା ବେଳେ ଏହି ଅଭ୍ୟାସ ୨୪୪ଟି ଜିଲ୍ଲା ରେ ଅନୁଷ୍ଠିତ ହେଉଛି । ଯେଉଁଥିରେ ଏୟାର ରେଡ ସାଇରନ ବାଜିବା କ୍ଷଣି ଲୋକମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା ପାଇଁ ପ୍ରଶିକ୍ଷଣ ଦିଆଯାଇଛି । ପ୍ରଥମଟି ଷଣ୍ଢେକୁଦ ବସ୍ତି ଅଞ୍ଚଳରେ ହୋଇଥିବା ବେଳେ ଦ୍ୱିତୀୟଟି ନେହେରୁ ବଙ୍ଗଳା ଅଞ୍ଚଳରେ ଥିବା ଓଡ଼ିଶାର ପ୍ରଥମ ୭ମହଲା ବିଶିଷ୍ଟ କୋଠାଘର ଅଞ୍ଚଳରେ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଜଗତସିଂହପୁର ଜିଲ୍ଲାର ଜିଲ୍ଲାପାଳ ଜେ.ସୋନାଲ୍‌ଙ୍କ ନେତୃତ୍ୱରେ ସ୍ଥାନୀୟ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ବାହିନୀ, ପୋଲିସ ପ୍ରଶାସନ, ଏନଡିଆରଏଫ, ଓଡ୍ରାଫ୍, ଏନସିସି କ୍ୟାଡେଟ୍, ସ୍କାଉଟ୍ ଆଣ୍ଡ୍ ଗାଇଡ୍ ଛାତ୍ର ଛାତ୍ରୀଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ତେବେ ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜରୁରୀ କାଳୀନ ପରିସ୍ଥିତିରେ ନାଗରିକ ଏବଂ ପ୍ରଶାସନର ପ୍ରସ୍ତୁତିକୁ ମଜବୁତ କରିବା ଏବଂ ଜନସାଧାରଣଙ୍କ ଧନ ଜୀବନ ସୁରକ୍ଷିତ ରଖି ସମ୍ଭାବ୍ୟ ଯୁଦ୍ଧ ମୁକାବିଲା ବିପଦରୁ ନିଶ୍ଚିତ ଭାବରେ ରକ୍ଷା କରାଯାଇ ପାରିବ ବୋଲି ଜିଲ୍ଲାପାଳ ଗଣମାଧ୍ୟମରେ କହିଛନ୍ତି ।

## ଲଜ୍ୟା : କାଉନସିଲର ବୈଠକ ବର୍ଜନ କଲେ ବିଧାୟକ

**କୋଟପାଡ଼,(ଡିକେ ନ୍ୟୁଜ):** ବିଭିନ୍ନ ସମୟରେ ଚର୍ଚ୍ଚାରେ ରହିଆସିଥିବା କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ । ପୂଣି ଥରେ ଚର୍ଚ୍ଚାର ସିରୋନାମା ପାଲଟିଛି । ଏଥର ବିଧାୟକଙ୍କ କାଉନସିଲର ବୈଠକ ବର୍ଜନକୁ ନେଇ ଚର୍ଚ୍ଚା ଜୋର ଧରିଥିବା ଜଣାଯାଇଛି । ଜଣଙ୍କ ପରେ ଜଣେ ଅଧିକାରୀ ବଦଳିଛନ୍ତି । କିନ୍ତୁ ଅଞ୍ଚଳର କୌଣସି ଉନ୍ନତି ହେଉନଥିବା ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିଥିବା ଜଣାଯାଇଛି । ସାନିଟେସନ ନା ରେ ପ୍ରତି ମାସରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ହେଁ ସହରର ଚିତ୍ର ବଦଳି ପାରୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏପରିକି ପୂର୍ବରୁ ପ୍ରତି ମାସରେ ସଫେଇ ପାଇଁ କୌଣସି ଟଙ୍କା ଆଦାୟ କରାଯାଉନଥିବା ବେଳେ, ବର୍ତ୍ତମାନ ପ୍ରତି ମାସରେ ପ୍ରତି ଘରୁ ଓ ଦୋକାନ ଗୁଡ଼ିକରୁ ୪୦ ରୁ ୫୦ ଟଙ୍କା ସଫେଇ ପାଇଁ ଆଦାୟ କରାଯାଉଥିବା ଜଣାଯାଇଛି । ସେ ଅର୍ଥ କେଉଁ ଆକାରରେ ଖର୍ଚ୍ଚ କରାଯାଉଛି ତାହା ଅଞ୍ଚଳର କର ଦାତା ଟୁପୁରୁ ଟାପୁରୁ ହେଉଥିବା ଜଣାଯାଇଛି । ଏ ସବୁଠାରୁ ବଳିଯାଇଛନ୍ତି ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା କିଛି ଜନପ୍ରତିନିଧି ବା କାଉନସିଲର । କିଛି ୱାର୍ଡର କାଉନସିଲର ୱାର୍ଡବାସୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି । କେବଳ ପ୍ରତି ମାସରେ ସାନିଟାସନ ଅର୍ଥକୁ ନିଜ ପକେଟରେ ପକାଇ ନିଜ ନିଜ ୱାର୍ଡ ପ୍ରତି ଧ୍ୟାନ ଦେଉନଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି । ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ବାରମ୍ବାର କାଉନସିଲରଙ୍କ ବୈଠକ ବସୁଛି, କିନ୍ତୁ ଅଞ୍ଚଳର ଉନ୍ନତି ପାଇଁ ନୁହେଁ, ବରଂ ନିଜ ନିଜର ଉନ୍ନତି ପାଇଁ । ଦୁର୍ନୀତିରେ ଭାଗ ପାଉଥିବା କିଛି କାଉନସିଲର କାର୍ଯ୍ୟାଳୟର ଦୁର୍ନୀତିକୁ ସହଯୋଗ କରି ବୈଠକରେ ଉପସ୍ଥିତ ରହୁନଥିବା ଅଭିଯୋଗ ହେଉଅଛି । ଯାହା ଉପରେ ବିରକ୍ତି ପ୍ରକାଶ କରି କୋଟପାଡ଼ ବିଧାୟକ ରୁପୁ ଭତରା ଓ ସାଂସଦ ପ୍ରତିନିଧି ରାମେଶ୍ୱର ଜେନା ବୈଠକକୁ ବର୍ଜନ କରିଥିବା ଜଣାଯାଇଛି । ଯଦି କେହି ଅଞ୍ଚଳବାସୀ ସାନିଟେସନ ବିଷୟରେ ବିଭାଗକୁ ଅବଗତ କରନ୍ତି, ତା ହେଲେ ବିଭାଗ ଦ୍ୱାରା ସେହି ବ୍ୟକ୍ତି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବାର ନଜର ରହିଛି । ଯାହାକୁ ନେଇ ଅଞ୍ଚଳବାସୀ ଭୟରେ ରହୁଥିବା ପ୍ରକାଶ କରିଛନ୍ତି ।

## ସୁପ୍ରିମକୋର୍ଟଙ୍କ ପରିସମାପନ ଘୋଷଣାକୁ ପୁନଃ ବିଚାର ପାଇଁ ଜେଏସଡବ୍ଲ୍ୟୁ କର୍ମଚାରୀଙ୍କ ବିକ୍ଷୋଭ ପ୍ରଦର୍ଶନ



**ସମ୍ବଲପୁର,(ଡିକେ ନ୍ୟୁଜ):** ଦେଶର ମାନ୍ୟବର ସୁପ୍ରିମକୋର୍ଟ ନିକଟରେ ସମ୍ବଲପୁର ଜିଲ୍ଲା ଠେଲକୋଲେଇ ସ୍ଥିତ ଜେଏସଡବ୍ଲ୍ୟୁ କମ୍ପାନୀକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ସୁପ୍ରିମକୋର୍ଟ ନିଜ ରାୟରେ ଜେଏସଡବ୍ଲ୍ୟୁ ପରିସମାପନ କରିବାକୁ ନେଇ ଘୋଷଣା କରିଛନ୍ତି । ତେବେ ଏହାକୁ ନେଇ ବୁଧବାର ଦିନ ଶତାଧିକ ସଂଖ୍ୟାରେ ଜେଏସଡବ୍ଲ୍ୟୁ କର୍ମଚାରୀ ଓ ଶ୍ରମିକମାନଙ୍କ ମିଳିତ ପ୍ରତିବାଦ ଜେଏସଡବ୍ଲ୍ୟୁ କମ୍ପାନୀ ମୁଖ୍ୟ ଫାଟକ ଆଗରେ ଦେଖିବାକୁ ମିଳିଥିଲା । ତେବେ ଶତାଧିକ ଶ୍ରମିକ ତଥା କର୍ମଚାରୀମାନେ ଏକତ୍ରିତ ହୋଇ ଏକ ସ୍ୱରରେ ସୁପ୍ରିମକୋର୍ଟଙ୍କ ପରିସମାପନ ଘୋଷଣାକୁ ପୁନଃ ବିଚାର କରିବା ପାଇଁ ଅନୁରୋଧ କରିଛନ୍ତି । ଏଥିସହ ଜେଏସଡବ୍ଲ୍ୟୁ କମ୍ପାନୀ ପାଇଁ ହଜାର ହଜାର ସଂଖ୍ୟାରେ ଶ୍ରମିକ ତଥା କର୍ମଚାରୀଙ୍କ ପରିବାର ପ୍ରତିପୋଷଣ ହେଉଥିବା ବେଳେ ପରୋକ୍ଷରେ ଅସଂଖ୍ୟ ଲୋକଙ୍କ ଜିବନ ଜିବିକା ଜେଏସଡବ୍ଲ୍ୟୁ କମ୍ପାନୀ ଉପରେ ନିର୍ଭରଶୀଳ ରହିଥାଏ । ତେବେ ସୁପ୍ରିମକୋର୍ଟଙ୍କ ପରିସମାପନ ଘୋଷଣା ନିର୍ଦ୍ଦେଶ ପରେ ମାନ୍ୟବର କୋର୍ଟ ନିଜ ରାୟର ପୁନଃ ବିଚାର ପାଇଁ ଜେଏସଡବ୍ଲ୍ୟୁ କର୍ମଚାରୀଙ୍କ ଦାବି କରି ପ୍ରତିବାଦ କରିଥିଲେ । ଏହାସହ ଜେଏସଡବ୍ଲ୍ୟୁର ସବୁ କର୍ମଚାରୀ ତଥା ଶ୍ରମିକମାନେ ଏନେଇ ରେଙ୍ଗାଲି ତହସିଲଦାରଙ୍କ ମାଧ୍ୟମରେ ଏକ ପୁନବିଚାର କରିବାକୁ ସ୍ମାରକପତ୍ରକୁ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସର୍ବୋଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ଓଡ଼ିଆର ମୁଖ୍ୟମନ୍ତ୍ରୀଙ୍କୁ ମଧ ପ୍ରଦାନ କରାଯାଇଥିଲା । ଅନ୍ୟପକ୍ଷରେ ବୁଧବାର କମ୍ପାନୀ ଫାଟକ ସମ୍ମୁଖରେ ଅନୁଷ୍ଠିତ କର୍ମଚାରୀ ଓ ଶ୍ରମିକମାନଙ୍କ ମିଳିତ ପ୍ରତିବାଦ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ ପଞ୍ଚାୟତିରାଜ ଜନପ୍ରତିନିଧିମାନେ ମଧ ଉପସ୍ଥିତ ରହି ସୁପ୍ରିମକୋର୍ଟଙ୍କ ପରିସମାପନ ଘୋଷଣାକୁ ପୁନଃ ବିଚାର ପାଇଁ ଦାବିକୁ ସମର୍ଥନ ଜ୍ଞାପନ କରିଥିଲେ ।

## ଷ୍ଟ୍ରିଟ୍ ଲାଇଟ୍ ଲଗାଇବାକୁ ଦାବି

**ସୁବର୍ଣ୍ଣପୁର,(ଡିକେ ନ୍ୟୁଜ):** ପ୍ରତ୍ୟେକ ଗ୍ରାମକୁ ଆଲୋକିତ କରିବା ପାଇଁ ସରକାରୀ ଯୋଜନା ମାଧ୍ୟମରେ ଗଳିକନ୍ଦି ମାନଙ୍କରେ ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଉଛି । ହେଲେ ସୋନପୁର ସଦର ବ୍ଲକ ମଲ୍ଲିକମୁଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦେଉଳି ଗ୍ରାମରେ ଆଜି ପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଲାଗି ନାହିଁ । ଅନେକ ଦିନ ହେବ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା । ଏହା ଏକ ୱାର୍ଡ ୨୦୦ ଜନସଂଖ୍ୟା ବିଶିଷ୍ଟ ଛୋଟ ଏବଂ ଅଶିକ୍ଷିତ ଆଦିବାସୀବହୁଳ ଗ୍ରାମ ହୋଇଥିବାରୁ କେହି ତାଙ୍କର କଥାକୁ କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କିଛି ବର୍ଷ ପୂର୍ବରୁ ଗ୍ରାମର କିଛି ଭଦ୍ର ବ୍ୟକ୍ତିଙ୍କ ସହାୟତାରେ ଗ୍ରାମର ଭଗବତ ମନ୍ଦିର ଏବଂ ଅନ୍ୟ କିଛି ଜାଗାରେ ଛୋଟ ଏଲ୍‌ଏଡି ବଲ ଦ୍ୱାରା ଆଲୋକିତ କରାଯାଇଥିଲା । ତାହା ଏବେ ଅଚଳ ଅବସ୍ଥାରେ ଅଛି ଫଳରେ ରାସ୍ତାରେ ଯାତାୟାତ କରୁଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ଅନ୍ଧାରର ସୁଯୋଗ ନେଇ ଚୋରି ଡକାୟତି ଭଳି ଅସାମାଜିକ କାର୍ଯ୍ୟକଳାପ ବଢିବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ । ଗତ ବର୍ଷ ୧୪ ଜୁଲାଇ ୨୦୨୩ ରେ ଗ୍ରାମରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା । ଉକ୍ତ ଖବରକୁ ସାମାଜିକ କର୍ମୀ ସର୍ଜନ କୁମାର ପାଣ୍ଡେ ଟୁଇଟର ମାଧ୍ୟମରେ ଓଡିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଙ୍ଗେ ସଙ୍ଗେ ଟୁଇଟରେ ରିପ୍ଲାଏ ମାଧ୍ୟମରେ ତତ୍କାଳୀନ ସୋନପୁର ବିଡିଓ ସୋମ୍ୟରଞ୍ଜନ ସ୍ୱାଇଁଙ୍କୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶକୁ ଫୁ ରେ ଉଡାଇ ଦେଇଛନ୍ତି ସୋନପୁର ବ୍ଲକ ପ୍ରଶାସନ ଫଳରେ, ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି । ଗ୍ରାମବାସୀଙ୍କ ସ୍ୱାର୍ଥ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଲୋକୀକରଣ କରିବାକୁ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ଗ୍ରାମବାସୀ ।

## ଧାମରା ଚନ୍ଦିନୀ ପାଳରେ ସିଭିଲ ଡିଫେନ୍ସ ମକ୍ ଡ୍ରିଲ



**ଭଦ୍ରକ,(ଡିକେ ନ୍ୟୁଜ):** ଜରୁରୀ କାଳୀନ ପରିସ୍ଥିତିରେ କିପରି ନାଗରିକମାନେ ନିଜେ ସୁରକ୍ଷିତ ରହିପାରିବେ ଓ ଅନ୍ୟ ମାନଙ୍କୁ ସୁରକ୍ଷା ଦେଇପାରିବେ ସେ ନେଇ ଆଜି ସାରା ଦେଶରେ ଏକ ଅଭ୍ୟାସ ମୂଳକ ମକ ଡ୍ରିଲ ହୋଇଯାଇଛି । ଓଡ଼ିଶାରେ ୧୨ ଟି ସ୍ଥାନରେ ମକଡ୍ରିଲ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିହ୍ନଟ ହୋଇଥିବା ବେଳେ ଆଜି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଧାମରା ନିକଟ ଚନ୍ଦନୀପାଳ ଏବ୍‌ଡ୍ରିଲ ଓ ସାଇରନ ସାମରିକ ଅଭ୍ୟାସ ପାଇଁ ଭାରତ ସରକାର ପଦକ୍ଷେପ ଗ୍ରହଣ କରିଥିବା ବେଳେ ସାଧାରଣ ନାଗରିକ ପ୍ରସ୍ତୁତ ରହିବାକୁ କୁହାଯାଇଛି । ଏହି କାର୍ଯ୍ୟକ୍ରମ ଅପରାହ୍ଣ ୪ଟା ବେଳେ ସାଇରନ ବାଜି ଆରମ୍ଭ ହୋଇଥିଲା । ଏଥିରେ ଜିଲ୍ଲାପାଳ ଦିଲିପ ରାଉତରାଏ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି , ଜିଲ୍ଲା ମୁଖ୍ୟ ଚକିତ୍ସାଧିକାରୀ ଡକ୍ଟର ସୁଧାଂଶୁ ବଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ, ଜିଲ୍ଲା ଜରୁରୀ କାଳୀନ ଅଧିକାରିଣୀ ସାଗରିକା ସାହୁ, ସ୍ଥାନୀୟ ସରପଞ୍ଚ ଗ୍ରାମବାସୀ, ସିଭିଲ ଡିଫେନ୍ସ, ଅଗ୍ନିଶ୍ରମ ବିଭାଗ, ସାମୁଦ୍ରିକ ଥାନା, ଆପାଦ ମିତ୍ର ପ୍ରମୁଖ ଯୋଗ ଦେଇଥିଲେ । ସାଇରନ ବାଜିବା ସହିତ ଏହି ମକ୍ ଡ୍ରିଲରେ କିପରି ଲୋକଙ୍କୁ ଉଦ୍ଧାର କରାଯାଏ ସୁରକ୍ଷିତ ସ୍ଥାନକୁ ନେଇ ଚିକିତ୍ସା କରାଯିବା ଜଣାଇ ଦିଆଗଲା । ଭୟଭୀତ ନ ହୋଇ ବିପଦକୁ କିପରି ମୁକାବିଲା କରାଯିବ ଜିଲ୍ଲାପାଳ, ଏସ୍‌ପି ପରାମର୍ଶ ଦେଇଥିଲେ ।

## ବିଦ୍ୟୁତ୍ ତାର ନିକଟରେ ଅନଧିକୃତ ନିର୍ମାଣ କରିଥିବା ୧୨୨୯ ଉପଭୋକ୍ତାଙ୍କୁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ନୋଟିସ ଜାରି

**ବ୍ରହ୍ମପୁର,(ଡିକେ ନ୍ୟୁଜ):** ଦକ୍ଷିଣ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଓଭରହେଡ ବିଜୁଳି ତାର ନିକଟରେ ଅନଧିକୃତ ନିର୍ମାଣ କରିଥିବା ୧୨୨୯ ଜଣ ଉପଭୋକ୍ତା ଏବଂ ପ୍ରତିଷ୍ଠାନକୁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ନୋଟିସ ଜାରି କରାଯାଇଛି । ବିଦ୍ୟୁତ ଭିତ୍ତିଭୂମି ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ନେଇ କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଟିପିଏସ୍‌ଓଡିଏଲର ସୁରକ୍ଷା ଓ ଅନୁପାଳନ ଅଭିଯାନ ଅନୁଯାୟୀ ସମଗ୍ର ୮ଟି ଜିଲ୍ଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୬୫୫ଟି ନୋଟିସ ଜାରି ହୋଇଥିବା ବେଳେ କୋରାପୁଟରେ ୧୬୦, ମାଲକାନଗିରିରେ ୧୩୧, ଗଜପତିରେ ୧୦୪, ନବରଙ୍ଗପୁରରେ ୮୩, ରାୟଗଡାରେ ୫୫ ଏବଂ ବୌଦ୍ଧ ଜିଲ୍ଲାରେ ୩୮ ଜଣଙ୍କୁ ନୋଟିସ ଦିଆଯାଇଛି । ବିଦ୍ୟୁତ ତାର ନିକଟରେ ଅନଧିକୃତ ନିର୍ମାଣ କାର୍ଯ୍ୟ ଯୋଗୁଁ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେବା ସହ ମରାମତି ଓ ରକ୍ଷଣାବେକ୍ଷଣ ତଥା ଜରୁରୀକାଳୀନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ । ବିଦ୍ୟୁତ ଅଧିନିୟମ ୨୦୦୩ ଏବଂ ସିଇଏ ସୁରକ୍ଷା ନିୟମ ୨୦୨୩ ଅନୁଯାୟୀ ଟିପିଏସ୍‌ଓଡିଏଲ୍ ଏହି ପଦକ୍ଷେପ ଗ୍ରହଣ କରିଛି । ଉପରୋକ୍ତ ଅଧିନିୟମ ଅନୁସାରେ ବିନା ଅନୁମତିରେ ଓଭରହେଡ ବିଜୁଳି ତାର ନିକଟରେ କୌଣସି ବିଲ୍ଡିଂ କିମ୍ବା ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ, ଏଥିରେ ଖିଲାପ କଲେ ବିଦ୍ୟୁତ ଯୋଗାଣ ବିଚ୍ଛିନ୍ନ ହୋଇପାରେ କିମ୍ବା ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ । ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଜନସାଧାରଣ ଏବଂ ଆମ କର୍ମଚାରୀଙ୍କ ସୁରକ୍ଷା ହେଉଛି ଆମର ସର୍ବୋଚ୍ଚ ପ୍ରାଥମିକତା । ବିଦ୍ୟୁତ ତାର ନିକଟରେ ବେଆଇନ ନିର୍ମାଣ ବିପଦଜନକ ଏବଂ ଆଇନର ଅବମାନନା ଅଟେ । ଲୋକଙ୍କୁ ସଚେତନ କରିବା ସହ ଆଇନର ଅନୁପାଳନ କରିବା ଦିଗରେ ଆମେ ପ୍ରତିବଦ୍ଧ । ବିଦ୍ୟୁତ ଲାଇନ୍ ନିକଟରେ ନିର୍ମାଣ କାର୍ଯ୍ୟ ନ କରିବା ଏବଂ ପୂର୍ବରୁ ଆବଶ୍ୟକୀୟ ଅନୁମତି ନେବାକୁ ସମସ୍ତଙ୍କୁ ଅନୁରୋଧ କରୁଛୁ । ଏହି ବିପଦଜନକ ପରିଣାମ ସମ୍ପର୍କରେ ଉପଭୋକ୍ତାଙ୍କୁ ସଚେତନ କରିବା ପାଇଁ ଟିପିଏସ୍‌ଓଡିଏଲ୍ ଏକ ସଚେତନତା ଅଭିଯାନ ମଧ ଆରମ୍ଭ କରିଛି । ବିଶେଷ କରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠରେ ଗ୍ରାମ ସଭା, ଦୃଶ୍ୟଶ୍ରାବ୍ୟ ଭ୍ୟାନ୍, ପୋଷ୍ଟର, ପଥପ୍ରାନ୍ତ ନାଟକ ଏବଂ ଘରକୁ ଘର ବୁଲି ସଚେତନତା ଅଭିଯାନ କରାଯାଉଛି । ବିଦ୍ୟୁତ ଲାଇନ୍ ନିକଟରେ କୌଣସି ନିର୍ମାଣ କାମ ଆରମ୍ଭ କରିବା ପୂର୍ବରୁ କର୍ତ୍ତୃପକ୍ଷଙ୍କଠାରୁ ଆଗୁଆ ଅନୁମୋଦନ ନେବାକୁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ସମସ୍ତ ଉପଭୋକ୍ତାଙ୍କୁ ଅନୁରୋଧ କରାଯାଇଛି ଏବଂ ଏସବୁ ଅନଧିକୃତ ନିର୍ମାଣ କାର୍ଯ୍ୟରୁ ଦୂରେଇ ରହିବା ପାଇଁ କୁହାଯାଇଛି । ନିୟମ ଉଲ୍ଲଙ୍ଘନ କଲେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟିପିଏସ୍‌ଓଡିଏଲ୍ ସୂଚନା ଦେଇଛି । ନୋଟିସ୍ ପାଇଥିବା ଉପଭୋକ୍ତାମାନେ ତୁରନ୍ତ ଏହାକୁ ସୁଧାରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ । ନୋଟିସର ଅବମାନନା କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ବେଦାନ୍ତ ଆଲୁମିନିୟମ ସପ୍ତାହବ୍ୟାପୀ ସ୍ୱାସ୍ଥ୍ୟ ଅଭିଯାନ ସହିତ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ




**ଝାରସୁଗୁଡ଼ା,(ଡିକେ ନ୍ୟୁଜ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡିଶାର ସହଯୋଗରେ, କମ୍ପାନୀର ମୋବାଇଲ୍ ହେଲଥ ୟୁନିଟ୍ (ଏମଏଚୟୁ) ଏବଂ ସ୍ୱେଚ୍ଛାସେବକ ମାନଙ୍କ ଦ୍ୱାରା ପରିଚାଳିତ ଲାଇଭ୍ ସଚେତନତା ଅଧିବେଶନ ମାଧ୍ୟମରେ ୨୮ଟି ଗ୍ରାମ ଏବଂ ଏକ ବୃଦ୍ଧାଶ୍ରମରେ ଏକ ସପ୍ତାହବ୍ୟାପୀ ସ୍ୱାସ୍ଥ୍ୟ ସଚେତନତା ଏବଂ ସ୍କ୍ରିନିଂ ଅଭିଯାନ ସହିତ ବିଶ୍ୱ ମ୍ୟାଲେରିଆ ଦିବସ ୨୦୨୫ ପାଳନ କରିଛି । ସମ୍ପ୍ରଦାୟ ସଦସ୍ୟମାନଙ୍କୁ ମ୍ୟାଲେରିଆର କାରଣ, ଲକ୍ଷଣ, ପ୍ରତିରୋଧ ଏବଂ ଚିକିତ୍ସା ବିଷୟରେ ସଚେତନ କରାଯାଇଥିଲା । ପହଂଚ ସୁନିଶ୍ଚିତ କରିବା ଏବଂ ବୁଝାମଣାକୁ ସୁଦୃଢ଼ କରିବା ପାଇଁ ଓଡ଼ିଆ ଭାଷାରେ ସୂଚନାମୂଳକ ସାମଗ୍ରୀ ବଂଟନ କରାଯାଇଥିଲା । ଦ୍ରୁତ ଡାଇଗ୍ନୋଷ୍ଟିକ୍ କିଟ୍ ବ୍ୟବହାର କରି ଗ୍ରାମଗୁଡ଼ିକର ଘରେ ଘରେ ପରୀକ୍ଷା କରାଯାଇଥିଲା । ଅଭିଯାନ ସଫଳତାର ସହ ୨,୦୦୦ ରୁ ଅଧିକ ଲୋକଙ୍କ ପାଖରେ ପହଂଚିବା ସହିତ ବେଦାନ୍ତର କାର୍ଯ୍ୟ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା । ଏହି ଅବସରରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି ଯେ ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ଅନ୍ତର୍ଭୁକ୍ତିମୂଳକ ଏବଂ ସ୍ଥାୟୀ ବିକାଶ ସୁସ୍ଥ ସମ୍ପ୍ରଦାୟ ସହିତ ଆରମ୍ଭ ହୁଏ । ବିଶ୍ୱ ମ୍ୟାଲେରିଆ ଦିବସ ପାଇଁ ଆମର ସପ୍ତାହବ୍ୟାପୀ ଅଭିଯାନ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତୃପକ୍ଷଙ୍କ ସହଯୋଗରେ ସକ୍ରିୟ, ଭୂମିଗତ ସ୍ୱାସ୍ଥ୍ୟସେବା ହସ୍ତକ୍ଷେପ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି । ଏହିପରି ନିରନ୍ତର ପ୍ରୟାସ ମାଧ୍ୟମରେ ଆମେ ସ୍ଥିର, ରୋଗମୁକ୍ତ ସମ୍ପ୍ରଦାୟ ଗଠନ କରିବାକୁ ଲକ୍ଷ୍ୟ ରଖିଛୁ । ସିରିଆପାଲି ଗ୍ରାମର ବାସିନ୍ଦା ଏବଂ ଅଭିଯାନର ଲାଭାର୍ଥୀ ଖିରାବତୀ ପଟେଲ ତାଙ୍କ ଅଭିଜ୍ଞତା ବିନିମୟ କରି କହିଛନ୍ତି, ମ୍ୟାଲେରିଆ କିପରି ବ୍ୟାପିଥାଏ ଏବଂ ଆମେ କିପରି ଆମର ପରିବାରକୁ ସୁରକ୍ଷା ଦେଇପାରିବା ତାହା ଟିମ ତାହା ବ୍ୟାଖ୍ୟା କରିଥିଲେ । ସେମାନେ ଘରେ ଆମକୁ ପରୀକ୍ଷା କରିଥିଲେ ଏବଂ ବର୍ତ୍ତମାନ ଆମେ ବହୁତ ସୁରକ୍ଷିତ ଅନୁଭବ କରୁଛୁ । ଏହି ପଦକ୍ଷେପକୁ ଆମ ଦ୍ୱାର ଦେଶରେ ପହଞ୍ଚାଇବା ପାଇଁ ମୁଁ ବେଦାନ୍ତକୁ ପ୍ରକୃତରେ ପ୍ରଶଂସା କରୁଛି । ବେଦାନ୍ତ ଆଲୁମିନିୟମ ଏହାର କାର୍ଯ୍ୟକ୍ଷେତ୍ରରେ ଉଚ୍ଚ-ପ୍ରଭାବଶାଳୀ ସ୍ୱାସ୍ଥ୍ୟ ଏବଂ ସାମାଜିକ ହସ୍ତକ୍ଷେପ ପ୍ରଦାନ କରିଚାଲିଛି, ଜୀବନକୁ ପରିବର୍ତ୍ତନ କରିବାର ଏହାର ଦୃଷ୍ଟିକୋଣକୁ ମଜବୁତ କରୁଛି ଏବଂ ଏହା ଯେଉଁ ଅଞ୍ଚଳରେ ସେବା ଯୋଗାଇଥାଏ ସେଠାରେ ଅନ୍ତର୍ଭୁକ୍ତିମୂଳକ ବିକାଶକୁ ପ୍ରୋତ୍ସାହିତ କରିଥାଏ । ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ମସିହାରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି । ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଏକ ନେତା ଯାହା ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ଖୋଜେ । ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ । ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲ୍ଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଂଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ ଭବିଷ୍ୟତର ଧାତୁ ଭାବରେ ଆଲୁମିନିୟମ୍ର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି ।

## ଆଇପିଏଲ ଅନଲାଇନ ବେଟିଂ : ବୁକି ସମେତ ୫ ଗିରଫ

**ବ୍ରହ୍ମପୁର,(ଡିକେ ନ୍ୟୁଜ):** ଆଇପିଏଲ ଅନ ଲାଇନ ବେଟିଂ ଅଭିଯୋଗରେ ଟାଉନ ଓ ବୈଦ୍ୟନାଥପୁର ଥାନା ପୁଲିସ ୫ ବୁକିଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ଗିରଫ ବୁକିମାନେ ହେଲେ ହରଡ଼ାଖଡ଼ି ଲକ୍ଷ୍ମୀ ନୃସିଂହ ସାହିର ବୃନ୍ଦାବନ ଓରଫ ମଲ୍ଲୁ ପାଣିଗ୍ରାହୀ(୪୨), ରାଙ୍ଗୁନୀ ବନ୍ଧ ସାହି ସ୍ଥିତ ଶାସ୍ତ୍ରୀ ନଗରର ରମାକାନ୍ତ ସାମନ୍ତରା ଓରଫ ମଣ୍ଟୁ(୪୨), ଦେଶିବେହେରା ସାହିର ପି ସନ୍ତୋଷ କୁମାର (୪୦), ନୂଆଁ ଖଜୁରିଆର ମୁରଲୀଧର ବିଶ୍ୱାଳ(୪୦), ବାଳକ୍ରିଷ୍ଣା ବଡ଼ ଦାଣ୍ଡ ସାହିର ଶ୍ରୀଧର ସାହୁ (୨୦)। ସେମାନଙ୍କ ନିକଟରୁ ପୁଲିସ ୬ଟି ମୋବାଇଲ, ଦୁଇ ମୋଟର ସାଇକେଲ ନଗଦ ୭୦ ହଜାର ଟଙ୍କା ଓ ଟଙ୍କା ନେଦେଣର ଚାଟ ଲିଷ୍ଟକୁ ପୁଲିସ ଜବତ କରିଛି । ମିଳିଥିବା ସୂଚନା ପ୍ରକାରରେ ଟାଉନ୍ ପୁଲିସ ଏବଂ ବୈଦ୍ୟନାଥପୁର ପୁଲିସ ସମ୍ପ୍ରତି ଗୁଜରାଟ ଟାଇଟାନ୍ ବନାମ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ୍ ସ୍କାଏ ଏକ୍ସଚେଞ୍ଜ ଏବଂ ଅନ୍ୟାନ୍ୟ ୱେବସାଇଟ୍ ମାଧ୍ୟମରେ ମୋବାଇଲ୍ ଫୋନ୍ ଏବଂ ଲାପଟପ୍ ବ୍ୟବହାର କରି ଆଇପିଏଲ ଖେଳରେ ବାଜି ଲଗାଇଥିବା ବ୍ୟକ୍ତିମାନଙ୍କ ଉପରେ ନଜର ରଖିଥିଲେ। ଅଭିଯୁକ୍ତଙ୍କ ମୋବାଇଲ୍ ଯାଞ୍ଚ କରିବା ସମୟରେ ବିଭିନ୍ନ ଦଳ ବିରୁଦ୍ଧରେ ବାଜି ଲଗାଇବା ସମ୍ପର୍କରେ ଅନଲାଇନ୍ ଟଙ୍କା ସ୍ଥାନାନ୍ତର ଏବଂ ଚାଟ୍ ମିଳିଲା। ଅଭିଯୁକ୍ତଙ୍କ ଆକାଉଣ୍ଟ ଫ୍ରିଜ୍ କରିବା ପାଇଁ ସମ୍ପୃକ୍ତ ବ୍ୟାଙ୍କକୁ ଅନୁରୋଧ କରାଯାଇଛି। ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

## ୬୨୨ଟି ନିସାଯୁକ୍ତ ଇଂଜେକସନ ଜବତ କଲା ପୋଲିସ

**ନୂଆପଡା,(ଡିକେ ନ୍ୟୁଜ):** ଗତ ୬ ତାରିଖ ରାତ୍ରିରେ ଜୋଙ୍କ ଥାନା ଅନ୍ତର୍ଗତ ଖରିଆରରୋଡ଼ ଧୋବି ପଡାରେ ଅତର୍କିତ ଚଢ଼ାଉ କରି ଜୋଙ୍କ ଥାନା ପୋଲିସ ଜଣଙ୍କ ଘରୁ ୬୨୨ଟି ନିଶାଯୁକ୍ତ ଇଂଜେକସନ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅକ୍ତର ମହମଦ ସୋହେଲ ମହମଦ ସାରୁଖ ଖାନ। ଆଜି ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ କରାଇ ନିଜେ ଏସପି ଜି.ଆର ରାଘବେନ୍ଦ୍ର ଗଣମାଧ୍ୟମ ସମ୍ମୁଖରେ ସୂଚନା ଦେଇଛନ୍ତି। ସୂଚନାନୁସାରେ ଏହି ତିନିଜଣ ଅଭିଯୁକ୍ତ ପଡୋଶୀ ରାଜ୍ୟ ଛତିଶଗଡର ରାଜଧାନୀ ରାୟପୁରରୁ ପେନଟାଜୋସିନ ଲାକଟେଟ ଇଂଜେକସନ ବହୁମାତ୍ରାରେ ଆଣି ବେପାର କରୁଥିବାର ସୂଚନା ପୋଲିସର ହସ୍ତଗତ ହୋଇଥିଲା। ନିଜେ ଏସପି ଶ୍ରୀ ରାଘବେନ୍ଦ୍ର ଚଢ଼ାଉ ପାଇଁ ଏକ ଟିମ ଗଠନ କରାଇଥିଲେ। ଯେଉଁଥିରେ ଜୋଙ୍କ ଥାନା ଆଇଆଇସି ପିକେ ଧରୁଆ ଓ ନୂଆପଡା ଆଇଆଇସି ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ଗଠିତ ହୋଇଥିବା ଟିମ୍ ଚଢ଼ାଉ କରିଥିଲେ। ସୂଚନାନୁସାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ ଜୋଙ୍କ ଥାନା କେଶ ନଂ ୮୮ ଏନଡିପିଏସ ଏକଟ ୧୯୮୫ ଅନୁସାରେ କୋର୍ଟ ଚାଲାଣ କରାଯାଇଛି।

## ଓଲଟିଲା ପିକଅପ୍ ଭ୍ୟାନ୍ : ୧୦ ଗୁରୁତର



**ମୁନିଗୁଡ଼ା,(ଡିକେ ନ୍ୟୁଜ):** ରାୟଗଡା ଜିଲ୍ଲା ଅମ୍ବାଦଳା ଥାନା ଅଧୀନସ୍ଥ ମଜୁରୁକୁପା ଠାରେ ଓଲଟିଲା ପିକଅପ୍ ଭ୍ୟାନ ୧୦ ଜଣ ଗୁରୁତର। ଘଟଣା ସ୍ଥଳରେ ଅମ୍ବାଦଳା ପୋଲିସ୍ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଅମ୍ବାଦଳା ସରକାରି ଡାକ୍ତରଖାନାରେ ଭର୍ତ୍ତି କରାଇଥିବା ବେଳେ ଉକ୍ତ ଦୁର୍ଘଟଣା ଗ୍ରସ୍ତ ପିକଅପ୍ ଭ୍ୟାନକୁ ଜବତ କରିବା ସହ ଥାନରେ ଅଟକ ରଖିଛି ପୋଲିସ୍। ଅମ୍ବାଦଳା ଡାକ୍ତରଖାନାରେ ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ଅଧିକ ଗୁରୁତରଙ୍କୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। କହିବାକୁ ଗଲେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଅନୁମାନ କରାଯାଉଛି। ଦୁର୍ଘଟଣା ଗ୍ରସ୍ତ ମାନେ ଛତିଶଗଡ ରାଜ୍ୟର ବଳରାମ ପୁର ଜିଲ୍ଲା ରାଜପୁର ଥାନା ଅଞ୍ଚଳର ହୋଇଥିବା ବେଳେ ସେମାନେ ଗାଁ ଗାଁ ବୁଲି ଚୁଡ଼ି ବିକ୍ରି କରିବା ସହ ଯାଯାବର ଭାନେ ଜୀବନଯାପନ କରନ୍ତି। ଆଜି ସକାଳୁ ଅମ୍ବାଦଳାରୁ ମୁନିଗୁଡ଼ା ଯିବା ସମୟାରେ ମଜୁରିକୁପା ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଉକ୍ତ ଭ୍ୟାନରେ ପୁରୁଷ, ମହିଳା ଓ ଶିଶୁ ମାନଙ୍କୁ ମିଶାଇ ପ୍ରାୟ ୨୦ ଜଣ ଯାଉଥିବା ବେଳେ କୌଣସି କାରଣରୁ ଭାରସ୍ୟାମ୍ ହରାଇ ଭ୍ୟାନଟି ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ କାହାର ଅଧିକ କ୍ଷତି ହୋଇନଥିବା ବେଳେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଆଶଙ୍କା କରାଯାଉଛି।

## ଚୂଡାନ୍ତ ପର୍ଯ୍ୟାୟରେ ବୈଶାଖ ମେଳା



**ବରଗଡ,(ଡିକେ ନ୍ୟୁଜ):** ପଶ୍ଚିମ ଓଡିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶ୍ରୀଶ୍ରୀ ନୃସିଂହନାଥ ପୀଠରେ ବୈଶାଖ ମେଳା ପାଇଁ ପ୍ରସ୍ତୁତି ଶେଷ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ନୃସିଂହନାଥ ବୈଶାଖ ମେଳା ଆରମ୍ଭ ହେବ। ଶୁକ୍ରବାର ଦିନ ସକାଳୁ ବିଶ୍ୱଶାନ୍ତି ମହାଯଜ୍ଞର ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏଣ୍ଟ୍ରିମ ଟ୍ରଷ୍ଟି ଦେବାଶିଷ ସିଂହନ୍ନାଙ୍କ ସହ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଓ ମେଳା କମିଟିର ସଦସ୍ୟମାନେ ମେଳା ପରିସର ବୁଲି ଦେଖିବା ସହ ବାଇପାସ ରୋଡ୍, ପାର୍କିଙ୍ଗ ପ୍ଲେସ, ଉଠା ଦୋକାନ ସ୍ଥାନମାନ ବୁଲି ଦେଖିଥିଲେ। ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ତଥା ବୈଶାଖ ମେଳା ପାଇଁ ଚଳଚଞ୍ଚଳ ହୋଇ ପଡିଛି ନୃସିଂହନାଥ ପୀଠ। ଚଳିତ ବର୍ଷ ଆର୍ଯ୍ୟୁବେଦ ମହାବିଦ୍ୟାଳୟଠାରୁ ନୃସିଂହନାଥ ପର୍ଯ୍ୟନ୍ତ ପ୍ରବଳ ଭିଡକୁ ନଜର ରଖି ରାସ୍ତାର ପାର୍ଶ୍ୱରେ ଲାଗି ଦୋକାନ ନ ବସାଇ ଟିକିଏ ରାସ୍ତା ଛାଡି ବସାଯାଇଛି। ମେଳା ପରିସରରେ ଦୋକାନ ବଜାର ଦୋଳି ସର୍କସ ଆଦି ବସି ସାରିଲାଣି। ପ୍ରଶାସନ ତଥା ମନ୍ଦିର ପରିଚାଳନା କମିଟି ତରଫରୁ ଏଥି ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଝରଧାରରେ ବାଉଁଶରେ ତିଆରି ସ୍ୱତନ୍ତ୍ର ଅସ୍ଥାୟୀ ରାସ୍ତା ନିର୍ମାଣ କାମ ଶେଷ ହୋଇଛି। ମନ୍ଦିର ପରିସରରେ ଯଜ୍ଞ ମଣ୍ଡପ କାର୍ଯ୍ୟ ଶେଷ ହୋଇଯାଇଛି। ୭ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ନୃସିଂହନାଥ ପୀଠରେ ବୈଶାଖ ମେଳା ଅନୁଷ୍ଠିତ ହେବ। ପ୍ରଥମ ଦିନ ବୁଧବାର ୭ତାରିଖ କଳସ ଯାତ୍ରା ପାଇଁ ଅପରାହ୍ନ୪ଟାରେ ପୂଜା ପାଠ ଅନୁଷ୍ଠିତ ହେବ। ଆଠ ତାରିଖ ଗୁରୁବାର ସକାଳୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ଓ ବୀଜମନ୍ତ୍ର ଜପ କରାଯିବ। ୧୧ତାରିଖରେ ନୃସିଂହନାଥ ମହାପ୍ରଭୁ ମାର୍ଜାର କେଶରୀଙ୍କ ଜନ୍ମ ଉତ୍ସବ ପାଳନ କାର୍ଯ୍ୟକ୍ରମ ରହିଛି। କନ୍ଧ ସମାଜ ଦ୍ୱାରା ନୃସିଂହ ମହାପ୍ରଭୁଙ୍କୁ ପିତାକନ୍ଦା ଭୋଗ ଅର୍ପଣ ଏବଂ ଧ୍ୱଜା ବନ୍ଧନ କରଯିବ। ୧୨ ତାରିଖରେ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇଛନ୍ତି। ମେଳାରେ କିପରି ଶାନ୍ତି ଶୃଙ୍ଖଳା, ଟ୍ରାଫିକ ସମସ୍ୟା, ଭିଡ଼ ନିୟନ୍ତ୍ରଣ ତଥା ପୋଲିସ ସହାୟତାକୁ ଗୁରୁତ୍ୱ ଦିଆଯିବ ବୋଲି ପଦ୍ମପୁର ଏସଡିପିଓ ପାଣ୍ଡବ ଶବର କହିଛନ୍ତି । ଅକ୍ଷୟ ତୃତୀୟାଠାରୁ ନୃସିଂହନାଥରେ ଅପରାହ୍ନ ୪ ଟାରେ ନୃସିଂହ ମହାପ୍ରଭୁଙ୍କ ଠାରେ ଲାଗୁ ହେଉଥିବା ପଖାଳ ଭୋଗ ମଙ୍ଗଳବାର ଶେଷହୋଇଛି।

# ଜିଲ୍ଲାର ୨୩ଟି ସ୍ଥାନରେ ହେଲା ମକ୍‌ଡ୍ରିଲ

**ପୁରୀ,(ଡିକେ ନ୍ୟୁଜ):** ସାମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ପାଇଁ ସମସ୍ତ ନାଗରିକଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ପାଇଁ ଜିଲ୍ଲାର ୨୩ଟି ସ୍ଥାନରେ କରାଯାଇଛି ମକ ଡ୍ରିଲ । ପୁରୀ ସହରର ବଡ଼ଦାଣ୍ଡ ଟାଉନ ଥାନା ନିକଟରେ, ପେଣ୍ଟକଟା ବାତ୍ୟା ଆଶ୍ରୟ ସ୍ଥଳ ଓ ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରେ ଏହି ମକ ଡ୍ରିଲର ଆୟୋଜନ କରାଯାଇଥିଲା। ମକ ଡ୍ରିଲ ସଫଳ ହୋଇଛି ଓ ସମସ୍ତ ଜନସାଧାରଣ ଏଥିରେ ସହଯୋଗ କରିଛନ୍ତି। ପ୍ରୋଟୋକଲ ଅନୁଯାୟୀ ସମସ୍ତ ବ୍ୟବସ୍ଥା କରାଯାଇଥିଲା ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଠିକ ଅପରାହ୍ନ ୪ଟାରେ ପୁରୀ ଜିଲ୍ଲାର ସମସ୍ତ ୨୩ ଟି ଯାକ ପଏଣ୍ଟରେ ୫ ମିନିଟ ପାଇଁ ସାଇରନ ବାଜିଥିଲା। ସାଇରନ ଶବ୍ଦ ଶୁଣି ସମସ୍ତେ ସତର୍କ ହୋଇ ସୁରକ୍ଷିତ ଆଶ୍ରୟ ସ୍ଥଳ ଭାବେ ଛାତ ଓ କୋଠା ଘରମାନଙ୍କରେ ଆଶ୍ରୟ ନେଇଥିଲେ। ୧୫ ମିନିଟ ପରେ ବିପଦ ଟଳିଯିବାର ସୂଚନା ପୂର୍ବକ ପୁନଶ୍ଚ ସାଇରନ ବାଜିଥିଲା। ପରେପରେ ଲୋକମାନେ ସ୍ୱଭାବିକ ଭାବେ ନିଜ କାର୍ଯ୍ୟ ସମ୍ପାଦନ କରିଥିଲେ। ମକଡ୍ରିଲ ମାଧ୍ୟମରେ ଆହତ ହୋଇଥିବା ଲୋକମାନଙ୍କୁ ଚିକିତ୍ସା ସୁବିଧା, ଆମ୍ବୁଲାନ୍ସ ବ୍ୟବସ୍ଥା ଓ ଲାଗିଥିବା ନିଆଁକୁ ଲିଭେଇବା ଆଦି ବ୍ୟବସ୍ଥାକୁ ସ୍ୱାସ୍ଥ୍ୟ



ବିଭାଗ, ଅଗ୍ନିଶମ ବିଭାଗ ସମେତ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ପ୍ରଦର୍ଶନ କରିଥିଲେ। ଏହି ମକଡ୍ରିଲ କାର୍ଯ୍ୟକ୍ରମରେ ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର, ସିଡିଏମଓ ଡା ରୂପଭାନୁ ମିଶ୍ର, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କ ସହିତ ସୁରକ୍ଷା ଅଧିକାରୀମାନେ ଉପସ୍ଥିତ ରହି ମକ ଡ୍ରିଲ ପରିଚାଳନାରେ ସହଯୋଗ କରିଥିଲେ।

## କରତକଳ ଉପରେ ଅଚାନକ ଚଢ଼ାଉ : ଲକ୍ଷାଧିକ ଟଙ୍କାର ଯନ୍ତ୍ର ପାତି ସହ କାଠ ଜବତ



**ଅସ୍ତରଙ୍ଗ,(ଡିକେ ନ୍ୟୁଜ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ଠାରେ ଚାଲୁଥିବା ଏକ ବେଆଇନ କରତକଳ ଉପରେ କଟକ ଭୁବନେଶ୍ୱର ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ, ଅସ୍ତରଙ୍ଗ ବନବିଭାଗ, କାକଟପୁର ପୋଲିସ ଓ ଅସ୍ତରଙ୍ଗ ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ସହାୟତାରେ ବୁଧବାର ସକାଳୁ ଅଚାନକ ଚଢାଉ କରାଯାଇଛି। ଏହି ଚଢ଼ାଉରେ ପାଖାପାଖି ଲକ୍ଷ ଲକ୍ଷ ଟଙ୍କାର ମେସିନ ଓ କାଠ ଜବତ କରାଯାଇଛି। ସୂଚନା ମୁତାବକ ଅସ୍ତରଙ୍ଗ କାକଟପୁର ଅଞ୍ଚଳରେ ଦୀର୍ଘ ବର୍ଷ ଧରି ବେଆଇନ ଭାବେ ଅନେକ କରତକଳ ଚାଲିବା ଫଳରେ ଶହ ଶହ ଆକାଶିଆ, ଆମ୍ବ, ଜାମୁ, ଚକୁଣ୍ଡା ଭଳି ଅନେକ ମୂଲ୍ୟବାନ ଗଛକଟାଯାଇ ଏଠି ପଟା ଚିରଟ କରାଯାଇ ବିଭିନ୍ନ ଆଡକୁ ସପ୍ଲାଇ ହେଉଛି। ତେଣୁ ଏହି କରତ କଳ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ କଟକ ଓ ଭୁବନେଶ୍ୱର ର ଭିଜିଲାନ୍ସ ଫରେଷ୍ଟ ୱିଙ୍ଗର ୨ ମହିଳା ଏସିଏଫ ସାଧନା ସ୍ୱାଇଁ, ବବିତା ସୋରେନଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍, ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀଣୀ ମୋନାଲିସା ମହାପାତ୍ରଙ୍କ ସହାୟତାରେ ଚଢ଼ାଉ କରି ଗ୍ୟାସ୍ କଟରରେ ସମସ୍ତ ମେସିନ କାଟିବା ସହିତ ମୂଲ୍ୟବାନ ଜାମୁ ସହିତ ଚକୁଣ୍ଡା କାଠ ଜବତ କରିଛି। ଏହି ଚଢ଼ାଉରେ ପାଖାପାଖି ୫୦ ରୁ ଉର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଥିଲେ। ଏହି ବାବଦରେ ଉପସ୍ଥିତ ଭିଜିଲାନ୍ସ ଅଧିକାରୀ ଓ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେବେନାହିଁ ବୋଲି ମନାକରିଥିଲେ। ବନାଞ୍ଚଳ ଅଧିକାରୀଣୀଙ୍କ ସୂଚନା ମୁତାବକ ଅସ୍ତରଙ୍ଗ ତହସିଲଦାରଙ୍କ ସହାୟତାରେ ଜାଗାର ରେକର୍ଡ ମଗାଯାଇ ଜାଗା ମାଲିକଙ୍କ ନାମରେ କେଶ ପଞ୍ଜିକରଣ କରାଯିବା ସହ ଜିଲ୍ଲା ଫରେଷ୍ଟ ଅଧିକାରୀଙ୍କ କୋର୍ଟରେ ବିଚାର କରାଯିବ। ବେଆଇନ ବିଦ୍ୟୁତ ସଂଯୋଗ, ବେଆଇନ ଗଛକଟା ଆଉ ଏହା ସହିତ ବେଆଇନ କରତକଳ ଉପରେ ଆଗକୁ ମଧ୍ୟ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି। ବିଦ୍ୟୁତ ବିଭାଗ କର୍ମଚାରୀ ରେକେଶ ସାହୁ ମଧ୍ୟ ଏହି ଘଟଣା ଉପରେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି। କିନ୍ତୁ ଏଠି ପ୍ରଶ୍ନ ଉଠେ କି ବିଗତ ଦିନ ମାନଙ୍କରେ ଯେଉଁ କରତକଳ ଉପରେ ଚଢ଼ାଉ କରାଯାଇ ଯନ୍ତ୍ର ପାତି ଜବତ ହେବାର କିଛି ଦିନ ପରେ ସେ ପୁନର୍ବାର କାର୍ଯ୍ୟକ୍ଷମ ହୋଇଛି କାହା ନିର୍ଦ୍ଦେଶରେ ଏଥିପାଇଁ ଦାୟୀ କିଏ ? ଯିଏ ଦାୟୀ ତାଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଲା।

## ସୁଭଦ୍ରା ପରିବାରଙ୍କୁ ଭେଟିଲେ ସାଂସଦ ରୁଦ୍ର ନାରାୟଣ ପାଣି



**ତାଳଚେର /କଣିହାଁ ,(ଡିକେ ନ୍ୟୁଜ):** ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ଲୋଧାଝରି ଗ୍ରାମର ଝିଅ ସୁଭଦ୍ରାର ବିଭତ୍ସ ହତ୍ୟା ଘଟଣା ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି ଆଜି ବୁଧବାର ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ସୁଭଦ୍ରା ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ସୁଭଦ୍ରା ହତ୍ୟାକାରୀଙ୍କୁ ଖୁବଶୀଘ୍ର ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବ ବୋଲି ସାଂସଦ ପ୍ରକାଶ କରିଛନ୍ତି। ଏ ମର୍ମରେ ସେ ପୋଲିସ ଉଚ୍ଚପଦସ୍ଥ ଅଧିକାରୀ ଆଇଜି, ଏସପି ଓ ଜିଲ୍ଲାପାଳଙ୍କ ସହ କଥା ହୋଇଛନ୍ତି ଏବଂ ପୋଲିସ ଖୁବଶୀଘ୍ର ଅପରାଧୀଙ୍କୁ ଗିରଫ କରିବ ବୋଲି ପୋଲିସର ବରିଷ୍ଠ ଅଧିକାରୀମାନେ କହିଛନ୍ତି ବୋଲି ପ୍ରକାଶ କରିଥିଲେ। ଏଭଳି ଦୁଃଖ ଭଗବାନ କାହାକୁ ନ ଦିଅନ୍ତୁ ଏବଂ ଏଭଳି ଅମାନବୀୟ ଅପରାଧ ଘଟାଇଥିବା ଅପରାଧୀଙ୍କୁ ଏଭଳି ଦଣ୍ଡ ମିଳିବା ଦରକାର ଯାହାକୁ ଦେଖି ସମାଜରେ ଅପରାଧ ଘଟଇବା ପାଇଁ ଅପରାଧୀ ମାନେ ସାହସ କରି ପାରିବେ ନାହିଁ ବୋଲି ସେ କହିଛନ୍ତି ସାଂସଦଙ୍କ ସହ ବରିଷ୍ଠ ବିଜେପି ନେତା ଜିଲ୍ଲା ଉପ ସଭାପତି ନୃସିଂହ ବରାଳ, ପ୍ରହଲ୍ଲାଦ ସାମଲ, ଜଗମୋହନ ପ୍ରଧାନ, ଦେବେନ୍ଦ୍ର ବାରିକ, ଇଂ ଭରତ କୁମାର ସାହୁ, ତ୍ରିପୁରାରୀ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସାରା ରାଜ୍ୟରେ ଯୁଦ୍ଧକୁ ନେଇ ମକ୍‌ଡ୍ରିଲ



**ବ୍ରହ୍ମପୁର,(ଡିକେ ନ୍ୟୁଜ):** ଗୃହ ବିଭାଗର ନିର୍ଦ୍ଦେଶକ୍ରମେ ଆଜି ସାରା ରାଜ୍ୟରେ ଯୁଦ୍ଧକୁ ନେଇ ମକ ଡ୍ରିଲ ଆୟୋଜିତ ହୋଇଛି। ଏହି କ୍ରମରେ ଗଞ୍ଜାମ ଜିଲ୍ଲାର ଗୋପାଳପୁରର ବକ୍ସିପଲ୍ଲୀ, ଗୋପାଳପୁର ପୋର୍ଟ ନିକଟରେ ସହ ଆଇଆରଇଏଲ ନିକଟରେ ମଧ୍ୟ ଆୟୋଜିତ ହୋଇଥିଲା ଯୁଦ୍ଧ ପାଇଁ ମକ ଡ୍ରିଲ। ଗୋପାଳପୁର ପୋର୍ଟ ନିକଟରେ ଆୟୋଜିତ ଯୁଦ୍ଧ ପାଇଁ ମକ ଡ୍ରିଲରେ ଛତ୍ରପୁର ଏସଡିପିଓ, ସୁନାପୁର ମେରାଇନ ଥାନା ପୋଲିସ ସହ ଏକ ପ୍ଲାଟୁନ ପୋଲିସ ଫୋର୍ସ, ଛତ୍ରପୁର ବିଡ଼ିଓ, ଅତିରିକ୍ତ ତହସିଲଦାରଙ୍କ ସହ ସ୍ଥାନୀୟ ବିଦ୍ୟାଳୟର ସ୍କାଉଟ ଓ ଏନସିସି ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ଗୋପାଳପୁର ପୋର୍ଟର ଗେଟ ସମ୍ମୁଖରେ ସମସ୍ତେ ଏକତ୍ରିତ ହୋଇଥିଲେ। ଠିକ୍ ଅପରାହ୍ନ ୪ଟାରେ ସାଇରନ ବାଜିବା ପରେ ସମସ୍ତ ଅଧିକାରୀ ମାନେ ଗୋପାଳପୁର ପୋର୍ଟ ନିକଟରେ ଥିବା ଆର୍ଯ୍ୟପଲ୍ଲୀ ଗାଁର ସାହିକୁ ସାହି ବୁଲି ବୁଲି ସ୍ଥାନୀୟ ଗ୍ରାମବାସୀମାନଙ୍କୁ ସଚେତନ କରାଇଥିଲେ। ଯଦି ଯେ କୌଣସି ସମୟରେ ଯୁଦ୍ଧ ହୁଏ ତେବେ ଘର ବାହାରେ ଥିଲେ ଘରକୁ ଚାଲିଯିବେ। ଯଦି ଘରକୁ ଯାଇ ପାରୁନାହାଁନ୍ତି ତେବେ ଠିଆ ହୋଇଥିବା ସ୍ଥାନରେ କାନକୁ ଜାବୁଡ଼ି ଧରି ବସିଯିବେ। ଏହାସହ ବୃଦ୍ଧ ବୃଦ୍ଧା, ରୋଗୀ, ଗର୍ଭବତୀ, ଶିଶୁ ମାନଙ୍କୁ କିଭଳି ଯୁଦ୍ଧ ସମୟରେ ସୁରକ୍ଷିତ ସ୍ଥାନକୁ ନେବେ ସେ ନେଇ ମଧ୍ୟ ଗ୍ରାମବାସୀମାନଙ୍କୁ ସଚେତନ କରାଯାଇଥିଲା।

## ଦୁଇ ବ୍ଲକର ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲା ଓକିଲ ସଂଘ

**ଆଠମଲ୍ଲିକ,(ଡିକେ ନ୍ୟୁଜ):** ଆଠମଲ୍ଲିକ ଉପଖଣ୍ଡ କିଶୋରନଗର ବ୍ଲକ ଓ ଆଠମଲ୍ଲିକ ବ୍ଲକରେ ୨୦୨୪-୨୫ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖିଥିବା ୨ ଛାତ୍ରୀଙ୍କୁ ବୁଧବାର ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ସଂଘ ବାରହଲ ଠାରେ ଏକ ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧିତ କରାଯାଇଛି। ଆଠମଲ୍ଲିକ ଉପଖଣ୍ଡରେ ସର୍ବୋଚ୍ଚ ନମ୍ବର ରଖି ଗୌରବ ଅର୍ଜନ କରି ପ୍ରଥମ ସ୍ଥାନ ଗ୍ରହଣ କରିଥିବା କିଶୋନଗର ବ୍ଲକ ଅଙ୍ଗପଡା ପଞ୍ଚାୟତି ରାଜ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଲୋପାମୁଦ୍ରା ସାହୁ ସମୁଦାୟ ୬୦୦ ନମ୍ବର ରୁ ୫୬୫ ନମ୍ବର ରଖି ବ୍ଲକରେ ପ୍ରଥମ ହୋଇଥିବା ବେଳେ ଉପଖଣ୍ଡରେ ମଧ ପ୍ରଥମ ସ୍ଥାନ ଅଳଙ୍କୃତ କରି ମାଟ୍ରିକ ଟପର ଆଖ୍ୟା ଅର୍ଜନ କରିଛନ୍ତି। ସେହିଭଳି ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ପ୍ରିୟଦର୍ଶିନୀ ପ୍ରଧାନ ସମୁଦାୟ ୬୦୦ ନମ୍ବର ରୁ ୫୪୨ ନମ୍ବର ରଖି ମାଟ୍ରିକ ପରୀକ୍ଷା ରେ ଆଠମଲ୍ଲିକ ବ୍ଲକ ପାଇଁ ପ୍ରଥମ ସ୍ଥାନ ଗ୍ରହଣ କରି ଟପ୍ପର ହୋଇଛନ୍ତି। ଉଭୟଙ୍କୁ ଆଠମଲ୍ଲିକ ଓକିଲସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରିବା ପାଇଁ ବୁଧବାର ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ସମ୍ବର୍ଦ୍ଧନାରେ ୨ କୃତି



ଛାତ୍ରୀଙ୍କୁ ଓକିଲସଂଘ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ସହ ଉଚ୍ଚ ଶିକ୍ଷା ପାଇଁ ୨ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା । ସଭାପତି ଶ୍ରୀ ମହାପାତ୍ର ଉକ୍ତ ମାନପତ୍ର ୨ଟିକୁ ପଢି ସମସ୍ତଙ୍କୁ ଶୁଣାଇଥିଲେ। ଓକିଲ ସଂଘର ବରିଷ୍ଠ ଆଇନଜୀବୀ ତଥା ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅସିତ ରଞ୍ଜନ ଦେଓ ଉପଖଣ୍ଡ ସ୍ତରରେ ପ୍ରଥମ ହୋଇଥିବା ସୁଶ୍ରୀ ଲୋପାମୁଦ୍ରା ସାହୁଙ୍କୁ ଓ ଅନ୍ୟତମ ବରିଷ୍ଠ ଆଇନଜୀବୀ ଜିତେନ୍ କୁମାର ମିଶ୍ର ଆଠମଲ୍ଲିକ ବ୍ଲକରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ସୁଶ୍ରୀ ପ୍ରିୟଦର୍ଶିନୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୨ କୃତି ଛାତ୍ରୀଙ୍କୁ ସଭାପତି ଶ୍ରୀ ମହାପାତ୍ରଙ୍କ ସମେତ ଉପସଭାପତି ବିଦ୍ୟୁତ କୁମାର ପାଣିଗ୍ରାହୀ, ସମ୍ପାଦକ ଅର୍ଜୁନ ରାଉଳ, ଆଇନଜୀବୀ ଅସିତ ରଞ୍ଜନ ଦେଓ, ଜିତେନ୍ କୁମାର ମିଶ୍ର, ଗଣେଶ ଚନ୍ଦ୍ର କର୍ମୀ ଓ ସୁଶାନ୍ତ ରାଉଳ ପ୍ରମୁଖ ଭବିଷ୍ୟତରେ ଆହୁରି କଠିନ ପରିଶ୍ରମ କରି ପାଠ ପଢିବା ସହ ନିଜକୁ ସମାଜରେ ପ୍ରତିଷ୍ଠିତ କରାଇ ଆଠମଲ୍ଲିକର ତଥା ପିତାମାତାଙ୍କ ନାମକୁ ସାର୍ଥକ କରିବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବାମନ କୁମାର ମିଶ୍ର, ସରକାରୀ ଓକିଲ ଅନ୍ତର୍ଯ୍ୟାମୀ ରାଉଳ, ଅବନୀ କୁମାର ଆଚାର୍ଯ୍ୟ ଓ ଦୀନେଶ କୁମାର ସିଂହ, ସଂଘ କୋଷାଧ୍ୟକ୍ଷ ବିଶ୍ୱସୁନ୍ଦର ଶତପଥି ଆଇନଜୀବୀ ରାଜେଶ କୁମାର ମିଶ୍ର, ସୁନୀଲ କୁମାର ଶାସନି, ଉଗ୍ରସେନ ସେଠି, ଜିତେନ୍ଦ୍ର କୁମାର ମୁଖି, ନାରାୟଣ ଦାଶ, ଅଶୋକ କୁମାର ମହାପାତ୍ର, ପ୍ରଭାକର କହଁର ଓ ୨ ଛାତ୍ରୀଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ।

# ମାଟ୍ରିକ୍ ପରୀକ୍ଷା ପାସ୍ ହାରରେ ଗଞ୍ଜାମ ଜିଲ୍ଲା ଦ୍ୱିତୀୟ

**ଛତ୍ରପୁର ,(ଡିକେ ନ୍ୟୁଜ):** ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଅନୁଷ୍ଠିତ ମାଟ୍ରିକ ପରୀକ୍ଷା ୨୦୨୫ ରେ ଗଞ୍ଜାମ ଜିଲ୍ଲାର ୬୩୭ ଉଚ୍ଚ ବିଦ୍ୟାଳୟର ମୋଟ ୪୨,୨୩୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ମୋଟ ୪୧୪୩୨ ଜଣ ପାସ୍ ହୋଇଛନ୍ତି। ୨୦୨୪ ମାଟ୍ରିକ ପରୀକ୍ଷାରେ ପାସ୍ ହାର ୯୭.୦୬ ପ୍ରତିଶତ ରହିଥିବା ବେଳେ ୨୦୨୫ ରେ ଏହି ପାସ୍ ହାର ୯୮.୧୦ ପ୍ରତିଶତକୁ ବୃଦ୍ଧି ପାଇଛି । ଏହି ପାସ୍ ହାରରେ ସାରା ରାଜ୍ୟରେ ଗଞ୍ଜାମ ଜିଲ୍ଲାର ଦ୍ୱିତୀୟ ସ୍ଥାନରେ ରହିଛି। ୨୦୨୪ ମାଟ୍ରିକ ପରୀକ୍ଷାରେ ଏ୧, ଏ୨, ବି୧, ବି୨ ଗ୍ରେଡ୍ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଅପେକ୍ଷା ଚଳିତ ବର୍ଷ ଉକ୍ତ ଗ୍ରେଡ୍ ଗୁଡ଼ିକରେ ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଅପେକ୍ଷାକୃତ ବୃଦ୍ଧି ପାଇଛି। ସରକାରୀ ବିଦ୍ୟାଳୟ ଗୁଡିକରେ ପିଲାମାନେ କିପରି ମ୍ୟାଟ୍ରିକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ ସେଥିପାଇଁ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସାମିଲ କରି ଏକ ସ୍ୱତନ୍ତ୍ର ପ୍ରୟାସ ଆରମ୍ଭ ହୋଇଥିଲା। ତତ୍କାଳୀନ ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଓ ପ୍ରଧାନଶିକ୍ଷକ ମାନଙ୍କର ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଗଞ୍ଜାମ ଜିଲ୍ଲାର ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ସମସ୍ତ ପ୍ରଧାନ ଶିକ୍ଷକମାନଙ୍କୁ ମାଟ୍ରିକ ଛାତ୍ର ଛାତ୍ରୀଙ୍କ ଉତ୍ତମ ପ୍ରଦର୍ଶନ ପାଇଁ ମାର୍ଗ ଦର୍ଶନ କରେଇ ଥିଲେ। ମାଟ୍ରିକ ମନ୍ତ୍ର କାର୍ଯ୍ୟକ୍ରମ ଦ୍ୱାରା ଜିଲ୍ଲାର ସମସ୍ତ ସରକାରୀ ବିଦ୍ୟାଳୟରେ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କୁ ଆଚିଭର, ରାଇଜର ଓ ଫୋକସ ଏହିଭଳି ତିନୋଟି ଗ୍ରୁପରେ ଭାଗ କରାଯାଇଥିଲା। ଆଚିଭର୍ ଦଳର ପିଲାମାନେ କିପରି ଏ୧ ଓ ଏ୨ ଗ୍ରେଡ୍ , ରାଇଜର ଗ୍ରୁପର ଛାତ୍ରଛାତ୍ରୀ କିପରି ବି୧ ଓ ବି୨ ଗ୍ରେଡ୍ ଏବଂ ଫୋକସ୍ ଗ୍ରୁପ୍ ର ପିଲାମାନେ କିପରି ସି ଓ ଡ଼ି ଗ୍ରେଡ୍ ହାସଲ କରିବେ ସେଥିପାଇଁ ବିଦ୍ୟାଳୟ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ମୋଟାମୋଟି ଭାବେ ଇ ଓ ଏଫ୍ ଗ୍ରେଡ୍ ରେ ଯେପରି କେହି ଛାତ୍ର ଛାତ୍ରୀ ରହିବେ ନାହିଁ। ସେଥିପାଇଁ ସ୍ୱତନ୍ତ୍ର ଅଭ୍ୟାସ ମଧ୍ୟ ଆରମ୍ଭ ହୋଇଥିଲା । ଡିସେମ୍ବର ଓ ଜାନୁଆରୀ ଏହି ଦୁଇ ମାସ ଛାତ୍ରଛାତ୍ରୀଙ୍କର ଶତ ପ୍ରତିଶତ ଉପସ୍ଥାନ ନିଶ୍ଚିତ କରେଇବା, ଛାତ୍ର ଛାତ୍ରୀଙ୍କ ଆବଶ୍ୟକତା ଅନୁସାରେ ମାର୍ଗ ଦର୍ଶନ ଓ ଅଭ୍ୟାସ କାର୍ଯ୍ୟ କରେଇବା, ଅନିୟମିତ ଛାତ୍ର ଛାତ୍ରୀଙ୍କ ଗୃହ ପରିଭ୍ରମଣ, ସ୍ୱତନ୍ତ୍ର ଶିକ୍ଷକ ଅଭିଭାବକ ବୈଠକ କରିବା, ୨୦୨୪ ଅର୍ଦ୍ଧ ବାର୍ଷିକ ପରୀକ୍ଷାର ଫଳାଫଳରେ ଛାତ୍ର ଛାତ୍ରୀମାନେ ଯେଉଁ ସ୍ତରରେ ରହିଥିଲେ, ସେମାନଙ୍କୁ ପରବର୍ତ୍ତୀ ଗ୍ରେଡ୍‌କୁ ଉତ୍ତୀର୍ଣ୍ଣ କରେଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା । ଏଥିପାଇଁ ସବ୍ ଡିଭିଜନ ସ୍ତରରେ ସମ୍ଭାବ୍ୟ ଏ୧ ଓଏ୨ ଗ୍ରେଡ୍ ରଖିବାକୁ ଥିବା ଛାତ୍ର ଛାତ୍ରୀମାନଙ୍କୁ ମାଟ୍ରିକ ଟିପ୍ସ ଦେବା ପାଇଁ ଏକଦିନିଆ କ୍ୟାମ୍ପର ଆୟୋଜନ କରା ଯାଇଥିଲା ଓ ପ୍ରାୟ ୬୦୦ ଜଣ ଛାତ୍ର ଛାତ୍ରୀ ଏଥିରେ ଯୋଗ ଦେଇଥିଲେ। ଏହା ଦ୍ୱାରା ୨୦୨୫ ମାଟ୍ରିକ ଫଳାଫଳ ଅନୁସାରେ ଜିଲ୍ଲାର ସରକାରୀ ବିଦ୍ୟାଳୟ ସମେତ ସମସ୍ତ ବିଦ୍ୟାଳୟରେ ଏ୧ ଗ୍ରେଡ୍ ରେ ୨୨୩ ଜଣ, ଏ୨ ଗ୍ରେଡ୍ ରେ ୧୨୧୪, ବି୧ ଗ୍ରେଡ୍ ରେ ୩୪୦୪, ବି୨ ଗ୍ରେଡ୍ ରେ ୭୬୩୭, ସି ଗ୍ରେଡ୍ ରେ ୧୨୦୪୭, ଡ଼ି ଗ୍ରେଡ୍ ରେ ୧୨୨୮୭ ଓ ଇ ଗ୍ରେଡ୍ ରେ ୪୬୧୮ ଜଣ ଛାତ୍ର ଛାତ୍ରୀ ରହିଥିବା ବେଳେ ବିଗତ ୨୦୨୪ ପରୀକ୍ଷାରେ ଏ୧ ଗ୍ରେଡ୍‌ରେ ୨୦୧,ଏ୨ ଗ୍ରେଡ୍ ରେ ୧୧୧୧, ବି୧ ଗ୍ରେଡ୍ ରେ ୩୧୫୫, ବି୨ ଗ୍ରେଡ୍ ରେ ୫୭୫୯, ସି ଗ୍ରେଡ୍ ରେ ୧୧୨୪୪, ଡ଼ି ଗ୍ରେଡ଼ରେ ୧୩୦୭୭ ଓ ଇ ଗ୍ରେଡ ରେ ୮୪୩୭ ଜଣ ଛାତ୍ର ଛାତ୍ରୀ ସ୍ଥାନ ପାଇଥିଲେ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଜିଲ୍ଲା ରେ ୨୦୨୫ ମାଟ୍ରିକ ପରୀକ୍ଷାରେ ୨୦୨୪ ମାଟ୍ରିକ ପରୀକ୍ଷା ଅପେକ୍ଷା ଏ୧, ଏ୨, ବି୧, ବି୨ ଓ ସି ଗ୍ରେଡ୍ ରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି ଏବଂ ଡ଼ି ଓ ଇ ଗ୍ରେଡ୍‌ରେ ସଂଖ୍ୟା ଅପେକ୍ଷାକୃତ ହ୍ରାସ ପାଇଛି। ପ୍ରକାଶ ଥାଉ କି ଗଞ୍ଜାମ ଜିଲ୍ଲାର ସରକାରୀ ବିଦ୍ୟାଳଗୁଡ଼ିକରେ ଗତବର୍ଷ ଏ୧ ଗ୍ରେଡ୍‌ରେ ୬୧ ଜଣ ସ୍ଥାନ ପାଇଥିବା ବେଳେ ଏହି ବର୍ଷ ୭୪ ଜଣ ସ୍ଥାନ ପାଇଛନ୍ତି। ସେହିପରି ଏ୨ ଗ୍ରେଡ୍‌ରେ ୬୦୭ରୁ ବୃଦ୍ଧି ହୋଇ ୮୦୧ ଜଣ , ବି୧ ଗ୍ରେଡ୍ ରେ ଏହା ୨୫୪୭ରୁ ୨୮୭୬ ଜଣ , ବି୨ ଗ୍ରେଡ୍ ରେ ୫୨୭୬ ରୁ ବୃଦ୍ଧି ହୋଇ ୭୪୦୮ ଜଣ ଏବଂ ସି ଗ୍ରେଡ୍ ରେ ୧୦୯୧୯ରୁ ବୃଦ୍ଧି ହୋଇ ୧୧୫୯୮ ଜଣ ଛାତ୍ର ଛାତ୍ରୀ ସ୍ଥାନ ପାଇଛନ୍ତି ଯ ସେହିପରି ୨୦୨୪ ପରୀକ୍ଷାରେ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ଡ଼ି ଓ ଇ ଗ୍ରେଡ୍ ରେ ଯଥାକ୍ରମେ ୧୨୯୩୩ ଓ ୮୪୦୫ ଛାତ୍ର ଛାତ୍ରୀ ରହିଥିବା ବେଳେ, ଚଳିତ ବର୍ଷ ଏହି ସଂଖ୍ୟା ଅପେକ୍ଷାକୃତ ହ୍ରାସ ପାଇ ଡ଼ି ଓ ଇ ଗ୍ରେଡ୍ ରେ ୧୨୦୫୪ ଓ ୫୧୧୬ ଜଣ ଛାତ୍ର ଛାତ୍ରୀ ସ୍ଥାନ ପାଇଛନ୍ତି। ଏଣୁ ଅଧିକାଂଶ ଛାତ୍ର ଛାତ୍ରୀ ନିଜର କଠିନ ପରିଶ୍ରମ ଦ୍ୱାରା ଓ ବିଦ୍ୟାଳୟର ସ୍ୱତନ୍ତ୍ର ପ୍ରୟାସ ଦ୍ୱାରା ମାଟ୍ରିକ ପରୀକ୍ଷାରେ ପରବର୍ତ୍ତୀ ଗ୍ରେଡ୍‌କୁ ଉତ୍ତୀର୍ଣ୍ଣ ହୋଇଥିବା ଯୋଗୁଁ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣେଇବା ସହ ସମସ୍ତ ସହଯୋଗୀମାନଙ୍କୁ ସାଧୁବାଦ୍ ଜଣେଇଛନ୍ତି। ଆଗାମୀ ଦିନରେ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ୨୦୨୬ ମାଟ୍ରିକ ପରୀକ୍ଷାରେ ଭଲ ପ୍ରଦର୍ଶନ ପାଇଁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ସୂଚନା ଦେଇଛନ୍ତି।





# 'ଅପରେଶନ ସିନ୍ଦୁର' ପରେ ଧର୍ମଶାଳାରୁ ମୁମ୍ବାଇକୁ ସ୍ଥାନାନ୍ତରଣ ହେଲା ଆଇପିଏଲ ମ୍ୟାଚ୍



ମୁମ୍ବାଇ, ୭ା୫ (ହି.ସ): ଇଣ୍ଡିଆନ ପ୍ରିମିୟର ଲିଗ ୨୦୨୫ (ଆଇପିଏଲ ୨୦୨୫)ର ପଞ୍ଜାବ କିଙ୍ଗସ (ପିବିକେଏସ) ବନାମ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ମ୍ୟାଚ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ ଷ୍ଟାଡିୟମ, ଧର୍ମଶାଳାରୁ ସ୍ଥାନାନ୍ତର ହେବାର ସମ୍ଭାବନା ରହିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଧର୍ମଶାଳା ବିମାନବନ୍ଦର ବନ୍ଦ ହେବା ଯୋଗୁଁ ଉଭୟ ଦଳର ଯାତ୍ରା ବ୍ୟବସ୍ଥା ଉପରେ ପ୍ରଭାବ ପଡ଼ିବ। ଭାରତର 'ଅପରେସନ ସିନ୍ଦୁର' ସାମରିକ ଅଭିଯାନ, ଯାହା ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା, ପରେ ଉତ୍ତର-ପଶ୍ଚିମ ଭାରତର ଅନେକ ବିମାନବନ୍ଦରରେ ଉଡ଼ାଣ କାର୍ଯ୍ୟକ୍ଷମତା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରହିଛି। ତେଣୁ, ମେ ୧୧, ରବିବାର ଖେଳାଯିବାକୁ ଥିବା ଆଇପିଏଲ ୨୦୨୫ର ୬୧ ନମ୍ବର ମ୍ୟାଚ ପାଇଁ ଏମଆଇ ଏବଂ ପିବିକେଏସର ଯାତ୍ରା ବ୍ୟବସ୍ଥା ଉପରେ ବ୍ୟାପକ ପ୍ରଭାବ ପଡ଼ିଛି। ରିପୋର୍ଟ ଅନୁଯାୟୀ ଏହି ମ୍ୟାଚର ସ୍ଥାନ ଧର୍ମଶାଳାରୁ ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମକୁ ସ୍ଥାନାନ୍ତର କରିବା ନେଇ ଆଲୋଚନା ଚାଲିଛି। ଏହା ପୂର୍ବରୁ ରିପୋର୍ଟ ଆସିଥିଲ ଯେ ମୁମ୍ବାଇ ଇଣ୍ଡିଆନ୍ସ, ମେ ୮ ସୁଦ୍ଧା ଧର୍ମଶାଳାରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା, ସେମାନେ ବିକଳ୍ପ ଯାତ୍ରା ବ୍ୟବସ୍ଥା ଖୋଜୁଛନ୍ତି। ଧର୍ମଶାଳା ଏବଂ ଚଣ୍ଡିଗଡ଼ ବିମାନବନ୍ଦର ବନ୍ଦ ଥିବାରୁ, ଦଳଟି ଦିଲ୍ଲୀକୁ ଉଡ଼ାଣ କରି ରାସ୍ତା ମାର୍ଗରେ ଯାତ୍ରା ସମ୍ପୂର୍ଣ୍ଣ କରିପାରେ, ଯଦିଓ ଏକ ଆଧିକାରିକ ଅପଡେଟର ଅପେକ୍ଷା ରହିଛି। ତେବେ ଅପରେସନ ସିନ୍ଦୁର ପରେ ଆଞ୍ଚଳିକ ଯାତାୟାତ ବାଧା ସତ୍ତ୍ୱେ, ମେ ୮ ତାରିଖରେ ନିର୍ଦ୍ଧାରିତ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ପଞ୍ଜାବ କିଙ୍ଗସ ମ୍ୟାଚ ଯୋଜନା ଅନୁସାରେ ଆଗେଇ ଚାଲିବ। କାରଣ ଦିଲ୍ଲୀ ସ୍ଥାନୀୟ ବିମାନବନ୍ଦର ବନ୍ଦ ହେବା ପୂର୍ବରୁ ଧର୍ମଶାଳାରେ ପହଞ୍ଚି ସାରିଥିଲା। ତଥାପି, ଉତ୍ତର-ପଶ୍ଚିମ ଭାରତର ବିମାନବନ୍ଦରଗୁଡ଼ିକ ବନ୍ଦ ରହିଥିବାରୁ, ଦିଲ୍ଲୀ କ୍ୟାପିଟାଲ୍ସ ମେ ୧୧ ତାରିଖରେ ଗୁଜରାଟ ଟାଇଟାନ୍ସ ବିରୁଦ୍ଧରେ ଖେଳିବା ପାଇଁ ଧର୍ମଶାଳାରୁ ନୂଆ ଦିଲ୍ଲୀକୁ ରାସ୍ତା ମାର୍ଗରେ ଯାତ୍ରା କରିବାକୁ ଆଶା କରାଯାଉଛି।

# ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କଲେ ରୋହିତ ଶର୍ମା



ମୁମ୍ବାଇ, ୭ା୫ (ହି.ସ): ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫି ପରେ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି, ଯେଉଁଠାରେ ତାଙ୍କର ପ୍ରଦର୍ଶନ ନିରାଶାଜନକ ଥିଲା। ତିନୋଟି ଟେଷ୍ଟରେ ମାତ୍ର ୩୧ ରନ୍ ସଂଗ୍ରହ କରିଥିବା ରୋହିତଙ୍କ ଫର୍ମ ଏବଂ ଅଧିନାୟକତ୍ୱ ଉପରେ ପ୍ରଶ୍ନ ଉଠିଥିଲା। ରୋହିତ ସିଡନୀରେ ଚଳିତ ବର୍ଷର ପଞ୍ଚମ ଟେଷ୍ଟରେ ଖେଳି ନଥିଲେ, ଯେଉଁ ନିଷ୍ପତ୍ତି ସେ ଫର୍ମରେ ନ ଥିବା କାରଣରୁ ନେଇଥିଲେ। ସେ ଷ୍ଟାର ସ୍ପୋର୍ଟସକୁ ଦେଇଥିବା ଏକ ସାକ୍ଷାତକାରରେ ସ୍ପଷ୍ଟ କରିଥିଲେ ଯେ ଏହା ଅବସର ନୁହେଁ, ବରଂ ଦଳର ଆବଶ୍ୟକତା ଅନୁଯାୟୀ ଏକ ମ୍ୟାଚ ପାଇଁ ଏହି ନିଷ୍ପତ୍ତି। ସେ କହିଥିଲେ, ମୁଁ ଅବସର ନେଇ ନାହିଁ। ମୁଁ ଏହି ମ୍ୟାଚରୁ ବାହାରେ ଅଛି କାରଣ ମୋ ବ୍ୟାଟ୍ ଚାଲୁ ନାହିଁ। ଦଳକୁ ଫର୍ମରେ ଥିବା ଖେଳାଳି ଦରକାର। ମେଲବର୍ନ ଟେଷ୍ଟରେ ଭାରତର ୧୮୪ ରନରେ ପରାଜୟ ପରେ ରୋହିତ ଅବସର ନେବାକୁ ମନସ୍ଥ କରିଥିଲେ। କିନ୍ତୁ ତାଙ୍କର ଘନିଷ୍ଠ ବ୍ୟକ୍ତିମାନଙ୍କ ପରାମର୍ଶରେ ସେ ଏହି ନିଷ୍ପତ୍ତି ସ୍ଥଗିତ ରଖିଥିଲେ। ଏହି ପରିବର୍ତ୍ତନ ଭାରତୀୟ କୋଚ ଗୌତମ ଗମ୍ଭୀରଙ୍କୁ ସନ୍ତୁଷ୍ଟ କରି ନଥିଲା ବୋଲି ରିପୋର୍ଟରେ ଦାବି କରାଯାଇଛି। ୩୭ ବର୍ଷୀୟ ରୋହିତ ୨୦୧୩ରେ ଟେଷ୍ଟ କ୍ରିକେଟରେ ପଦାର୍ପଣ କରିଥିଲେ। ସେ ୫୯ ଟେଷ୍ଟରେ ୪,୧୩୭ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ୧୨ଟି ଶତକ ଓ ୧୭ଟି ଅର୍ଦ୍ଧଶତକ ରହିଛି। ତାଙ୍କର ସର୍ବୋତ୍ତମ ସ୍କୋର ୨୧୨। ଅଧିନାୟକ ଭାବେ ସେ ଭାରତକୁ ୨୦୨୪ ଟି-୨୦ ବିଶ୍ୱକପ ଓ ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ବିଜୟୀ କରାଇଛନ୍ତି। ତେବେ, ୨୦୨୪ରେ ତାଙ୍କର ଟେଷ୍ଟ ପ୍ରଦର୍ଶନ ମାତ୍ର ୨୪.୭୬ ହାରାହାରିରେ ୬୧୯ ରନ୍ ଥିଲା। ରୋହିତ ପୂର୍ବରୁ ୨୦୨୪ ଟି-୨୦ ବିଶ୍ୱକପ ପରେ ଟି-୨୦ ଆନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ସେ ଏବେ ଦିନିକିଆ ଫର୍ମାଟରେ ଖେଳିବା ଜାରି ରଖିବେ ବୋଲି ସ୍ପଷ୍ଟ କରିଛନ୍ତି। ୨୦୨୫ ଚାମ୍ପିୟନ୍ସ ଟ୍ରଫି ବିଜୟ ପରେ ସେ କହିଥିଲେ, ମୁଁ ଏହି ଫର୍ମାଟରୁ ଅବସର ନେଉ ନାହିଁ। ତାଙ୍କର ଫୋକସ ଏବେ ଆଗାମୀ ଦିନିକିଆ ବିଶ୍ୱକପ ୨୦୨୭ ଉପରେ ରହିପାରେ।

# ଇତିହାସ ରଚିଲେ ସୂର୍ଯ୍ୟକୁମାର ଯାଦବ

## ସଚିନଙ୍କୁ ପଛରେ ପକାଇ ଆଇପିଏଲରେ କଲେ ରେକର୍ଡ



ମୁମ୍ବାଇ, ୭ା୫ (ହି.ସ): ଆଇପିଏଲ ୨୦୨୫ର ୫୬ତମ ମ୍ୟାଚ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଟାଇଟାନ୍ସ ମଧ୍ୟରେ ହୋଇଛି। ଏହି ମ୍ୟାଚରେ ସୂର୍ଯ୍ୟକୁମାର ଯାଦବ ଏକ ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କ ପୂର୍ବରୁ, ଆଜି ପର୍ଯ୍ୟନ୍ତ କୌଣସି ଖେଳାଳି ମୁମ୍ବାଇ ପାଇଁ ଏହା କରିପାରି ନଥିଲେ। ସୂର୍ଯ୍ୟକୁମାର ଯାଦବ ଏହି ସିଜିନରେ ବହୁତ ଭଲ ଫର୍ମରେ ଅଛନ୍ତି। ଗୁଜରାଟ ବିପକ୍ଷ ଏହି ମ୍ୟାଚରେ ସେ ୩୫ ରନର ଏକ ଇନିଂସ ଖେଳିଥିଲେ ଏବଂ ଏହି ସମୟରେ ସେ ସଚିନ ତେନ୍ଦୁଲକରଙ୍କ ଏକ ବଡ଼ ରେକର୍ଡ ଭାଙ୍ଗିଥିଲେ। ସୂର୍ଯ୍ୟକୁମାର ଏହି ସିଜିନରେ ୩୫ ରନର ଇନିଂସ କରିବା ସହ ୫୦୦ ରନ ଅତିକ୍ରମ କରିଥିଲେ। ସେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ସର୍ବାଧିକ ଥର ଗୋଟିଏ ସିଜିନରେ ୫୦୦ କିମ୍ବା ତା'ଠାରୁ ଅଧିକ ରନ୍ କରିଥିବା ବ୍ୟାଟର ହୋଇଯାଇଛନ୍ତି। ଏହା ପୂର୍ବରୁ ସେ ୨୦୧୮ ଏବଂ ୨୦୨୩ ଆଇପିଏଲ ସିଜିନରେ ୫୦୦ରୁ ଅଧିକ ରନ କରିଥିଲେ। ଏହା ତୃତୀୟ ଥର ଯେତେବେଳେ ସୂର୍ଯ୍ୟକୁମାର ଯାଦବ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଗୋଟିଏ ସିଜିନରେ ୫୦୦ କିମ୍ବା ତା'ଠାରୁ ଅଧିକ ରନ କରିଛନ୍ତି। ଯେଉଁଠାରେ କିମ୍ବଦନ୍ତୀ ବ୍ୟାଟର ସଚିନ ତେନ୍ଦୁଲକର ୨୦୧୦ ଏବଂ ୨୦୧୧ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ୫୦୦ରୁ ଅଧିକ ରନ୍ କରିଥିଲେ। କ୍ୱିଣ୍ଟନ୍ ଡି କକ୍ ମଧ୍ୟ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଦୁଇଟି ସିଜିନରେ ୫୦୦ରୁ ଅଧିକ ରନ୍ କରିଥିଲେ। ସେ ୨୦୧୯ ଏବଂ ୨୦୨୦ ମସିହାରେ ଏହି ସଫଳତା ହାସଲ କରିଥିଲେ। ଆଇପିଏଲ ୨୦୨୫ ରେ ସର୍ବାଧିକ ରନ ସ୍କୋରରଙ୍କ ତାଲିକାରେ ସୂର୍ଯ୍ୟକୁମାର ଯାଦବ ନମ୍ବର ୧ରେ ଅଛନ୍ତି। ସେ ୧୨ଟି ମ୍ୟାଚରେ ୫୧୦ ରନ କରିଛନ୍ତି। ସେ ଏପର୍ଯ୍ୟନ୍ତ ୩ଟି ଅର୍ଦ୍ଧଶତକ ମାରିସାରିଛନ୍ତି। ଦ୍ୱିତୀୟ ସ୍ଥାନରେ ବିରାଟ କୋହଲି ଅଛନ୍ତି, ଯିଏ ୫୦୫ ରନ୍ କରିଛନ୍ତି। ତୃତୀୟ ସ୍ଥାନରେ ସାଇ ସୁଦର୍ଶନ ଅଛନ୍ତି, ଯିଏ ଏପର୍ଯ୍ୟନ୍ତ ୫୦୪ ରନ୍ କରିଛନ୍ତି।

# ଅଧିନାୟକ ପଦ ଛାଡ଼ିବା ଉପରେ ମୁହଁ ଖୋଲିଲେ ବିରାଟ



ବେଙ୍ଗାଲୁରୁ, ୭ା୫ (ହି.ସ): ଆଥଲେଟ୍‌ଙ୍କ ଜୀବନରେ ଏମିତି ସମୟ ଆସେ, ଯେତେବେଳେ ସମର୍ଥକଙ୍କ ଆଶା ଆହୁରି ଭଲ ପ୍ରଦର୍ଶନ କରିବାକୁ ମୋଟିଭେଶନ ଯୋଗାଇବା ବଦଳରେ ଏକ ବୋଝ ପାଲଟିଯାଏ। ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ କ୍ୟାରିୟରରେ ୨୦୧୬ରୁ ୨୦୧୯ ମଧ୍ୟରେ ସେଭଳି ସମୟ ଆସିଥିଲା। ଏହି ବୋଝ ଅତ୍ୟଧିକ ହେବାରୁ କୋହଲି ଭାରତୀୟ ଦଳ ଓ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ଅଧିନାୟକ ପଦ ଛାଡ଼ିଥିଲେ। ଏ ନେଇ କୋହଲି ଆରସିବି ପଡକାଷ୍ଟରେ ପ୍ରକାଶ କରିଛନ୍ତି। ୮ରୁ ୯ ବର୍ଷ ହେଲା ଭାରତୀୟ ଦଳ ଓ ୯ ବର୍ଷ ଧରି ଆରସିବି ଦଳର ନେତୃତ୍ୱ ନେଉଥିଲି। ଏଥିସହିତ ପ୍ରତ୍ୟେକ ମ୍ୟାଚରେ ମୁଁ ବ୍ୟାଟରେ ପ୍ରଦର୍ଶନ କରିବି ବୋଲି ସମର୍ଥକଙ୍କ ଆଶା ମଧ୍ୟ ରହିଥିଲା। ଏହା ଅତ୍ୟଧିକ ହୋଇଯାଇଥିଲା। ଏହାକୁ ନେଇ ଅତ୍ୟଧିକ ଚର୍ଚ୍ଚା ଓ ତୀବ୍ରତା ଯୋଗୁ ମୋ ପାଖରେ ନିଶ୍ୱାସ ନେବାକୁ ସ୍ଥାନ ମିଳୁ ନ ଥିଲା। ମୁଁ କଦାପି ଚର୍ଚ୍ଚାରେ ନ ଥିବା ଭଳି ଅନୁଭବ କରିନାହିଁ। ଲଗାତର ମୋ ନେତୃତ୍ୱ ଓ ପ୍ରଦର୍ଶନକୁ ସମୀକ୍ଷା କରାଯାଉଥିଲା। ଶେଷରେ ମୋତେ ନିଜକୁ ପଚାରିବାକୁ ପଡ଼ିଥିଲା ଯେ, ମୁଁ ଏବେ ବି ଖୁସି ଅଛି କି। ମୁଁ ଏହାକୁ ଜାରି ରଖିବାକୁ ଚାହୁଁଛି କି' ବୋଲି କୋହଲି କହିଛନ୍ତି। ୨୦୨୧ ଆଇପିଏଲ୍ ଶେଷ ହେବା ପରେ କୋହଲି ଆରସିବି ନେତୃତ୍ୱରୁ ଓହରି ଯାଇଥିଲେ। ଏହାପରେ ସେ ଭାରତୀୟ ଟି-୨୦ ଦଳର ନେତୃତ୍ୱ ମଧ୍ୟ ଛାଡ଼ିବା ପରେ ତାଙ୍କୁ ଦିନିକିଆ ଦଳର ନେତୃତ୍ୱରୁ ବିସିସିଆଇ ହଟାଇଥିଲା। ୨୦୨୨ ଆରମ୍ଭରେ କୋହଲି ଟେଷ୍ଟ ଦଳର ନେତୃତ୍ୱ ମଧ୍ୟ ଛାଡ଼ିଥିଲେ।

# ମାଡୋନାଙ୍କୁ ପଛରେ ପକାଇଲେ ଲେଡି ଗାଗା

## କନ୍ସର୍ଟ ଦେଖିଲେ ୨୫ ଲକ୍ଷ ଲୋକ



ନୂଆଦିଲ୍ଲୀ, ୭ା୫ (ହି.ସ): ବ୍ରାଜିଲର ରିଓ ଡି ଜେନେରିଓସ୍ଥିତ ପ୍ରସିଦ୍ଧ କୋପାକାବାନା ବେଳାଭୂମି ଶନିବାର ଏକ ଐତିହାସିକ କାର୍ଯ୍ୟକ୍ରମର ମୂକସାକ୍ଷୀ ରହିଥିଲା। ସେଠାରେ ପପ୍ ସୁପରଷ୍ଟାର ଲେଡି ଗାଗାଙ୍କର ମାଗଣା କନ୍ସର୍ଟରେ ପ୍ରାୟ ୨୫ ଲକ୍ଷ ଲୋକ ସାମିଲ ହୋଇଥିଲେ। ଏହା କୌଣସି ମହିଳା କଳାକାରଙ୍କ କନସର୍ଟରେ ସର୍ବାଧିକ ଭିଡ଼। ଏହି ଧମାକାଦାର ପ୍ରଦର୍ଶନ ଜରିଆରେ ଲେଡି ଗାଗା ମାଡୋନାଙ୍କର ପୂର୍ବ ରେକର୍ଡ ଭାଙ୍ଗି ଇତିହାସ ସୃଷ୍ଟି କରିଛନ୍ତି। ପ୍ରାୟ ୧୦ ବର୍ଷ ପରେ ବ୍ରାଜିଲରେ ଲେଡି ଗାଗାଙ୍କର ଏହା ପ୍ରଥମ କନ୍ସର୍ଟ ଥିଲା। ନିଜର ୨୦୧୧ର ହିଟ୍ ଗୀତ ବ୍ଲଡି ମ୍ୟାରି ସହିତ କନ୍ସର୍ଟର ଆରମ୍ଭ କରିଥିଲେ ଲେଡି ଗାଗା। ଏହାପରେ ସେ ନିଜର ପୁରୁଣା କ୍ଲାସିକ୍ ଗୀତ ଓ ନିକଟରେ ରିଲିଜ୍ ହୋଇଥିବା ଆଲବମ୍ 'ମେହମ୍'ର ଗୀତରେ ଧମାକାଦାର ପ୍ରଦର୍ଶନ ଦେଇଥିଲେ। ଏଥିସହ ଦର୍ଶକମାନେ ତାଳି ମାରି ଝୁମିଥିଲେ। ନିଜର ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଏହି ସ୍ୱତନ୍ତ୍ର ମୁହୂର୍ତ୍ତ ସଂପର୍କରେ ଲେଡି ଗାଗା ଲେଖିଛନ୍ତି, ଶନିବାର ରାତିରେ ଶୋ' ସମୟରେ ଯେଉଁ ଅନୁଭବ ହେଲା ସେଥିଲାଗି ପ୍ରସ୍ତୁତ ନଥିଲି। ବ୍ରାଜିଲ ଲୋକଙ୍କ ଲାଗି ଗାଇବା ସମୟରେ ମୋତେ ଯେଉଁ ଗର୍ବ ଓ ଖୁସି ଅନୁଭବ ହେଲା ତାକୁ ଶବ୍ଦରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ। ଗୀତ ଆରମ୍ଭ କରିବା ସମୟରେ ଭିଡ଼କୁ ଦେଖି ଶ୍ୱାସକ୍ରିୟା ଅଟକିଗଲା ଭଳି ଲାଗିଲା। ୨୫ ଲକ୍ଷ ଲୋକ ମୋତେ ଦେଖିବାକୁ ଆସିଥିଲେ ଯାହାକି କୌଣସି ମହିଳା କଳାକାରଙ୍କ ଲାଗି ସବୁଠୁ ବଡ଼ ରେକର୍ଡ। ଏହି ଖୁସି ବିଶ୍ୱର ପ୍ରତି କୋଣ ଅନୁକୋଣରେ ପହଞ୍ଚୁ ବୋଲି ଚାହୁଁଛି। ଏଥିସହ ଏତେସଂଖ୍ୟକ ଲୋକ ତାଙ୍କ କନ୍ସର୍ଟରେ ପହଞ୍ଚିବା ଯୋଗୁ ସେ ଧନ୍ୟବାଦ ମଧ୍ୟ ଦେଇଥିଲେ। କନ୍ସର୍ଟର ଆୟୋଜକଙ୍କ ଅନୁସାରେ ଲେଡି ଗାଗାଙ୍କ ପୂର୍ବରୁ ଏହି ରେକର୍ଡ ମାଡୋନାଙ୍କ ନାମରେ ଥିଲା। ୬୬ ବର୍ଷୀୟ ମାଡୋନା ସମାନ ସ୍ଥାନରେ ୧୬ ଲକ୍ଷ ଦର୍ଶକଙ୍କ ସହିତ ସବୁଠୁ ବଡ଼ କନ୍ସର୍ଟର ରେକର୍ଡ କରିଥିଲେ। ଗତ ବର୍ଷ ମେ ମାସରେ ସେହି ମାଗଣା କନ୍ସର୍ଟ ଆୟୋଜିତ ହୋଇଥିଲା।

# ବିରାଟଙ୍କୁ ଜୋକର୍ କହିଲେ ରାହୁଲ ବୈଦ୍ୟ

ନୂଆଦିଲ୍ଲୀ, ୭ା୫ (ହି.ସ): ଭାରତର ଷ୍ଟାର କ୍ରିକେଟର ବିରାଟ କୋହଲି କିଛି ଦିନ ପୂର୍ବରୁ ଅଭିନେତ୍ରୀ ଅବନୀତ କୌରଙ୍କ ଇନଷ୍ଟାଗ୍ରାମ ଫଟୋରେ ଦେଇଥିବା ଲାଇକ୍ ଉପରେ ସ୍ପଷ୍ଟୀକରଣ ଦେଇଥିଲେ। ସେ କହିଥିଲେ ଯେ, ସେ ଜାଣିଶୁଣି ତାଙ୍କ ଫଟୋକୁ ପସନ୍ଦ କରିନଥିଲେ ବରଂ ଏହା ଆଲଗୋରିଦମ ଯୋଗୁଁ ଘଟିଥିଲା। ପରେ ଗାୟକ ରାହୁଲ ବୈଦ୍ୟ ଆଇପିଏଲ ୨୦୨୫ରେ ଆରସିବି ପାଇଁ ଖେଳୁଥିବା କୋହଲିଙ୍କ ଏହି ଦାବି ଉପରେ ପ୍ରଶ୍ନ ଉଠାଇ ତାଙ୍କୁ ଟ୍ରୋଲ ମଧ୍ୟ କରିଥିଲେ। ବିରାଟଙ୍କୁ ଟ୍ରୋଲ କରିବା ପରେ ଏବେ ବିରାଟଙ୍କ ପ୍ରଶଂସକ ରାହୁଲଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି। ରାହୁଲ ତାଙ୍କ ଇନଷ୍ଟାଗ୍ରାମରେ ଏକ ଷ୍ଟୋରୀ ସେୟାର କରି ବିରାଟ କୋହଲିଙ୍କ ସ୍ପଷ୍ଟୀକରଣର ମଜା ଉଡାଇଥିଲେ। ସେ ଲେଖିଥିଲେ ଯେ, ମୁଁ ଆଜି କହିବାକୁ ଚାହୁଁଛି; ଆଜି ପରଠାରୁ ମୁଁ ଚାହୁନଥିବା ଫଟୋ ଆଲଗୋରିଦମ ପସନ୍ଦ କରିପାରେ। ଦୟାକରି ଏହାକୁ ନେଇ ପିଆର୍ କରନାହିଁ। କାରଣ ଏହା ମୋର ଦୋଷ ନୁହେଁ। ଏହା ଇନଷ୍ଟାଗ୍ରାମର ଦୋଷ। ବିରାଟ ତାଙ୍କୁ ବ୍ଲକ୍ କରିବା ଘଟଣାକୁ ନେଇ ମଧ୍ୟ ରାହୁଲ ଥଟ୍ଟା କରିଥିଲେ। ସେ ଲେଖିଥିଲେ, ବନ୍ଧୁଗଣ, ବିରାଟ କୋହଲି ମୋତେ ବ୍ଲକ୍ କରିଛନ୍ତି। ତୁମେ ସମସ୍ତେ ଏହା ଜାଣ। ତେଣୁ ମୁଁ ଭାବୁଛି ଏହା ମଧ୍ୟ ଇନଷ୍ଟାଗ୍ରାମର ତ୍ରୁଟି ପାଇଁ ହୋଇଥିବ। ବିରାଟ କୋହଲି ହୁଏତ ମୋତେ ବ୍ଲକ୍ କରିନଥିବେ। ଇନଷ୍ଟାଗ୍ରାମର ଆଲଗୋରିଦମ ହୁଏତ ଏହା କରିଥିବ। ତାଙ୍କର ଭଳି ମଜାକକୁ ସହ୍ୟ ନକରିପାରି ବିରାଟଙ୍କ ପ୍ରଶଂସକ ତାଙ୍କୁ ଏବଂ ତାଙ୍କ ପରିବାରକୁ ଧମକ ଦେଇଥିଲେ। ହେଲେ ଚୁପ୍ ନରହି ରାହୁଲ ବିରାଟଙ୍କୁ ସମର୍ଥନ କରୁଥିବା ପ୍ରଶଂସକ ଜୋକର ବୋଲି କହିଦେଇଥିଲେ। ନିଜର ଆଉ ଏକ ଇନଷ୍ଟା ଷ୍ଟୋରୀରେ ସେ ଲେଖିଥିଲେ, ତୁମେ ମୋତେ ଖରାପ ବ୍ୟବହାର କରୁଛ, ଠିକ୍ ଅଛି। କିନ୍ତୁ ମୋ ସ୍ତ୍ରୀ ଏବଂ ମୋ ଭଉଣୀଙ୍କୁ ମଧ୍ୟ ତୁମେମାନେ ଗାଳିଗୁଲଜ କରୁଛ, ଯେଉଁମାନଙ୍କର ଏଥିରେ କୌଣସି ସମ୍ପର୍କ ନାହିଁ। ତେଣୁ ମୁଁ ଭାବୁଛି ବିରାଟ କୋହଲିଙ୍କ ପ୍ରଶଂସକମାନେ ତାଙ୍କଠାରୁ ବି ବହୁତ ବଡ଼ ଜୋକର୍। ତେବେ ନିଜ ସଫେଇରେ ବିରାଟ କହିଥିଲେ ଯେ, ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ, ଇନଷ୍ଟା ଫିଡ୍ ସଫା କରିବା ସମୟରେ ବୋଧହୁଏ 'ଆଲଗୋରିଦମ' ଭୁଲବଶତଃ ଏହା କରିଛି। ଏହା ପଛରେ ମୋର କୌଣସି ଉଦ୍ଦେଶ୍ୟ ନାହିଁ। ମୁଁ ଆପଣ ସମସ୍ତଙ୍କୁ ଅନୁରୋଧ କରୁଛି ଯେ, କୌଣସି ଅନାବଶ୍ୟକ ଅନୁମାନ କରନ୍ତୁ ନାହିଁ। ଜିନିଷଗୁଡ଼ିକ ବୁଝିବା ପାଇଁ ଧନ୍ୟବାଦ।

# ବଲିଉଡକୁ କାହିଁକି ଚୋର କହିଲେ ନୱାଜୁଦ୍ଦିନ

ମୁମ୍ବାଇ, ୭ା୫ (ହି.ସ): ଅଭିନେତା ନୱାଜୁଦ୍ଦିନ ସିଦ୍ଦିକି ବଲିଉଡ ଇଣ୍ଡଷ୍ଟ୍ରିର ସେହି ଅଭିନେତାମାନଙ୍କ ମଧ୍ୟରୁ ଜଣେ ଯିଏ ନିଜ ଅଭିନୟ ବଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ 'ଗ୍ୟାଙ୍ଗସ୍ ଅଫ୍ ୱାସେପୁର', 'କିକ୍', 'ବଜରଙ୍ଗୀ ଭାଇଜାନ' ଭଳି ଅନେକ ବଡ଼ ଫିଲ୍ମରେ ନିଜ ଅଭିନୟ ଦକ୍ଷତା ଦେଖାଇଛନ୍ତି। ଏବେ ତାଙ୍କର ଆଉ ଏକ ବୟାନ ଚର୍ଚ୍ଚାରେ ରହିଛି। ଏବେ ନୱାଜୁଦ୍ଦିନ ତାଙ୍କର ନୂଆ ଫିଲ୍ମ 'କାଷ୍ଟାଓ'ର ପ୍ରଚାର କରୁଛନ୍ତି। ଏହି ସମୟରେ, ତାଙ୍କୁ ଅନେକ ସାକ୍ଷାତକାରରେ ଦେଖିବାକୁ ମିଳିଛି। ଫିଲ୍ମର ପ୍ରଚାର ବେଳେ ଏକ ସାକ୍ଷାତକାରରେ ବଲିଉଡ୍ ଇଣ୍ଡଷ୍ଟ୍ରିକୁ ଚୋର ବୋଲି କହିଛନ୍ତି ନୱାଜ୍, ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏକ ସାକ୍ଷାତକାର ସମୟରେ, ଅଭିନେତା ବାରମ୍ବାର ସମାନ ବିଷୟକୁ ନେଇ ଫିଲ୍ମ ତିଆରି କରିବା ନେଇ ବଲିଉଡ୍ ଇଣ୍ଡଷ୍ଟ୍ରିକୁ ସମାଲୋଚନା କରିଛନ୍ତି। ତାଙ୍କ କହିବା ମୁତାବକ, ଆମ ଇଣ୍ଡଷ୍ଟ୍ରିରେ ପାଞ୍ଚ ବର୍ଷ ଧରି ସମାନ ବିଷୟ ବାରମ୍ବାର ପୁନରାବୃତ୍ତି ହୁଏ। ଯେତେବେଳେ ଦର୍ଶକମାନେ ଏଥିରେ ବିରକ୍ତ ହୋଇଯାଆନ୍ତି, ସେତେବେଳେ ନିର୍ମାତା ସେହି ଜିନିଷ ପଛରେ ପଡ଼ିବା ଛାଡି ଦିଅନ୍ତି। ପ୍ରକୃତରେ, ସମସ୍ତଙ୍କ ଭିତରେ ଏକ ଭୟ ଅଛି। ସେମାନେ ଭାବନ୍ତି ଯେ ଯଦି ଗୋଟାଏ ପ୍ରକାରର ଫିଲ୍ମ ଦର୍ଶକ ପସନ୍ଦ କରୁଛନ୍ତି, ସେହି ପ୍ରକାରର ଫିଲ୍ମ ହିଁ ତିଆରି ହେବା ଉଚିତ। ଆହୁରି ଖରାପ କଥା ହେଉଛି ଯେ, ଗୋଟିଏ ଫିଲ୍ମର ୨, ୩, ୪ଟି ସିକ୍ୱେଲ୍ ହେବା ଆରମ୍ଭ ହୋଇଗଲାଣି। ଆମ ଶିଳ୍ପ ଆରମ୍ଭରୁ ଚୋର ହୋଇ ରହିଆସିଛି। ଆମେ ଗୀତ ଏବଂ କାହାଣୀ ଚୋରି କରିଛୁ। ଏବେ ଯେଉଁମାନେ ଚୋର, ସେମାନେ କିପରି ସୃଜନଶୀଳ ହୋଇପାରିବେ ? ତାଙ୍କର ଏଭଳି ବୟାନକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି।




କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik